RNI No.ODIODI/2010/33031
୧୭ ବର୍ଷ Volume-17
ISSUE -213 ସଂଖ୍ୟା-୨୧୩
ଭୁବନେଶ୍ୱର, ମଙ୍ଗଳବାର ୧୦ ନଭେମ୍ବର ୨୦୨୬
Bhubaneswar, Tuesday 10 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



କ୍ୟାବିନେଟ୍ ବୈଠକରେ ମୋଟ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ

ଭୁବନେଶ୍ୱର,୯।୧୧(ନି.ପ୍ର.):ପଂଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ମୋହନ ମାଝୀଙ୍କ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀ ଯୁବପିଢ଼ିଙ୍କୁ ପ୍ରାଥମିକତା ଦେଇ ରାଜ୍ୟ ସରକାର କ୍ୟାମ୍ପସରେ ଦୈନିକ ୧ଜିବି ଡାଟା ସହ ମାଗଣା ୱାଇଫାଇ ଏବଂ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରୁ ଆଟେମ୍ପ୍ଟ କଟକଣାକୁ ହଟାଇ ଦେଇଛନ୍ତି। ଆବଶ୍ୟକ ଯୋଗ୍ୟତା ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନେ ଏଣିକି ବିନା କୌଣସି 'ପ୍ରୟାସ' ସୀମାରେ ଯେତେଥର ଚାହିଁବେ ପରୀକ୍ଷା ଦେଇପାରିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାତିରେ ଲୋକସେବା ଭବନରେ ରାଜ୍ୟ ମନ୍ତ୍ରିପରିଷଦ ଓ ପରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ମନ୍ତ୍ରିପରିଷଦ ବୈଠକରେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅତିରିକ୍ତ ଚିଠା ବଜେଟକୁ ଅନୁମୋଦନ ମିଳିଛି। ଏହାସହିତ କ୍ୟାବିନେଟ୍ ବୈଠକରେ ମୋଟ ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏ ସମ୍ପର୍କରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ , ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଡିଜିଟାଲସ୍ତରରେ ସଶକ୍ତ କରିବା ଓ ଗ୍ରାମାଂଚଳ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ପିଲାମାନଙ୍କ ମଧ୍ୟରେ ଥିବା ଡିଜିଟାଲ୍ ବିଭାଜନକୁ ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଫ୍ଲାଗସିପ୍ ଯୋଜନା 'ଓଡ଼ିଶା ଶିକ୍ଷାନେଟ୍'କୁ ଅନୁମୋଦନ ଦେଇଛନ୍ତି।

୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୨୮-୨୯ ପର୍ଯ୍ୟନ୍ତ ମୋଟ୍ ୩ବର୍ଷ ଅବଧି ପାଇଁ ଏହି ଯୋଜନା ବାବଦରେ ୩୯୩.୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ନୂଆ ବ୍ୟବସ୍ଥା ଅଧୀନରେ ଓଡ଼ିଶାର ୬୦୧ଟି ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟକୁ ନିଶୁଳ୍କ, ସୁରକ୍ଷିତ ତଥା ହାଇସ୍ପିଡ୍ ୱାଇଫାଇ ସଂଯୋଗୀକରଣ ଯୋଗାଇ ଦିଆଯିବ। କଲେଜ କ୍ୟାମ୍ପସ ମଧ୍ୟରେ ଅଧ୍ୟୟନରତ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଶୈକ୍ଷିକ, ଗବେଷଣା ଓ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ପ୍ରତିଦିନ ୧ ଜିବି ପର୍ଯ୍ୟନ୍ତ ନିଶୁଳ୍କ ଇଣ୍ଟରନେଟ୍ ଡାଟା ଉପଭୋଗ



କରିପାରିବେ। ଏହାଦ୍ୱାରା ୬ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ସିଧାସଳଖ ଉପକୃତ ହେବାସହ ଇ-ବୁକ୍, ଡିଜିଟାଲ୍ ଲାଇବ୍ରେରୀ, ଭର୍ଚୁଆଲ୍ କ୍ଲାସରୁମ୍ ଓ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ସହଜସାଧ୍ୟ ହୋଇପାରିବ।

ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ) ପରୀକ୍ଷାରେ ଥିବା ଆଟେମ୍ପଟ' କଟକଣାକୁ ହଟାଇ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଓଡ଼ିଶା ସିଭିଲ ସର୍ଭିସ ଚାକିରି ଆଶାୟୀ ପ୍ରାର୍ଥୀମାନେ କରିଆସୁଥିବା ଦାବି ଉପରେ ସରକାର ସହାନୁଭୂତିର ସହ ମୋହର ଲଗାଇଛନ୍ତି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନସ୍ଥ 'ଓଡ଼ିଶା ସିଭିଲ ସର୍ଭିସେସ୍ (ସମନ୍ୱିତ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା) ନିୟମାବଳୀ, ୧୯୯୧'ରେ ବଡ଼ ସଂଶୋଧନ କରାଯାଇ ଓସିଏସ୍ ପରୀକ୍ଷାରେ ଅଂଶଗ୍ରହଣ ଲାଗି ଥିବା ଆଟେମ୍ପ୍ଟ ବା 'ପ୍ରୟାସ ସଂଖ୍ୟା' କଟକଣାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଏହି ନିଷ୍ପତ୍ତି ଫଳରେ ନିର୍ଦ୍ଧାରିତ ବୟସ ଓ ଅନ୍ୟାନ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ପୂରଣ କରୁଥିବା ଆଶାୟୀ ପ୍ରାର୍ଥୀମାନେ ବିନା କୌଣସି ପ୍ରୟାସ ସୀମାରେ ଯେତେ ଥର ଚାହିଁବେ ପରୀକ୍ଷାରେ ଅବତୀର୍ଣ୍ଣ ହୋଇପାରିବେ। ଏହା ମେଧାବୀ ପ୍ରାର୍ଥୀମାନଙ୍କୁ ଚାପମୁକ୍ତ ପରିବେଶରେ ନିଜ ଦକ୍ଷତା ପ୍ରଦର୍ଶନ କରିବା ସହ ଅଧିକ ନ୍ୟାୟସଙ୍ଗତ ଓ ସମାନ ସୁଯୋଗ ସୁନିଶ୍ଚିତ କରିବ।

ସେହିପରି ରାଜ୍ୟ କ୍ୟାବିନେଟ୍ ଆଜି ଖରିଫ ବିପଣନ ଋତୁ ୨୦୨୬-୨୭ ପାଇଁ ବ୍ୟାପକ ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ, ଖରିଫ ଋତୁରେ ୫୩ ଲକ୍ଷ ମେଟ୍ରିକ ଟନ୍ ଚାଉଳ (ପ୍ରାୟ ୭୮ ଲକ୍ଷ ମେଟ୍ରିକ ଟନ୍ ଧାନ) ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନପୁଟ ସହାୟତା ମିଶାଇ ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ମୋଟ ୩୧୦୦ ଟଙ୍କା ପ୍ରଦାନ କରାଯିବ।

ଧାନ ବିକ୍ରିର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପ୍ରଦାନ ବ୍ୟବସ୍ଥା ହୋଇଛି । ଉପଗ୍ରହ ଚିତ୍ର ଜରିଆରେ ୧୦୦% ଫିଲ୍ଡ ଭେରିଫିକେସନ୍, ଡିଜିଟାଲ୍ ସମ୍ମତି ଆଧାରରେ ଯୋଗ୍ୟ ଭାଗଚାଷୀଙ୍କ ପଞ୍ଜିକରଣ ଓ ୫ହଜାର ମେଟ୍ରିକ ଟନ୍‌ରୁ ଅଧିକ କ୍ଷମତା ଥିବା ମଣ୍ଡିରେ ଏଆଇ ଭିତ୍ତିକ ଶସ୍ୟ ବିଶ୍ଳେଷକ ଯନ୍ତ୍ର ଓ ସିସିଟିଭି ଲଗାଇ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୱଚ୍ଛ କରାଯିବ।

ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ନିରବଚ୍ଛିନ୍ନ ସେବା ନିଶ୍ଚିତ କରିବା ପାଇଁ ବେସରକାରୀ ଡିଲରମାନଙ୍କ କାର୍ଯ୍ୟକାଳ ସମୟସୀମାକୁ ରାଜ୍ୟ କ୍ୟାବିନେଟ୍ ପୁଣିଥରେ ୨୦୨୭ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।ଗୋ-ପାଳକଙ୍କ ସୁରକ୍ଷା ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟରେ 'ଓଡ଼ିଶା ଗୋ-ପ୍ରଜନନ (ନିୟନ୍ତ୍ରଣ) ବିଧେୟକ, ୨୦୨୬' ଚିଠାକୁ କ୍ୟାବିନେଟ୍ ଗ୍ରହଣ କରିଛନ୍ତି, ଯାହା ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପିତ କରାଯିବ।

ଗ୍ରାମାଂଚଳ ପ୍ରଶାସନର କର୍ମଚାରୀଙ୍କ ମନୋବଳ ବଢ଼ାଇବାକୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅନ୍ତର୍ଗତ ପଂଚାୟତ ନିର୍ବାହୀ ଅଧିକାରୀ କ୍ୟାଡର ସଂଶୋଧନ ନିୟମାବଳୀ, ୨୦୨୬କୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପୂର୍ବରୁ ପିଇଓରୁ ଜିପିଡିଓ ପଦୋନ୍ନତି ସୁଯୋଗ ମାତ୍ର ୨.୫ ପ୍ରତିଶତ ଥିବାବେଳେ ଏବେ ପେ-ଲେଭଲ-୭ରେ ୨୦୩୦ ଓ ପେ-ଲେଭଲ୍-୯ରେ ୧୨୬୪ଟି ପଦବୀ ସହ ମୋଟ ୩୨୯୪ଟି ପଦବୀରେ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି ଓ ପିଇଓ ପଦବୀର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକକୁ ବୃଦ୍ଧି କରାଯାଇଛି।ରାଜ୍ୟର ଭିତ୍ତିଭୂମି ଓ ଶକ୍ତି ସୁରକ୍ଷା କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାର ରାଣୀବାହାଲଠାରେ ଓଏଚପିସି ମାଧ୍ୟମରେ ନିର୍ମିତ ହେବାକୁ ଥିବା ୬୦୦ ମେଗାୱାଟ ବିଶିଷ୍ଟ 'ଉପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ'ର ଆର୍ଥିକ ଢାଂଚାକୁ ଅନୁମୋଦନ ମିଳିଛି। ମୋଟ ୪୭୦୮.୬୪ କୋଟି ଟଙ୍କାର ଏହି ମେଗା ପ୍ରକଳ୍ପ ପାଇଁ ମେସର୍ସ ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡକୁ ୩୩୭୨.୮୮ କୋଟି ଟଙ୍କା (ଜିଏସଟି ବ୍ୟତୀତ) ମୂଲ୍ୟରେ ଇପିସି କଣ୍ଟ୍ରାକ୍ଟର ଭାବେ ଦାୟିତ୍ୱ ଦିଆଯାଇଛି, ଯାହା ୨୦୩୦-୩୧ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଗ୍ରୀଡ୍ ସ୍ଥିରତା ଓ ଶକ୍ତି ସଂରକ୍ଷଣରେ ବଡ଼ ଭୂମିକା ନେବ।

ଜଳସମ୍ପଦ କ୍ଷେତ୍ରରେ ବଡ଼ ନିଷ୍ପତ୍ତି ନେଇ ନୂଆପଡ଼ା ଜିଲ୍ଲାର ପାର୍ବତୀ ଗିରି ମେଗା ଲିଫ୍ଟ ଯୋଜନା (କ୍ଲଷ୍ଟର-୨୮) ଅନ୍ତର୍ଗତ ୭ଟି ପ୍ରକଳ୍ପ ପାଇଁ ୨୮୯.୬୮ କୋଟି ଟଙ୍କାର ଟେଣ୍ଡର ମଞ୍ଜୁର ହୋଇଛି, ଯାହାକି ୩ଟି ବ୍ଲକର ୫୯ଟି ଗ୍ରାମର ୮୮୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇବ। ସେହିପରି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକର ପଥର୍ଲାଠାରେ ତେଲ୍ ନଦୀର ଉପନଦୀ ଉପରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ଟେଣ୍ଡର ଅନୁମୋଦନ ଲାଭ କରିଛି।ନଗର ଉନ୍ନୟନ ବିଭାଗ ଅଧୀନରେ ୧୯ ଜଣ ସହକାରୀ ସହର ଯୋଜନା ଅଧିକାରୀଙ୍କ ନିଯୁକ୍ତି ନିମନ୍ତେ ବୟସ ସୀମା ୨୧-୪୨ ବର୍ଷ ଧାର୍ଯ୍ୟ ସହ ନିୟମାବଳୀ ସଂଶୋଧନ ହୋଇଛି। ଆଇନ ବିଭାଗ ଅଧୀନରେ ପ୍ରଶିକ୍ଷଣରତ ବିଚାର ବିଭାଗୀୟ ଅଧିକାରୀଙ୍କ ପାଇଁ ଏକ ବର୍ଷ ପ୍ରତିଷ୍ଠାନଗତ ତାଲିମ ପରେ ଆଉ ଏକ ବର୍ଷ ଆଇନ ସହାୟକ କାର୍ଯ୍ୟ ଲାଗି ୨୦୦୭ ନିୟମାବଳୀ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ଗ୍ରହଣ କରିଛନ୍ତି।

କ୍ଲାସ ଚାଲିଥିବା ବେଳେ ସ୍କୁଲରେ ଟଳି ପଡ଼ିଲେ ୮ମ ଶ୍ରେଣୀ ଛାତ୍ର

କେନ୍ଦ୍ରାପଡ଼ା,୯।୧୧(ନି.ପ୍ର.):: ପାଠପଢ଼ା ଚାଲିଥିବା ବେଳେ ଘଟିଛି ଅଘଟଣ। ସ୍କୁଲର ଶ୍ରେଣୀ ଗୃହରେ ଟଳି ପଡ଼ିଛନ୍ତି ଜଣେ ୮ମ ଶ୍ରେଣୀ ଛାତ୍ର। ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ମହାଦେଇଆଡ଼ିଆର କମଳା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟରେ ଏପରି ଗୋଟିଏ ଘଟଣା ଘଟିଛି। ମୃତ ଛାତ୍ରୀ ଜଣଙ୍କ ହେଉଛନ୍ତି ୧୩ ବର୍ଷୀୟ ବିଶ୍ୱରୂପା ବେହେରା। ଆଜି ସେ ଅନ୍ୟ ପିଲାମାନଙ୍କ ଭଳି ସକାଳୁ ସ୍କୁଲ ଆସିଥିଲେ। ସ୍କୁଲରେ ସବୁ କିଛି ସ୍ୱାଭାବିକ ରହିଥିଲେ। ଅନ୍ୟମାନଙ୍କ ଭଳି ବିଶ୍ୱରୂପା ଶ୍ରେଣୀ ଗୃହରେ ରହିଥିଲେ। ବିଜ୍ଞାନ ଶିକ୍ଷକ ପିଲାଙ୍କୁ ସବୁ ଦିନ ଭଳି ପାଠ ମଧ୍ୟ ପଢ଼ାଉଥିଲେ। କିନ୍ତୁ କ୍ଲାସ ଚାଲିଥିବା ବେଳେ ହଠାତ ଘଟିଥିଲା ଅଘଟଣ। ସମସ୍ତଙ୍କ ସାମ୍ନାରେ ଚେତା ହରାଇଥିଲେ ବିଶ୍ୱରୂପା। ତାଙ୍କ ଚେତା ଫେରାଇ ଆଣିବାକୁ ପ୍ରଥମେ କ୍ଲାସରେ ଉପସ୍ଥିତ ଶିକ୍ଷକ ଓ ପରେ କର୍ମଚାରୀମାନେ ଉଦ୍ୟମ କରିଥିଲେ।କିନ୍ତୁ ବିଶ୍ୱରୂପାଙ୍କ ଚେତା ଫେରି ନଥିଲା। ଶେଷରେ ଖବର ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କ ପାଖରେ ପହଞ୍ଚିଥିଲା। ସେ କ୍ଲାସରୁମକୁ ଦୌଡ଼ିଆସିବା ସହ ଛାତ୍ରୀଙ୍କ ଅଭିଭାବକଙ୍କୁ ଖବର ଦେଇଥିଲେ। ଏଥିସହ ଛାତ୍ରୀଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।ହେଲେ ସେତେବେଳେକୁ ବହୁତ ବିଳମ୍ବ ହୋଇ ସାରିଥିଲେ। ହସ୍ପିଟାଲରେ ବିଶ୍ୱରୂପାଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏବେ କେଉଁ ପରିସ୍ଥିତିରେ ବିଶ୍ୱରୂପାଙ୍କ ମୃତ୍ୟୁ ଘଟିଛି, ତା'ର ଯାଞ୍ଚ ଏବେ ପୁଲିସ କରୁଛି।

ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି ଓ ଗୃହ ମନ୍ତ୍ରୀ

ଭୁବନେଶ୍ୱର,୯।୧୧(ନି.ପ୍ର.): ଓଡ଼ିଶା ଗସ୍ତରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଚଳିତମାସରେ ଆସିବାର କାର୍ଯ୍ୟକ୍ରମ ରହିଛି। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ବିଧାୟକମାନଙ୍କ ସଂସଦୀୟ ଦକ୍ଷତା ବୃଦ୍ଧି ପାଇ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଚଳିତମାସ ୨୮ତାରିଖରେ ଆସି ଉଭୟ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମ ଯୋଗ ଦେବେ ବୋଲି ଜଣାପଡ଼ିଛି।

ଉପରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଉପରାଷ୍ଟ୍ରପତି ଆସନ୍ତା ୧୫ତାରିଖରେ ଓଡ଼ିଶା ଆସି ବିଧାନସଭା ପରିସରରେ ଆୟୋଜିତ ହେବାକୁ ଥିବା ବିଧାୟକମାନଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଯୋଗଦେବେ। ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ୧୬ ତାରଖରେ ଏହି ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ମୋଟ ୩ଟି ସେସନରେ ପରିଚାଳିତ ହେବ। ପ୍ରଥମ ଅଧିବେଶନରେ ଉପରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ଏହାପରେ ଦୁଇଟି ସ୍ୱତନ୍ତ୍ର ଟେକ୍ନିକାଲ ସେସନ ଅନୁଷ୍ଠିତ ହେବ।ଗୋଟିଏ ସେସନରେ ବିଧାନସଭାରେ ଥିବା ମୋଟ ୩୫ଟି କମିଟି ଓ ଅର୍ଥ ସମ୍ବନ୍ଧୀୟ ୪ଟି ସ୍ୱତନ୍ତ୍ର କମିଟିର କାର୍ଯ୍ୟଦକ୍ଷତା ତଥା ଏହାର ସକ୍ରିୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା କରାଯିବ। ଅନ୍ୟ ଏକ ସେସନରେ ବଜେଟ୍ ଉପସ୍ଥାପନା, ଖର୍ଚ୍ଚ, ଅନୁପାତ ଓ ଏଷ୍ଟିମେଟ୍ ଭଳି ବୈଷୟିକ ପ୍ରସଙ୍ଗରେ ବିଧାୟକମାନଙ୍କ ଅଂଶଗ୍ରହଣ ନେଇ ଉପରାଷ୍ଟ୍ରପତି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବେ।

କେରଳ ଓ ଓଡ଼ିଶା ଭଳି ରାଜ୍ୟରେ ଏହି କମିଟି ବ୍ୟବସ୍ଥା ବେଶ୍ ସୁଦୃଢ଼ ରହିଥିବାରୁ ଏହାକୁ ଆହୁରି କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସଂସଦୀୟ ବ୍ୟାପାର



ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ସେହିପରି ନଭେମ୍ବର ୨୮ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଏହି ଗସ୍ତର ଚୂଡ଼ାନ୍ତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନ ଥିଲେ ହେଁ, ସେ ଏକାଧିକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ବିଜେପିର ସାଂଗଠନିକ ବୈଠକରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଓ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ଉପରେ ଏହି ଗସ୍ତ ସମୟରେ ମାନସମନ୍ଥନ ହେବାର ସମ୍ଭାବନା ରହିଛି। ରାଜ୍ୟର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଦାବି ଓ ପ୍ରଶାସନିକ ସମସ୍ୟାଗୁଡ଼ିକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବା ସହିତ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ପାଇଁ ଏହା ରାଜ୍ୟ ସରକାରଙ୍କ ଲାଗି ଏକ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି।

ଜାନୁଆରୀ ୩୦ ସୁଦ୍ଧା ସୀମା ପୁନଃନିର୍ଦ୍ଧାରଣ

ଭୁବନେଶ୍ୱର,୯।୧୧(ନି.ପ୍ର.): ରାଜ୍ୟରେ ମ୍ୟୁନିସିପାଲିଟି ଓ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନଏସି) ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରଶାସନିକ ପ୍ରସ୍ତୁତି। ଏନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି ହୋଇଛି। ସେପଟେ ସରକାର ଏଥର ପୌର ନିର୍ବାଚନରେ ଏସଇବିସିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାରେ ମ୍ୟୁନିସିପାଲିଟି ଓ ଏନଏସିର ସୀମା ନିର୍ଦ୍ଧାରଣ,



ୱାର୍ଡ ପୁନର୍ଗଠନ ଏବଂ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ଧାର୍ଯ୍ୟ ହୋଇଛି ସମୟସୀମା। ଡିସେମ୍ବର ୧୦ ତାରିଖରେ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ପରେ ଡିସେମ୍ବର ୧୯ ତାରିଖ ସୁଦ୍ଧା ସାଧାରଣ ଲୋକେ ନିଜର ଆପତ୍ତି ଓ ଅଭିଯୋଗ ଦାଖଲ କରିପାରିବେ। ଡିସେମ୍ବର ୨୪ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହି ବିଜ୍ଞପ୍ତିକୁ ନେଇ ଯଦି କାହାର କୌଣସି ଆପତ୍ତି ଥାଏ, ତେବେ ଡିସେମ୍ବର ୨୪ରୁ ଜାନୁଆରୀ ୭ ତାରିଖ ମଧ୍ୟରେ ଅପିଲ୍ କରିପାରିବେ। ସେହିପରି ଜାନୁଆରୀ ୧୫ରୁ ୨୫ ତାରିଖ ମଧ୍ୟରେ ଅପିଲଗୁଡ଼ିକର ଶୁଣାଣି ହେବ। ଆଉ ଜାନୁଆରୀ ୩୦ ତାରିଖ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ଡେଡ୍ଲାଇନ୍ ଧାର୍ଯ୍ୟ କରିଛି ବିଭାଗ। ଏହା ପୌର ନିର୍ବାଚନର ପ୍ରସ୍ତୁତି ପାଇଁ ପ୍ରାରମ୍ଭିକ ପଦକ୍ଷେପ। ନିର୍ବାଚନର ତାରିଖ ଓ ଭୋଟ୍ ଗ୍ରହଣ ସମ୍ପର୍କିତ ଘୋଷଣା ଏହି ନିର୍ଦ୍ଦେଶରେ ହୋଇନାହିଁ। ସରକାର ଏସଇବିସି ସଂଖ୍ୟା ଗଣନା ପାଇଁ ଏସିଇବିସି କମିଶନ ଗଠନ କରିଛନ୍ତି। ଏଥିସହିତ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେଉଛି। ତେଣୁ ପୌର ନିର୍ବାଚନ ବିଳମ୍ବ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ବହୁଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲା

ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ

ରାୟଗଡ଼ା, ୯।୧୧ (ନି.ପ୍ର.): ବହୁଚର୍ଚ୍ଚିତ ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ଜେଲ୍ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ(୭୬)। ୨୦୧୦ ମସିହା ଡିସେମ୍ବର ୨୩ ତାରିଖରେ ଘଟିଥିବା କାଉନସିଲର ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସୋମବାର ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ରାଓ।ଆତ୍ମସମର୍ପଣ ପରେ ମାଜିଷ୍ଟ୍ରେଟ୍ ତାଙ୍କର ଜାମିନ ଆବେଦନ ଖାରଜ କରି ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।



ଭାଗିରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ୨୦୨୬ ମସିହା ଜାନୁଆରି ୨୨ ତାରିଖରେ ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ କରିଥିଲେ। ଏହାକୁ ବିରୋଧ କରି ମୂଳ ଅଭିଯୋଗକାରୀ ଜଗନ୍ନାଥ ମାଣ୍ଡାଙ୍ଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଆବେଦନର ଶୁଣାଣି କରି ହାଇକୋର୍ଟଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଜାମିନକୁ ଖାରଜ କରିଦେଇଥିଲେ। ଏଥିସହ ଅଭିଯୁକ୍ତମାନଙ୍କୁ ଦୁଇ ସପ୍ତାହ ମଧ୍ୟରେ ଉପଖଣ୍ଡ ନ୍ୟାୟିକ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାର ଶ୍ରୀ ରାଓ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏନେଇ ଭାସ୍କର ରାଓଙ୍କ ଓକିଲ ନବକୁମାର କଣ୍ଡା କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କ ମହକିଲ ଆତ୍ମସମର୍ପଣ କରିଛନ୍ତି। ଖୁବ୍‌ଶୀଘ୍ର ଉଚ୍ଚତର ଅଦାଲତରେ ଜାମିନ ପାଇଁ ଆବେଦନ କରାଯିବ।ଏହି ମାମଲାରେ ରାଓଙ୍କ ସମେତ ଅନ୍ୟ ଅଭିଯୁକ୍ତ ଇପିଲି ସନ୍ୟାସୀ ରାଜୁ, କେ. କ୍ରିଷ୍ଣା ରାଓ ଏବଂ ପି. ଦିଲୀପ କୁମାର ମଧ୍ୟ ଆତ୍ମସମର୍ପଣ କରିଛନ୍ତି।ସୂଚନାଯୋଗ୍ୟ ଯେ, ଏହି ହତ୍ୟାକାଣ୍ଡ ଘଟଣାରେ ୨୦୧୦ ଡିସେମ୍ବର ୨୩ ତାରିଖରେ ରାୟଗଡ଼ା ଥାନାରେ ମାମଲା ନମ୍ବର ୨୦୮/୨୦୧୦ ଅନୁଯାୟୀ ଏତଲା ରୁଜୁ ହୋଇଥିଲା। ଏହି ମାମଲାରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୧୨୦-ବି (ଅପରାଧିକ ଷଡ଼ଯନ୍ତ୍ର), ୩୦୨ (ହତ୍ୟା), ୨୦୧ (ପ୍ରମାଣ ନଷ୍ଟ), ୩୬୪ (ଅପହରଣ) ଏବଂ ୩୪ (ଏକାଧିକ ବ୍ୟକ୍ତିଙ୍କ ସାଧାରଣ ଉଦ୍ଦେଶ୍ୟ) ଭଳି ସଂଗିନ ଦଫା ଲଗାଯାଇଥିଲା।ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ୨୦୧୧ ଏପ୍ରିଲ ୫ ତାରିଖରେ କଟକ ସିଆଇଡି-ସିବି ଥାନାରେ ଏହା କେସ୍ ନମ୍ବର ୧୦/୨୦୧୧ ଭାବେ ପୁନଃ ପଞ୍ଜୀକୃତ ହୋଇଥିଲା।

ଦିଲ୍ଲୀରେ ଅତି ସାଂଘାତିକ ବାୟୁ ପ୍ରଦୂଷଣ

ନୂଆଦିଲ୍ଲୀ,୯।୧୧: ଦୀପାବଳି ପରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ସାଂଘାତିକ ଥିବାବେଳେ ମୁମ୍ବାଇ, ଚେନ୍ନାଇ, ଲକ୍ଷ୍ନୌରେ ମଧ୍ୟ ପ୍ରଦୂଷଣ ବୃଦ୍ଧି ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ଦୀପାବଳି ରାତି ୧୦ଟା ପରେ ବି ବାଣଫୁଟା ଜାରି ରହିଥିଲା। ଚଳିତ ବର୍ଷ ଦୀପାବଳି ଦିନ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୭୬ ରେ ପହଞ୍ଚିଛି। ଯାହା ଗତ ୫ ବର୍ଷ ମଧ୍ୟରେ ଦୀପାବଳି ଦିନର ସବୁଠୁ ଖରାପ ସ୍ଥିତି। ସୋମବାର ସକାଳ ୧୦ଟା ସୁଦ୍ଧା ଦିଲ୍ଲୀର ଏକ୍ୟୁଆଇ ୩୭୧ ରେକର୍ଡ କରାଯାଇଥିଲା। ଘନକୁହୁଡ଼ି ଓ ଧୂଆଁର ଚାଦରରେ ରାଜଧାନୀ ଆଚ୍ଛାଦିତ ହୋଇ ରହିଥିଲା। ଫଳରେ ଅନେକ ସ୍ଥାନରେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଥିଲା।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁଯାୟୀ, ୫୧ଟି ମନିଟରିଂ ଷ୍ଟେସନ୍ ମଧ୍ୟରୁ ୧୪ଟିରେ ବାୟୁ ପ୍ରଦୂଷଣ ସ୍ତର ''ସାଂଘାତିକ'' ବର୍ଗରେ ରହିଥିବା ବେଳେ ୩୩ଟିରେ ''ଅତି ଖରାପ'' ଓ ୪ଟିରେ ''ଖରାପ'' ସ୍ତର ରେକର୍ଡ ହୋଇଛି। ଦିଲ୍ଲୀ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି (ଡିଟିୟୁ) ଅଞ୍ଚଳରେ ସର୍ବାଧିକ ଏକ୍ୟୁଆଇ ୪୩୯ ରେକର୍ଡ ହୋଇଥିଲା। ଦୀପାବଳି ପରେ ଘନ କୁହୁଡ଼ି ସ୍ଥିତିକୁ ଆହୁରି ଜଟିଳ କରିଛି। ବାୱାନା, ବୁରାଡ଼ି, ଜାହାଙ୍ଗୀରପୁରୀ, ରୋହିଣୀ ଓ ଓଖଲା ଭଳି ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ଏୟାର କ୍ୱାଲିଟି ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍‌ର ଆକଳନ ଅନୁଯାୟୀ, ଆଗାମୀ କିଛି ଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ରହିବାର ଆଶଙ୍କା ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲାଇଭ୍ ଡ୍ୟାସବୋର୍ଡ ଅନୁଯାୟୀ, ସୋମବାର ସକାଳ ୪ଟାରେ ଦିଲ୍ଲୀ ଏକ୍ୟୁଆଇ ସ୍ତର ୪୦୪କୁ ବୃଦ୍ଧି ପାଇଥିଲା। ସଫଦରଜଙ୍ଗ ଅଞ୍ଚଳରେ ସକାଳ ସାଢ଼େ ୬ଟାରେ ଦୃଶ୍ୟମାନତା ମାତ୍ର ୫୦ ମିଟର ରହିଥିଲା। ସ୍ୱିଜରଲ୍ୟାଣ୍ଡର ବାୟୁ ନିରୀକ୍ଷଣ ପ୍ଲାଟଫର୍ମ ସୋମବାର ସକାଳେ ଆଇକ୍ୟୁଏୟାର ଦିଲ୍ଲୀର ବାୟୁକୁ ଅସ୍ୱାସ୍ଥ୍ୟକର ବର୍ଗରେ ରଖିଛି। ବିଶେଷଜ୍ଞଙ୍କ ମତରେ ପବନ ନ ବହିବା, ଶୁଷ୍କ ପାଣିପାଗ, ଯାନବାହନରୁ ନିର୍ଗତ ଧୂଆଁ, ଦୀପାବଳିରେ ବାଣ ଫୁଟାଇବା ଓ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ଜଳାଇବା ଭଳି କାରଣ ପ୍ରଦୂଷଣ ବୃଦ୍ଧିରେ ଭୂମିକା ନେଇଛି।ଭାରତର ଅନ୍ୟ କେତେକ ସହରରେ ମଧ୍ୟ ଏକ୍ୟୁଆଇ ବୃଦ୍ଧି ପାଇଛି। ମୁମ୍ବାଇ ଓ ଚେନ୍ନାଇରେ କୁହୁଡ଼ି ପରିସ୍ଥିତି ଦେଖାଦେଇଛି।



ମୁମ୍ବାଇରେ ବାୟୁ ଗୁଣବତ୍ତା ଖରାପ ହେବା ସହିତ କାଲାନଗର ଓ ବାନ୍ଦ୍ରା ଅଞ୍ଚଳକୁ ଘନ ଧୂଆଁର ଆବରଣ ଘୋଡ଼ାଇ ରଖିଛି। ଏକ୍ୟୁଆଇ ଖେରୱାଡ଼ି-ବାନ୍ଦ୍ରା ପୂର୍ବରେ ୨୬୪, ସେୱ୍ରିରେ ୨୨୬, ଘାଟକୋପରରେ ୨୨୧, ଚେମ୍ବୁରରେ ୨୧୬, ବାୟକୁଲାରେ ୧୯୩ ରେକର୍ଡ଼ କରାଯାଇଛି। ତେବେ ହାରାହରି ଏକ୍ୟୁଆଇ ୧୭୧ରେ ରହିଛି, ଯାହାକି ସନ୍ତୋଷଜନକ। ଉତ୍ତର ପ୍ରଦେଶରେ, ଲକ୍ଷ୍ନୌର ଅନେକ ଅଂଶ କୁହୁଡ଼ି ପରିସ୍ଥିତିରେ ଉଠିବା ସହିତ ଘନ କୁହୁଡ଼ିରେ ଆବରଣ ଘୋଡ଼ାଇ ଦେଇଥିଲା।

ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ନୌ (୨୪୬), ଅମୃତସର୍ (୨୪୨), ଯୋଧପୁର (୨୩୪), ଅହମଦାବାଦ (୨୩୦), ଡେରାଡୁନ (୨୨୮), ଜୟପୁର (୨୨୩), ଉଦୟପୁର (୨୨୩) ଓ ସୁରତ (୨୦୭) 'ଖରାପ' ବର୍ଗକୁ ଖସିଆସିଛନ୍ତି। ସେହିପରି କେନ୍ଦ୍ର ଭାରତ ଓ ଶିଳ୍ପ ସମୃଦ୍ଧ ସହର ମଧ୍ୟରେ ନାଗପୁର (୨୩୯), ପୁଣେ(୨୨୧), ଭୋପାଳ (୨୦୫) ଓ କୋଲକାତା (୧୬୭)ରେ ପ୍ରଦୂଷଣ ବୃଦ୍ଧି ପାଇଥିଲା। ଚେନ୍ନାଇ ବ୍ୟତୀତ ଦକ୍ଷିଣ ଭାରତୀୟ ସହରଗୁଡ଼ିକରେ ତୁଳନାତ୍ମକ ଭାବରେ ପ୍ରଦୂଷଣମୁକ୍ତ ରହିଛନ୍ତି। ଚେନ୍ନାଇ ୨୦୮ (ଖରାପ) ରେ ରହିଛି ବେଙ୍ଗାଲୁରୁ (୧୨୭), ହାଇଦ୍ରାବାଦ (୧୨୦) ଓ ତିରୁଅନନ୍ତପୁରମ (୬୭) ରେ ମଧ୍ୟମରୁ ସନ୍ତୋଷଜନକ ବାୟୁ ଗୁଣବତ୍ତା ସ୍ତର ରେକର୍ଡ କରାଯାଇଛି।

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୧୦ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,10 November 2026, Bhubaneswar



ଆଲୋକର ପର୍ବ ଦୀପାବଳି ପାଳିତ

ଗଞ୍ଜାମ,୯।୧୧ :(ମନ୍ଥନ)ଗଞ୍ଜାମ ସହରାଞ୍ଚଳ ସମେତ ଗଞ୍ଜାମ ବ୍ଲକ ର ବିଭିନ୍ନ ଗ୍ରାମରେ ଆଲୋକର ପର୍ବ ଦୀପାବଳି ପର୍ବ ପାଳିତ ହୋଇଯାଇଛି । ଗଞ୍ଜାମ ସହର ସ୍ଥିତ ପ୍ରଜା ପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ତରଫରୁ ପବିତ୍ର ଦୀପାବଳି ପର୍ବ ବ୍ରହ୍ମା କୁମାରୀ କସ୍ତୁରୀ ଭଉଣୀ ପୌରହିତରେ ଅନୁଷ୍ଠିତ ହୋଇଥିଲା । ଏହି ଦୀପାବଳୀ ପର୍ବ ଉପରେ କିଛି ମନ୍ତବ୍ୟ ପ୍ରଦାନ କରି କହିଥିଲେ ଏହି ଘୋର ଅନ୍ଧକାର ରୁ ମୁକ୍ତିଲାଭ କରିବା ପାଇଁ ଭଗବାନଙ୍କୁ ଭକ୍ତି ଭାବନାରେ ଏହି ପର୍ବ ପାଳନ କରାଯାଏ । ଜୀବ ଜଗତ କୁ ଉଦ୍ଧାର କରିବା ସେଥିପାଇଁ ଏହି ଦୀପାବଳୀ ରେ କେବଳ ବାହାରେ ଦୀପ ଜାଳାନ୍ତୁ ନାହିଁ ବରଂ ନିଜ ଆତ୍ମିକ ସ୍ୱରୂପର ସ୍ମୃତି ଏବଂ ସକାରାତ୍ମକ ଜ୍ଞାନର ଆଲୋକ ଦ୍ୱାରା ମନର



ପ୍ରତ୍ୟେକ କୋଣକୁ ଆଲୋକିତ କରନ୍ତୁ । ଏଥିରେ ବ୍ରହ୍ମା କୁମାରୀ ଜମୁନା ଭଉଣୀ, ପୂର୍ବତନ ସରପଂଚ ନିରଞ୍ଜନ ରେଡି,ବରିଷ୍ଠ ନାଗରିକ ଯୁଧିଷ୍ଠିର ମହାପାତ୍ର,ନରସିଂହ ପଣ୍ଡା,ପୁଷ୍ପା ଲତା, ବନିତା, ଆରତୀ,ମିନାକ୍ଷୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବିଭିନ୍ନ ଅଞ୍ଚଳରେ ସମସ୍ତ ପରିବାର ପକ୍ଷରୁ ଘର ଇଷ୍ଟ ଙ୍କୁ ପୂଜାର୍ଚ୍ଚନା କରିବା ସହ ନିଜ ପୂର୍ବ ପୁରୁଷ ମାନଙ୍କ ଉଧେଶ୍ୱରେ ଘର ସମ୍ମୁଖରେ ଆଲୋକ ଦେଖାଯାଇ ଆରାଧନା କରାଯାଇଥିଲା । ଏବଂ ଆତାସବାଜି ଫୁଟା ଯାଇଥିଲା କ୍ଷ ବିଭିନ୍ନ ମନ୍ଦିର ମାନଙ୍କରେ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା ।

ଜିଲ୍ଲା ସ୍ତରୀୟ ସୁରଭି ତଥା ଜିଲ୍ଲା ସ୍ତରୀୟ ଛାୟା ସାଂସଦ କାର୍ଯ୍ୟକ୍ରମ

ରାୟଗଡା,୯।୧୧ :(ମନ୍ଥନ) ରାୟଗଡ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ କୋଲନରା ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସେହିପରି ଜିଲ୍ଲା ସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମ ପିଏମ୍ ଶ୍ରୀ ଜଗଦମ୍ବା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ : ଦୁଷ୍ମନ୍ତ କୁମାର ମହାନ୍ତି , ବରେଣ୍ୟ ଅତିଥି ରୂପେ ବିଧାୟକ ଆପଲାସ୍ୱାମି କାଡ୍ରାକା ବିଧାୟକ ଶ୍ରୀ ନୀଳମାଧବ ହିକକା, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ଶ୍ରୀମତୀ ମଞ୍ଜୁଳା ମିଣୀୟାକା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ରନାଥ କହଁର, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭଜନଲାଲ ମାଝୀ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଶ୍ରୀ ଜଗନ୍ନାଥ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ସସ୍ମିତା ବେହେରା, ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ବେହେରା ଓ ଦେବସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହେଲେ ମଧ୍ୟ ଏଠାରେ ପିଲାଙ୍କ ମଧ୍ୟରେ ଅନେକ ସମ୍ଭାବନା ପୂରି ରହିଛି । ଘଞ୍ଚ ଜଙ୍ଗଲରେ ବିଶଲ୍ୟକରଣିର ସନ୍ଧାନ ଭଳି ରାୟଗଡ ଜିଲ୍ଲାର କୋଣ, ଅନୁକୋଣରୁ ପ୍ରତିଭାବାନ ଶିଶୁଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଆବଶ୍ୟକ ଓ ଉପଯୁକ୍ତ ମାର୍ଗ ଦର୍ଶନ କରିବା ଦ୍ୱାରା ସେମାନେ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବାସହ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ଅନନ୍ୟ ଗୁଣାବଳୀ ପାଇଁ ପ୍ରସ୍ଫୁଟିତ ହେବେ । ଶିକ୍ଷା ସହ ନିଜ ଜୀବନର ଲକ୍ଷ୍ୟ ଦିଗରେ ସକାରାତ୍ମକ ସ୍ୱପ୍ନ ଦେଖିବା ଓ ସେଥିପାଇଁ ସାଧନା ଓ ପ୍ରଚେଷ୍ଟା ପାଇଁ ଅତିଥିବୃନ୍ଦ ଶିଶୁଙ୍କୁ ପ୍ରବର୍ତ୍ତାଇ ଥିଲେ। ରାୟଗଡ ବିଧାୟକ ନିଜ ଜୀବନର ଜ୍ୱଳନ୍ତ ଉଦାହରଣ ଦେଇ ଉତ୍ତମ ମଣିଷ ହେବାର ମନ୍ତ୍ରପ୍ରଦାନ କରିଥିଲେ । ପ୍ରତି ବ୍ଲକରୁ ସତତିରିଶି ଜଣ ଲେଖାଏଁ ବ୍ଲକ ସ୍ତରୀୟ କୃତି ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଅତିଥି ଓ ଦର୍ଶକ ସମେତ ଏଥିରେ ନାଚିଥିଲେ ସେହିପରି ଛାୟା ସଂସଦ କାର୍ଯ୍ୟକ୍ରମ ରେ ପ୍ରତି ବ୍ଲକ ରୁ ଆଠ ଜଣ ଲେଖାଏଁ ପ୍ରତିନିଧିତ୍ୱ କରିଥିଲେ । ଗତ ଶୁକ୍ରବାର ଦିନ ଏକ ଅଭ୍ୟାସ ଦିବସ ପରେ ଶନିବାର ଦିନ ଅନୁଷ୍ଠିତ ଛାୟା ସଂସଦ ଅଧିକ ଚିତାକର୍ଷକ ଥିଲା । ରାଷ୍ଟ୍ରଗାନ ଓ ଜାତୀୟ ସଙ୍ଗୀତରୁ ଆରମ୍ଭ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସମସ୍ତ ସାଂସଦଙ୍କୁ ଶପଥପାଠ କରାଇଥିଲେ । ବିରୋଧୀଙ୍କ ପ୍ରଶ୍ନବାଣରେ ଛାୟା ସଂସଦରେ ବେଶ୍ ଉଷ୍ମତା ଦେଖାଦେଇଥିଲା । ଏଥିରେ ଶିକ୍ଷା ଅଧିକାର ଓ ଗୁଣାତ୍ମକ ଶିକ୍ଷା, ବାତ୍ୟା ପ୍ରବଣ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା, ଶିକ୍ଷାନୁଷ୍ଠାନରେ ବଢୁଥିବା ଶୃଙ୍ଖଳାହୀନତା, ଆଦିବାସୀ ଅଞ୍ଚଳରେ ଶିକ୍ଷାୟନ, ଅର୍ଥନୈତିକ ଅସ୍ଥିରତା ଓ ମୂଲ୍ୟବୃଦ୍ଧି, ଆନ୍ତର୍ଜାତୀୟ ଯୁଦ୍ଧ ଓ ବିଶ୍ୱଶାନ୍ତି ତଥା କୃଷି କ୍ଷେତ୍ରରେ ସମସ୍ୟା ଆଦି ବିଷୟରେ ବିରୋଧୀ ପ୍ରଶ୍ନ କରିଥିଲେ ଏବଂ ଶାସକ ଦଳ ଏହାର ଉତ୍ତର ରଖି ବାକୁ ଚେଷ୍ଟାକରିଥିଲେ । ଦୁଇ ଶହ ପଚାଶ ଜଣ ରୁ ଉର୍ଦ୍ଧ୍ୱ ଶିଶୁ ଏଥିରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ନଭେମ୍ବର ଏଗାର ତାରିଖଦିନ ରାଜ୍ୟ ସ୍ତରୀୟ ଛାୟା ସଂସଦ ପାଇଁ ପାଞ୍ଚ ଜଣ ଏବଂ ରାଜ୍ୟସ୍ତରୀୟ ସୁରଭି ନିମନ୍ତେ ସତ ତିରିଶି ଜଣ ଶିଶୁ ଭୁବନେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀ ଭଜନଲାଲ ମାଝୀ ପ୍ରକାଶ କରିଛନ୍ତି । ଶିଶୁଙ୍କ ଦକ୍ଷତାକୁ ପ୍ରଶଂସା କରିବା ସହ ରାଜ୍ୟ ସ୍ତରରେ ଉଚ୍ଚ କୋଟିର ପ୍ରଦର୍ଶନ କରି ଜିଲ୍ଲାକୁ ସୁନାମ ଆଣିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି । ଏହି ଅବସରରେ ସାଂସଦ ତଥା ଇ ଭି ଏମ ଓ ବାଲୋଟ ବାକ୍ସ ମାଧ୍ୟମରେ ଭୋଟଦାନ ପ୍ରକ୍ରିୟାର ଏକ ସଚେତନତା ମୂଳକ ମଡେଲ ପ୍ରସ୍ତୁତ କରି ମତଦାନ ପ୍ରକ୍ରିୟା ସମ୍ପର୍କରେ ଜଣ ସଚେତନତା ସୃଷ୍ଟି କରାଯାଇଥିଲା । ବିଭିନ୍ନ ଦେଶର ମୁଦ୍ରା, ବିଭିନ୍ନ ରାଜ୍ୟର ଲୋକସଭା ଆସନ, ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ମହାମହିମ ରାଷ୍ଟ୍ରପତି ଓ ପ୍ରଧାନ ମନ୍ତ୍ରୀଙ୍କ ଫଟୋଚିତ୍ର, ଭିନ୍ନ ରାଜ୍ୟର ଲୋକସଭାର ଫଟୋଚିତ୍ର, ସମସ୍ତ ପ୍ରଧାନମନ୍ତ୍ରୀଙ୍କ ମତଦାନ ହାର , ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ର ଓ ନୂତନ ସଂସଦ ଫଟୋଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଥିଲା । ସୁରଭି ମହୋତ୍ସବର ଆୟୋଜନ ଦାୟୀତ୍ୱରେ କୋଲନରା ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସସ୍ମିତା ବେହେରା ଏବଂ ଛାୟା ସଂସଦ ଆୟୋଜନ ଦାୟୀତ୍ୱରେ ପେଣ୍ଠା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ଼ ଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀମତୀ ଶାନ୍ତିଲତା ମୁନି ସମସ୍ତ କାର୍ଯ୍ୟର ତଦାରଖ କରିଥିବା ବେଳେ ସଂଯୋଜକ ଜ୍ଞାନରଞ୍ଜନ ସାହୁ, ସୁରେନ୍ଦ୍ର କୁମାର ସାଠୁଆ, ଦିଲ୍ଲୀପ କୁମାର ସାବତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଡେଲାଙ୍ଗରୁ ଚିନ୍ମୟ ପାଇବେ "ମୁଖ୍ୟମନ୍ତ୍ରୀ ପୁରସ୍କାର"

ଡେଲାଙ୍ଗ,୯।୧୧ :(ମନ୍ଥନ) ଡେଲାଙ୍ଗ ହାଟ ସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ ର ଗଣିତ ଶିକ୍ଷକ ଚିନ୍ମୟ ନାୟକ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ବିଦ୍ୟାଳୟ ରେ ଛାତ୍ରମାନଙ୍କ ଶୈକ୍ଷିକ ଉନ୍ନତି ରେ ତାଙ୍କର ଅତୁଳନୀୟ ଅବଦାନ ରହିଛି । ପୂର୍ବରୁ ୨୦୨୫-୨୬ ବର୍ଷରେ ତାଙ୍କ ତତ୍ୱାବଧାନ ରେ ଗଣିତ ପ୍ରକଳ୍ପ ରେ ବିଦ୍ୟାଳୟ ର ଛାତ୍ର ଜ୍ୟୋତିରଞ୍ଜନ ସାହୁ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନ ରେ ଅଂଶଗ୍ରହଣ କରିପାରିଥିଲେ। ଚଳିତ ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇଁ ପୁରୀ ଜିଲ୍ଲା ରୁ ଗଣିତ ବିଷୟ ରେ ୩ଜଣ ଙ୍କ ମଧ୍ୟରୁ ୨ଜଣ ବ୍ରହ୍ମଗିରି ବ୍ଲକ ର ହୋଇଥିବା ବେଳେ ଡେଲାଙ୍ଗ ବ୍ଲକ ରୁ ଚିନ୍ମୟ ଙ୍କ ନାମ ଘୋଷିତ ହୋଇଛି । ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ର ଛାତ୍ରମାନେ, ଶିକ୍ଷକ /ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କ ମହଲରେ ଖୁସିର ଲହର ଦେଖାଦେଇଥିବା ବେଳେ ବ୍ଲକ ର ଅନ୍ୟ ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟିତ୍ରୀ ମାନଙ୍କ ପକ୍ଷରୁ ଚିନ୍ମୟ ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ବୁଗୁଡ଼ାରେ କାଳୀ ଓ ଗୋଳିଆରେ ଶ୍ୟାମାକାଳୀ ପୂଜା ଉତ୍ସବ

ବୁଗୁଡ଼ା,୯।୧୧ :(ମନ୍ଥନ) ଆଲୋକର ପର୍ବଦୀପାବଳି ଅବସରରେ ବୁଗୁଡାରେ ମା' କାଳୀ ଏବଂ ଗୋଳିଆରେ ମା' ଶ୍ୟାମାକାଳୀଙ୍କ ପୂଜା ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି । ଗତ ଅକ୍ଟୋବର ୮ ତାରିଖ ରବିବାର ରାତିରେ ବୁଗୁଡା ସହରରେ ଅନୁଷ୍ଠିତ ମା'କାଳୀଙ୍କ ପୂଜା ଅବସରରେ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା,ଚଣ୍ଡୀ ପାଠ, ଆଳତି, ପୁଷ୍ପାଞ୍ଜଳି ଆଦି କାର୍ଯ୍ୟ ପୁରୋହିତ ସଂଗ୍ରାମ କେଶରୀ ନନ୍ଦଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ ବିରଞ୍ଚି ନାରାୟଣ ପଣ୍ଡା ସସ୍ତ୍ରୀକ ହୋମ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ସେହିପରି ନିକଟସ୍ଥ ଗୋଳିଆ ଗ୍ରାମରେ ଶ୍ରୀ ଲଙ୍କେଶ୍ୱର ପାଠାଗାର ତରଫରୁ ଗ୍ରାମବାସୀଙ୍କ ସହଯୋଗରେ ତ୍ରୟୋଦଶ ଥର ପାଇଁ ମା' ଶ୍ୟାମାକାଳୀଙ୍କ ପୂଜା ଯଥାବିଧି ପୂର୍ବକ ଅନୁଷ୍ଠିତ ହୋଇଯାଇଛି । ମା'ଙ୍କ ପୂଜା ଉପଲକ୍ଷେ ଗତ ନଭେମ୍ବର ୭ ତାରିଖ ଶନିବାର ଦିନ କଳସ ଯାତ୍ରା ସହ ମଣ୍ଡପ ଠାରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଗ୍ରାମର ତେଲୁଗୁ ସାହିରେ ଅନୁଷ୍ଠିତ ମା'ଙ୍କ ଏହି ପୂଜା ଉତ୍ସବରେ ପୁରୋହିତ ଭାବେ ଗୋଦାବରୀଶ ହୋତା, ଉମା ତନୟ ହୋତା, ଶଶାଙ୍କ ଭୂଷଣ ହୋତା, ଷଷ୍ଠୀ ପ୍ରସାଦ ହୋତା ପ୍ରମୁଖ ଯୋଗଦେଇ ହୋମ, ଚଣ୍ଡୀ ପାଠ ଆଦି କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ନଳିନୀ କାନ୍ତ ଦୋରା ସପତ୍ନୀକ ହୋମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପାଠାଗାର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଉକ୍ତ ଉତ୍ସବ ପରିଚାଳିତ ହୋଇ ଆସୁଥିବା ବେଳେ ପୂଜା ମଣ୍ଡପରେ ମା'ଙ୍କ ରହଣି କାଳରେ ପ୍ରବଚନ, ଅଷ୍ଟ ପ୍ରହର ନାମଯଜ୍ଞ ଓ ଅନ୍ନଯଜ୍ଞ ଆଦି କାର୍ଯ୍ୟକ୍ରମ ସହ ଆସନ୍ତା ୧୫ ତାରିଖ ରବିବାର ଦିନ ଅପରାହ୍ନରେ ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ ପାଇଛି ।

କାଳୀପୂଜା ଅନୁଷ୍ଠିତ

ଅସ୍ତରଙ୍ଗ,୯।୧୧ :(ମନ୍ଥନ)ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ଗ୍ରାମରେ ମା ଭଗବତୀ ପ୍ରାଙ୍ଗଣରେ ୧୮ ତମ ମା 'କାଳୀ ପୂଜା ଭଗବତୀ କ୍ଲବ୍ ଆୟୋଜନରେ ମା 'କାଳୀପୂଜା ଅନୁଷ୍ଠିତ ହୋଇଯାଇଛି । ରବି ବାର ଦିନ କଳସ ଯାତ୍ରାରେ ଅନୁଷ୍ଠାନର ସଦସ୍ୟ ତଥା ଗ୍ରାମର ମହିଳା କଳସ ରେ ଯାଇ ଜଳ ଆଣି କଳସ ସ୍ଥାପନା କରିଥିଲେ ଓ ସନ୍ଧ୍ୟା ୭ ଘଂଟିକା ସମୟରେ ମା 'ଙ୍କ ଘଟ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ଦିନ ସୂର୍ଯ୍ୟ ପୂଜା ଓ ଚଣ୍ଡୀ ପାଠ କରାଯାଇଥିଲା ଓ ମଙ୍ଗଳ ବାର ପୂର୍ଣ୍ଣାହୁତି ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପୂଜା କାର୍ଯ୍ୟକ୍ରମରେ କ୍ଲବ୍ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ମା 'ଙ୍କ ପୂଜାରେ ସହଯୋଗ କରିଥିଲେ।

ପୌର ପରିଷଦ ପକ୍ଷରୁ ପେଭର ବ୍ଲକ କାର୍ଯ୍ୟ ଉଦଘାଟିତ

ବଲାଙ୍ଗୀର,୯।୧୧ :(ମନ୍ଥନ)ଆଲୋକର ପର୍ବ ଦୀପାବଳିକୁ ସମସ୍ତଙ୍କ ସହ ମିଶି ଖୁସିରେ ଉପଭୋଗ କରିବା ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ମୁହଁରେ ହସ ଫୁଟାଇବା ଉଦ୍ଦେଶ୍ୟରେ ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠା । ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ 'ଆଶ୍ରା' ଅନୁଷ୍ଠାନ ପରିସରରେ ରହୁଥିବା ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କ ସହିତ ମିଶି ଦୀପାବଳି ଖୁବ୍ ଧୁମଧାମରେ ଓ ଆନନ୍ଦୋଲ୍ଲାସର ସହିତ ପାଳନ କରାଯାଇଛି।ଏହି ସ୍ୱତନ୍ତ୍ର ପର୍ବରେ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ମିଠା ବଣ୍ଟାଯିବା ସହ ସେମାନଙ୍କୁ ଦୀପ ଜାଳି ଏହି ପର୍ବର ଆନନ୍ଦ ନେବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ସେମାନଙ୍କ ଗହଳରେ ଦୀପାବଳି ପାଳନ କରିବା ଦ୍ୱାରା ସେମାନଙ୍କ ମୁହଁରେ ଯେଉଁ ଖୁସି ଦେଖିବାକୁ ମିଳିଥିଲା, ତାହା ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ।ଏହି ଅବସରରେ ଅନୁଷ୍ଠାନ ର ବିଶେଷ ଅନୁରୋଧ କ୍ରମେ, ବଲାଙ୍ଗୀର ପୌରପରିଷଦ ତରଫରୁ ହୋଇଥିବା ପେଭର ବ୍ଲକ ନିର୍ମାଣ କାର୍ଯ୍ୟର ମଧ୍ୟ ଶୁଭ ଉଦଘାଟନ କରାଯାଇଛି । ବଲାଙ୍ଗୀର ପୌରପରିଷଦର



ମାନ୍ୟବର ଅଧକ୍ଷା ଲିକା ସାହୁ ଏବଂ ସ୍ଥାନୀୟ କାଉନସିଲର ଶତ୍ରୁଘ୍ନ ବାଗ ଅତିଥି ଭାବେ ଯୋଗଦେଇ ଏହି ପେଭର ବ୍ଲକ କାର୍ଯ୍ୟର ଉଦଘାଟନ କରିଥିଲେ। ଆଶ୍ରା ର ଅଧକ୍ଷ ରଂଜିତ ପ୍ରସାଦ ମହାନ୍ତି ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଉଦଘାଟନ ପରେ ଅତିଥିମାନେ କେବଳ ଫିତା କାଟି ନଥିଲେ, ବରଂ 'ଆଶ୍ରା'ର ଦିବ୍ୟାଙ୍ଗ ଭାଇଭଉଣୀ ଏବଂ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର କର୍ମକର୍ତ୍ତାମାନଙ୍କ ସହିତ ସମୟ ବିତାଇଥିଲେ ଏବଂ ସେମାନଙ୍କ ସହ ମିଶି ଦୀପାବଳି ପାଳନ କରିଥିଲେ। ଅଧକ୍ଷା ଶ୍ରୀମତୀ ସାହୁ ଏବଂ କାଉନସିଲର ଶ୍ରୀ ବାଗଙ୍କ ଏପରି ସରଳ ମନଭାବ ଓ ସାମାଜିକ କାର୍ଯ୍ୟରେ ସହଯୋଗ ସମସ୍ତଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା।

ଏହି ସମଗ୍ର କାର୍ଯ୍ୟକ୍ରମରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ରୂପା ଦାସ, ପ୍ରିୟା ମିଶ୍ର, ମାନସୀ ନନ୍ଦ, ଶତାବ୍ଦୀ ନନ୍ଦ, ଅଂଶିତା ସାହୁ, ମୁକେଶ ପଧାନ, ସୋମନାଥ ମିଶ୍ର, କନ୍ଦର୍ପ ରଣା, ମନୋଜ ଖମାରି, ଶୁଭମ ମହାନ୍ତି, ମାନସ ପଟେଲ, ସୁବ୍ରତ ରାଉତ ସହ ସମସ୍ତ ସଦସ୍ୟ ରହି ସହଯୋଗ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଏଭଳି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରିରହିବ ବୋଲି ପ୍ରକାଶ କରାଯାଇଛି।

ଦୀର୍ଘଦିନ ପରେ ଖୋଲିଲା ପିପୁଲ୍ସ କଲେଜ ଛାତ୍ର କମନ୍ ରୁମ୍

ବୁଗୁଡା,୯।୧୧ :(ମନ୍ଥନ)ସ୍ଥାନୀୟ ପିପୁଲ୍ସ କଲେଜର ଛାତ୍ର କମନ୍ ରୁମ୍ ଦୀର୍ଘଦିନ ଧରି ଛାତ୍ରଙ୍କ କାମରେ ନଲାଗି ବନ୍ଦ ହୋଇ ରହିଥିଲା। ସେହି କକ୍ଷଟିରେ ବ୍ୟାୟାମ ସାମଗ୍ରୀମାନ ଗଚ୍ଛିତ ହୋଇରହିଥିଲା । ଏ ନେଇ ଏବିଭିପି ଛାତ୍ର ସଂଗଠନ ପକ୍ଷରୁ ତଳଦିନେ କଲେଜ ଅଧ୍ୟକ୍ଷଙ୍କୁ ଛାତ୍ର କମନ ରୁମ୍ ଖୋଲାଯିବାକୁ ଲିଖିତ ଦାବି ଉପସ୍ଥାପନ କରାଯାଇଥିଲା। ଗତ ମାସରେ କଲେଜ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇ ଏବିଭିପିର ସମସ୍ତ ପ୍ରାର୍ଥୀଙ୍କ ଅପ୍ରତିଦ୍ୱନ୍ଦୀ ବାଜିମାତ୍ ହୋଇଥିଲା। ଏବେ ଛାତ୍ରଙ୍କ ଦାବିକୁ ଗ୍ରହଣ କରି କଲେଜ କର୍ତ୍ତୃପକ୍ଷ କମନ୍ ରୁମଟିକୁ ଛାତ୍ରଙ୍କ ନିମନ୍ତେ ଉପଲବ୍ଧ କରାଇଛନ୍ତି। ଫଳରେ ଛାତ୍ରଙ୍କ ମଧ୍ୟରେ ଉତ୍ସାହ ଖେଳିଯିବା ସହ ସେଠାରେ ପାନୀୟ ଜଳର ବ୍ୟବସ୍ଥା ନଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷରେ ଶନିବାର ଦିନ କଲେଜ ଛାତ୍ର ସଂସଦ ସଭାପତି ସଂଗ୍ରାମ ଦାଶଙ୍କ ନେତୃତ୍ୱରେ କଲେଜ ପରିସରରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

ଆୟୁର୍ବେଦିକ ମହାବିଦ୍ୟାଳୟ ରେ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କଲେ ନରସିଂହ

ବଲାଙ୍ଗିର,୯।୧୧ :(ମନ୍ଥନ)ଆଜି ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ସ୍ଥାନୀୟ ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ କୁ ଯାଇ ସେଠାରେ ଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ କୁ ନେଇ କଲେଜ କର୍ତ୍ତୃପକ୍ଷ ପୁରାତନ ଓ ବର୍ତ୍ତମାନର ଛାତ୍ର ନେତାଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ବିଶେଷ କରି ଶ୍ରୀ ମିଶ୍ର ବିଧାୟକ ଥିବା ବେଳେ ତାଙ୍କ ଉଦ୍ୟମରେ ଅଣାଯାଇଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଅନୁଦାନରେ ପ୍ରକଳ୍ପ କାମ ର ମନ୍ଥରତାକୁ ନେଇ ଆଲୋଚନା ହୋଇଥିଲା । ବହୁକୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଋଳିଥିବା ଅଡିଟରିୟମ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ ଫଳରେ ଆୟୁର୍ବେଦ ମହାବିଦ୍ୟାଳୟର ଅନେକ ଚିକିତ୍ସା ଶିକ୍ଷା ଜନିତ କାର୍ଯ୍ୟକ୍ରମ ପାଇଁ ଡାକ୍ତରୀ ଛାତ୍ରମାନେ ହଇରାଣ ହେଉଛନ୍ତି । ବାରମ୍ବାର ନିର୍ମାଣ କରୁଥିବା ସଂସ୍ଥା ତଥା ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଏ ନେଇ ଅଭିଯୋଗ କଲେ ହେଁ କୌଣସି ପ୍ରକାର ଫଳ ମିଳୁନାହିଁ । ଏହାକୁ ନେଇ ଶ୍ରୀ ମିଶ୍ର ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କଲେଜ ରେ ଶିକ୍ଷା ପାଇଁ ଦରକାର ହେଉଥିବା ହର୍ବାଲ ଗାର୍ଡେନ ଓ ଛାତ୍ର ଛାତ୍ରୀଙ୍କ ନିମିତ୍ତ ଦରକାର ହେଉଥିବା ଖେଳ ପଡିଆକୁ ନେଇ କୌଣସି ଅଗ୍ରଗତି ହୋଇପାରି ନାହିଁ ତେଣୁ ଏ ଦିଗରେ ବିଧିବଦ୍ଧ ଉଦ୍ୟମ କରାଯିବ ବୋଲି ଆଲୋଚନା ବେଳେ ନିଷ୍ପତ୍ତି ହୋଇଥିଲା ।

କୁମ୍ଭକାର ସମାଜର ବିକାଶ ପାଇଁ 'ମାଟିକଳା ବୋର୍ଡ' ଗଠନ ଦାବି ଜୋରଦାର

ଗୋପ,୯।୧୧ :(ମନ୍ଥନ)ରାଜ୍ୟର କୁମ୍ଭକାର ସମାଜର ସର୍ବାଙ୍ଗୀନ ବିକାଶ, ପାରମ୍ପରିକ ମାଟିକଳାର ସୁରକ୍ଷା ଏବଂ କୁମ୍ଭକାର ପରିବାରଙ୍କ ଜୀବନଜୀବିକାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ମାଟିକଳା ବୋର୍ଡ' ଗଠନ ପାଇଁ ଦାବି ଜୋରଦାର ହୋଇଛି। ଏହି ପରିପ୍ରେକ୍ଷୀରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୁରୀ ଜିଲ୍ଲା ଧାନ ସଂଗ୍ରହ କମିଟି ଚାଷୀ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ (ଲୁଲୁ)ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୁରୀ ଜିଲ୍ଲା ହସ୍ତଶିଳ୍ପ ଉପ-ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡିଙ୍କୁ ଭେଟି ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ।ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ପକ୍ଷରୁ ଆସିଥିବା ପତ୍ର ଅନୁଯାୟୀ ପ୍ରତିନିଧି ଦଳ ଏହି ଆଲୋଚନାରେ ଯୋଗଦେଇଥିଲେ। ପୁରୀ ଜିଲ୍ଲାର କୁମ୍ଭାରପଡ଼ା, ଗୋପ ବ୍ଲକ୍ର ବେଦପୁର ପଞ୍ଚାୟତ ଅନ୍ତର୍ଗତ ବାଲିକନ୍ଦଳ ଏବଂ ନିମାପଡ଼ା ବ୍ଲକ୍ର ବାହାରେଣା ପଞ୍ଚାୟତ ଅନ୍ତର୍ଗତ ଜୋରକୁଳ ସମେତ ବିଭିନ୍ନ ଅଞ୍ଚଳର କୁମ୍ଭକାର ପରିବାର ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା ।ଆଲୋଚନାରେ ପାରମ୍ପରିକ କୁମ୍ଭକାରମାନଙ୍କର ସଠିକ୍ ସର୍ଭେ କରି ସେମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ପ୍ରଦାନ, ମାଟିକଳା ପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ କିସମର ମାଟି ସୁଲଭ ମୂଲ୍ୟରେ ଯୋଗାଣ ଏବଂ ଏଥିପାଇଁ ଖଣି ଓ ରାଜସ୍ୱ ବିଭାଗ ସହ ସମନ୍ୱୟ ସ୍ଥାପନ ନିମନ୍ତେ ଦାବି ରଖାଯାଇଥିଲା।ସେହିପରି କୁମ୍ଭକାରମାନଙ୍କୁ ନେଇ ଉତ୍ପାଦକ ଗୋଷ୍ଠୀ ଗଠନ, ଆର୍ଥିକ ଓ ବୈଷୟିକ ସହାୟତା, ଉତ୍ପାଦିତ ମାଟି ସାମଗ୍ରୀର ବଜାର ସଂଯୋଗୀକରଣ, ଆଧୁନିକ ଜ୍ଞାନକୌଶଳର ପ୍ରଶିକ୍ଷଣ ଏବଂ ଅନ୍ୟ ରାଜ୍ୟକୁ ଅନୁଭୂତି ଅଧ୍ୟୟନ ଯାତ୍ରା ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ପାରମ୍ପରିକ ମାଟିକଳାକୁ ଆଧୁନିକ ବଜାର ସହ ଯୋଡ଼ିବା ସହ କୁମ୍ଭକାରଙ୍କ ଆୟ ବୃଦ୍ଧି କରାଯାଇପାରିବ ବୋଲି ପ୍ରତିନିଧି ଦଳ ମତ ରଖିଥିଲେ।ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ପ୍ରଧାନମନ୍ତ୍ରୀ କୁମ୍ଭକାର ସଶକ୍ତିକରଣ ଯୋଜନା ଅଧୀନରେ ଗୋପ ଓ ଏହାର ଆଖପାଖ ଅଞ୍ଚଳର କୁମ୍ଭକାରମାନଙ୍କୁ ଦଶଦିନିଆ କୌଶଳ ବିକାଶ ପ୍ରଶିକ୍ଷଣ ଦିଆଯିବା ସହ ବିଦ୍ୟୁତଚାଳିତ କୁମ୍ଭକାର ଚାକ ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପକୁ ଆଗକୁ ବଢ଼ାଇ ମାଟିକଳା ଶିଳ୍ପକୁ



ଏକ ସ୍ଥାୟୀ ଓ ଲାଭଜନକ ଜୀବିକାରେ ପରିଣତ କରିବା ପାଇଁ ସ୍ୱତନ୍ତ୍ର ବୋର୍ଡ ଗଠନ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା।ଏହି ଆଲୋଚନାରେ ପ୍ରଶାନ୍ତ ସ୍ୱାଇଁଙ୍କ ସହ ଭାରତୀୟ ମଜଦୂର ସଂଘର ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ଉପେନ୍ଦ୍ର ବିଷୋଇ ଏବଂ ସ୍ୱଦେଶୀ ଜାଗରଣ ମଞ୍ଚର ପୁରୀ ବିଭାଗ ସଂଯୋଜକ ବିଶ୍ୱନାଥ ପଣ୍ଡା ଯୋଗଦେଇ କୁମ୍ଭକାର ସମାଜର ନ୍ୟାଯ୍ୟ ଅଧିକାର ଓ ଆର୍ଥିକ ସଶକ୍ତିକରଣ ପାଇଁ ନିଜ ନିଜର ମତ ରଖିଥିଲେ।

ଜୟ କିଷାନ ମଲ୍ଟିପରପସ ସୋସାଇଟିର ୧୬ତମ ପ୍ରତିଷ୍ଠା ଦିବସ ପାଳିତ

ଜଗତସିଂହପୁର,୯।୧୧ :(ମନ୍ଥନ) ରବିବାର ପୂର୍ବାହ୍ନ ୧୧ଟା ସମୟରେ ଜୟ କିଷାନ ଅନୁଷ୍ଠାନ ପରିସରରେ ସଭାପତି ଚଣ୍ଡୀ ପ୍ରସାଦ ସିଂହଙ୍କ ଅଧକ୍ଷତାରେ ୧୬ତମ ପ୍ରତିଷ୍ଠା ଦିବସ ଓ ୬ଷ୍ଠ ବେଷ୍ଟ କୋଅପରେଟିଭ ଆୱାର୍ଡ ପାଳନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଡିଆରସିଏସ ଲଳିତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ସମ୍ମାନୀତ ଅତିଥି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ବିଷ୍ଣୁପ୍ରିୟା ବଳ, ଅବସରପ୍ରାପ୍ତ ଏସଏଆରସିଏସ ଶଶୀ ଶେଖର ରଥ ପ୍ରମୁଖ ଯୋଗଦେଇ କୋଅପରେଟିଭ ସଂସ୍ଥା,ଏହାର ଲକ୍ଷ୍ୟ, ସଞ୍ଚୟ ଓ ନିବେଶ ସମ୍ବନ୍ଧରେ ମତ ରଖିଥିଲେ। ଅନ୍ୟ ରାଜ୍ୟରେ ସମବାୟ ସମିତି ଜାତୀୟ କରଣ ବ୍ୟାଙ୍କଠାରୁ କିପରି ଅଧିକ କାମ କରୁଛି ତାହା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ରମେଶ ଚନ୍ଦ୍ର ଦାଶ କୃଷି ଏବଂ କୃଷକର ଅଗ୍ରଗତିରେ କୋଅପରେଟିଭ ସୋସାଇଟ କିପରି ସେତୁବନ୍ଧ ଭଳି କାମ କରୁଛି ତାହା ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସୁରେଶ ଚନ୍ଦ୍ର ରାଉତ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ଓ ସବୁ ବର୍ଗର ଲୋକଙ୍କୁ ସଞ୍ଚୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସ୍ଥାନୀୟ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ବିଷ୍ଣୁପ୍ରିୟା ବଳ କହିଲେ ଯେ,ଜୟ କିଷାନ ଅନୁଷ୍ଠାନ ତାର ସଦସ୍ୟମାନଙ୍କୁ ତ୍ୱରିତ ସେବା ପ୍ରଦାନ ସହ ଆର୍ଥିକ ଅଭିବୃଦ୍ଧିରେ ସହାୟତା ପ୍ରଦାନ କରି ସଦସ୍ୟମାନଙ୍କର ନିକଟତର ହୋଇପାରିଛି । ସୋସାଇଟିର ସଂପାଦକ ନାରାୟଣ ଚନ୍ଦ୍ର ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ଏକ ଶହରୁ ଉର୍ଦ୍ଧ୍ୱ ସଦସ୍ୟ ଏବଂ ୧୬ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶ୍ରୀ ଲକ୍ଷ୍ମଣ କୁମାର ଦାସ, କ୍ରିଷ୍ଣାନନ୍ଦପୁର ବ୍ରାଞ୍ଚ ହେଡ ମନୋଜ କୁମାର ସ୍ୱାଇଁ, ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଭିଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଦୁଇ ଜଣ ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଗତସିଂହପୁର,୯।୧୧ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ର ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଦୁଇ ଜଣ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତ କୁମାରୀ ବିଶ୍ୱାଳ ଓ ସହକାରୀ ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣା ରାଉତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ବୋଲି ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଓଡିଶା ସରକାର ଏକ ଚିଠି ନଂ. ୩୧୫୧,୩/୧୧/୨୦୨୬ ରେ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଜଣାଇଛନ୍ତି । ଏଥିପାଇଁ ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ର ସଭାପତି ବିଜୟ କୁମାର ସ୍ୱାଇଁ, ପରିଚାଳନା ଉନ୍ନୟନ କମିଟି,ଅଭିଭାବକ ଓ ପୁରାତନ ଛାତ୍ର ଛାତ୍ରୀ ମାନେ ଉକ୍ତ ଦୁଇ ଶିକ୍ଷୟିତ୍ରୀ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟ ସରକାର ଙ୍କୁ ସାଧୁବାଦ ଜଣାଇଛନ୍ତି ।

ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଦୁଇ ଜଣ ଶିକ୍ଷୟିତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଜଗତସିଂହପୁର,୯।୧୧ :(ମନ୍ଥନ)ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ର ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ଦୁଇ ଜଣ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତ କୁମାରୀ ବିଶ୍ୱାଳ ଓ ସହକାରୀ ଶିକ୍ଷୟିତ୍ରୀ ସମ୍ପୂର୍ଣ୍ଣା ରାଉତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ବୋଲି ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଓଡିଶା ସରକାର ଏକ ଚିଠି ନଂ. ୩୧୫୧,୩/୧୧/୨୦୨୬ ରେ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ଜଣାଇଛନ୍ତି କ୍ଷ ଏଥିପାଇଁ ପୂର୍ଣ୍ଣ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ର ସଭାପତି ବିଜୟ କୁମାର ସ୍ୱାଇଁ, ପରିଚାଳନା ଉନ୍ନୟନ କମିଟି,ଅଭିଭାବକ ଓ ପୁରାତନ ଛାତ୍ର ଛାତ୍ରୀ ମାନେ ଉକ୍ତ ଦୁଇ ଶିକ୍ଷୟିତ୍ରୀ ଙ୍କୁ ଅଭିନନ୍ଦନ ଜଣାଇବା ସହିତ ରାଜ୍ୟ ସରକାର ଙ୍କୁ ସାଧୁବାଦ ଜଣାଇଛନ୍ତି ।

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୧୦ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,10 November 2026, Bhubaneswar



କଳା ଓ ସଂସ୍କୃତିର ବିକାଶ ନେଇ କଳାକାର ଭବନରେ ସାଂସଦ

ଅନୁଗୋଳ,୯।୧୧ :(ମନ୍ଥନ)ଢେଙ୍କାନାଳର ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି ଶନିବାର ପୂର୍ବାହ୍ନରେଅନୁଗୋଳ ର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ର ନବ ନିର୍ମିତ 'କଳାକାର ଭବନ'ପରିଦର୍ଶନ କରିଥିଲେ। ଏହି ଅବସରରେ ସେ 'କଳାକାର ଭବନ'ର ବିଭିନ୍ନ ସୁବିଧା ସୁଯୋଗ ଓ ଭିତ୍ତିଭୂମି ସମ୍ପର୍କରେ ଅବଗତ ହୋଇଥିଲେ।ପରିଦର୍ଶନ ସମୟରେ ସାଂସଦ ଶ୍ରୀ ପାଣି କଳାକାର ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ କଳା-ସଂସ୍କୃତିର ବିକାଶ ସମ୍ପର୍କରେ ମତ ବିନିମୟ କରିଥିଲେ। ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ କଳାକାରମାନଙ୍କ ପ୍ରତିଭାର ବିକାଶ ପାଇଁ କଳାକାର ଭବନର ଗୁରୁତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି ମାନ୍ୟବର ସାଂସଦ ଓ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଙ୍କ ପ୍ରଦତ୍ତ ଉର୍ଣ୍ଣୟନ ପାଣ୍ଠି ସହଯୋଗରେ



ନୂତନ କଳାକାର ଭବନ ନିର୍ମାଣଧୀନ ଅଛି ଓ ଯଥାଶୀଘ୍ର ସମ୍ଭବ ସପୂର୍ଣ କରିବା ଦିଗରେ ଚେଷ୍ଟା ରତ ଅଛନ୍ତି ଓ ସାଂସଦଙ୍କ ଏହି ପରିଦର୍ଶନ ସମୟରେ

'କଳାକାର' ର ସଭାପତି ବୀରେନ୍ଦ୍ର ପ୍ରଧାନ, ସଂପାଦକ ବିଦେଶୀ ନାଏକ, ସହସଂପାଦକ ଦୀପାନଶୁ ବରାଳ, ଲୋକ ସଂପର୍କ ସଂପାଦକ ନିରୋଦ କୁମାର ସାହୁ, କୋଷାଧକ୍ଷ ରୁଚିର ବରାଳ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ, ଦିଲେଶ୍ୱର ପ୍ରଧାନ, ଅଭୟ ତ୍ରିପାଠୀ, ପୂର୍ବତନ ନଗରପାଳ ଭକ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଧାନ ଅମଳ ପୂର୍ବରୁ ଗଜା

କୁଚିଣ୍ଡା,୯।୧୧ :(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ଗ୍ରାମପଞ୍ଚାୟତ ର କେତେକ ଚାଷୀମାନେ ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଧାନ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ରେ କୃଷି ଜିଲ୍ଲା କାର୍ଯ୍ୟାଳୟ କୁଚିଣ୍ଡା ରେ ଏବଂ କୁଚିଣ୍ଡା ତହସିଲଦାର ଙ୍କ ପାଖରେ ହୋଇଥିବା । ଯକ୍ଷତିର ତୁରନ୍ତ ଆକଳନ କରି ଏହାର ସମାଧାନ କରିବା ପାଇଁ ଦରଖାସ୍ତ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ରେ ହୋଇଥିବା ଧାନ ଚାଷରେ ଅର୍ଣ୍ଣବ ବାତ୍ୟା ଯୋଗୁଁ ହୋଇଥିବା ଅଦିନିଆ ବର୍ଷା ଓ ପବନର ପ୍ରଭାବରେ ଜମିରେ ଧାନ ଫସଲ ଅମଳ ପୂର୍ବରୁ ଧାନ କେଣ୍ଡା ଗୁଡିକ ତଳେ ପଡ଼ି ବର୍ଷା ପାଣିରେ ନଷ୍ଟ ହୋଇଥିବା ଏବଂ ସେଥିରେ ଗଜା ବାହାରିଥିବା ଧାନ କେଣ୍ଡା ଧରି ପାରୁଆଭାଡି ଗ୍ରାମପଞ୍ଚାୟତ ର ଚାଷୀମାନେ ଓ ପୂର୍ବତନ କୁଚିଣ୍ଡା ବିଧାୟକ କିଶୋର ନାଏକ ମଧ୍ୟ ଜଣେ ଚାଷୀ ହିସାବରେ ତାଙ୍କର କ୍ଷତି ହୋଇଥିବା ଧାନ କେଣ୍ଡା ଆଣି ନିଜେ ନିଜର ଲିଖିତ ଦରଖାସ୍ତ ଏବଂ ଜିପିଏସ୍ ଫଟୋ ମାଧ୍ୟମରେ ଚଷୀମାନେ କୁଚିଣ୍ଡା କୃଷି ଜିଲ୍ଲା ଅଧିକାରୀ ପ୍ରସନ୍ନ ସ୍ୱାଇଁ ଙ୍କ ପାଖରେ ଏବଂ ପରେ କୁଚିଣ୍ଡା ତହସିଲଦାର ସରିତା ଓରାମ ଙ୍କ ପାଖରେ ହୋଇଥିବା କ୍ଷୟକ୍ଷତିର ତୁରନ୍ତ ଅନୁଧ୍ୟାନ କରି ଏହାର ସମାଧାନ କରିବା ପାଇଁ ଦରଖାସ୍ତ ପ୍ରଦାନ କରିଛନ୍ତି।ଏପଟେ କୃଷି ଜିଲ୍ଲା ଅଧିକାରୀ କହିଛନ୍ତି ଯେ, କ୍ଷୟକ୍ଷତିର ଆକଳନର ସର୍ଭେ କରିବା ପାଇଁ କ୍ଷେତ୍ର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ଶିଘ୍ର ସର୍ଭେ କାମ ସାରି ସରକାରଙ୍କୁ ତଥ୍ୟ ପ୍ରଦାନ କରିବୁ କହିଥିଲେ ଏବଂ ଶିଘ୍ର ସର୍ଭେ କାମ ସାରିବା ଦ୍ୱାରା ଚାଷୀମାନେ ଜମିର କିଛି ଧାନ ପାଇବା କଥା ସେଥିରୁ କିଛି ପାଇବେ ବୋଲି କହିଥିଲେ। ଏହି ଅବସରରେ କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର



ନାଏକ ଙ୍କ ସମେତ କୁଚିଣ୍ଡା ଜୋନ ୧ ଜିଲ୍ଲାପରିଷଦ ସଭ୍ୟ ଅଜିତ ମହାପାତ୍ର,କୃଷକ ସଂଗଠନର ସଭାପତି ସୁଶିଲ ପଟେଲ,ଲିଙ୍ଗରାଜ ବାଘ,ଶ୍ରିକାନ୍ତ ପଟେଲ, ଅଶ୍ୱିନୀ ନାଏକ, ବୁଦ୍ଧଦେବ ପୃଷେଠ, ଶିବ ନାରାୟଣ ପୃଷେଠ, ହରିପ୍ରସାଦ ପୃଷେଠ, ଗୈତମ ପଟେଲ,ଅଜିତ ପଟେଲ, ଜୟନାରାୟଣ ବାରିକ,ମୁରଲୀ ମହାନନ୍ଦିଆ,ଯଦୁମଣି କିସାନ,ଅଶୋକ ପୃଷ୍ଟି,ଭବାନି ସାହୁ,ଅମିତ ପଟେଲ ଓ ଅନ୍ୟାନ୍ୟ ଚାଷୀମାନେ ସାମିଲ ହୋଇଥିଲେ।

ଓକିଲଙ୍କୁ ଆକ୍ରମଣ ଘଟଣା କୁ ରାଜ୍ୟ ଆଇନଜୀବୀ ପରିଷଦର ଦୃଢ଼ ନିନ୍ଦା

ନବରଙ୍ଗପୁର,୯।୧୧ :(ମନ୍ଥନ) ଝରୀଗାଁ କୋର୍ଟ ପରିସରରେ ବିଚାରପତି ସ୍ମିତା ଲାକ୍ରା,ସରକାରୀ ଓକିଲ ପ୍ରଦୀପ ପଟ୍ଟନାୟକ ଓ କୋର୍ଟ ସବ-ଇନିସ୍ପେକ୍ଟର ମୀନ କେତନ ଗନ୍ତାୟତ ଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ କୁ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ତୀବ୍ର ନିନ୍ଦା କରାଯିବା ସହ ଏହିଭଳି ସ୍ପର୍ଶକାତର ଘଟଣା କୁ ଅନୁଧାନ ପାଇଁ ଓଡିଶା ହାଇକୋର୍ଟ ରୁ ଆସିଥିବା ମାନ୍ୟବର ନ୍ୟାୟମୂର୍ତ୍ତି ଶ୍ରୀ ଭି. ନରସିଂହ ଙ୍କ ସମ୍ମୁଖରେ ଓକିଲ ମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦାବି ଉପସ୍ଥାପନା କରାଯାଇଛି କ୍ଷ ସ୍ଥାନୀୟ ସର୍କିଟ ହାଉସ ଠାରେ ଆୟୋଜିତ ସମ୍ମିଳନୀ କକ୍ଷ ରେ ଏହି ସଭାକୁ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପିତା ରମେଶ ପାତ୍ର ସମ୍ବୋଧନ କରିଥିଲେ । ନ୍ୟାୟମୂର୍ତ୍ତି ଶ୍ରୀ ଭି. ନରସିଂହ ଘଟଣା ରେ ଗୁରୁତର ଆହତ ହୋଇଥିବା ସରକାରୀ ଓକିଲ ପ୍ରଦୀପ ପଟ୍ଟନାୟକ ଙ୍କୁ ଭେଟିବା ସହ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଙ୍କୁ ଜିଲ୍ଲା ପ୍ରଶାସନ ତାଙ୍କ ଚିକିତ୍ସା ବାବଦକୁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଓଡିଶା ରାଜ୍ୟ ଆଇନଜୀବୀ



ପରିଷଦ ତରଫରୁ ତୁରନ୍ତ ଓକିଲ ସୁରକ୍ଷା ଅଧିନିୟମ କୁ ତୁରନ୍ତ ଲାଗୁ କରିବା ସହ କୋର୍ଟ ପରିସରରେ ଥିବା ସମସ୍ତ ଓକିଲ ତଥା କର୍ମଚାରୀ ମାନଙ୍କ ସୁରକ୍ଷା କୁ କଡା କରିବା ପାଇଁ ଅନୁରୋଧ କରାଯାଇଛି । ଏଥିରେ ଅନ୍ୟମାନଙ୍କ ଆସିଷ୍ଟାଣ୍ଟ ଡାଇରେକ୍ଟର ପବ୍ଲିକ ପ୍ରସିକ୍ୟୁସନ ରୂପେଶ ପ୍ରାଧନୀ,ପବ୍ଲିକ ପ୍ରୋସିକ୍ୟୁଟର ମନୋଜ କୁମାର ଏକ୍କା,ବରିଷ୍ଠ ଓକିଲ ଦାଶରଥି ପଟ୍ଟନାୟକ,ଶ୍ରୀନିବାସ ପଟ୍ଟନାୟକ, ଶ୍ରୀକାନ୍ତ କୁମାର ପଣ୍ଡା,ସିମାଞ୍ଚଳ ପାଢ଼ୀ,ହରିନାରାୟଣ ବେହେରା,ତପନ ସିଂ,ଶତାବ୍ଦୀ ପାଳ,ପ୍ରଶାନ୍ତ ପଟ୍ଟନାୟକ, ଦେବୀ ପ୍ରସାଦ ସିଂ,ସମରେଶ ଗନ୍ତାୟତ,ରାମଚନ୍ଦ୍ର ନାୟକ,ସଞ୍ଜୀବ ଭକ୍ତ,ଶାନ୍ତନୁ ବାହିନୀପତି,ଶ୍ରୀନିବାସ ପାତ୍ର ମୃତ୍ୟୁଞ୍ଜୟ ମହାରଣା, ବିଧୁଶେଖର ତ୍ରିପାଠୀ,ସ୍ୱାଗତିକା ସାମନ୍ତରାୟ,ପ୍ରଫୁଲ୍ଲ ସିଂ,କିଶୋରୀ ପଟ୍ଟନାୟକ,ସତୀଶ ନାୟକ, ମୀନକେତନ ପରିଛା, ଜ୍ୟୋତିରଞ୍ଜନ ପୂଜାରୀ, ହରିଶ୍ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ତ୍ତିକ ମାସ ଦ୍ୱିତୀୟ ସୋମବାର

ବଟେଶ୍ୱର ଶୈବପୀଠରେ ୫୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼

ଗଞ୍ଜାମ,୯।୧୧ :(ମନ୍ଥନ)ପବିତ୍ର କାର୍ତ୍ତିକ ମାସ ରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା ଲାଭ କରି ପୁଣ୍ୟଫଳ ପ୍ରାପ୍ତ ପାଇଁ ଗଞ୍ଜାମ ବ୍ଲକ ଓ ଗଞ୍ଜାମ ସହରରେ ରହିଥିବା ବିଭିନ୍ନ ଶୈବପୀଠ ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ଗ୍ରାମ ନିକଟସ୍ଥ ପ୍ରସିଦ୍ଧ ପଶ୍ଚିମାଭିମୁଖ ବଟେଶ୍ୱର ଶୈବପୀଠ ରେ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।ଶ୍ରଦ୍ଧାଳୁ ମାନେ ଲମ୍ବା ଧାଡି ରେ ଯାଇ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ବଡ଼ି ଭୋର ସମୟରୁ ଦିନ ତମାମ ଶ୍ରଦ୍ଧାଳୁ ମାନଙ୍କ ମନ୍ଦିର ଚତୁର୍ପାର୍ଶ୍ୱରେ ଭିଡ଼ ପରିଲକ୍ଷିତ ହୋଇଥିଲା । ଠାକୁର ଦର୍ଶନ ସହ ଭକ୍ତ ମାନେ ସ୍ଥାନୀୟ ରହିଥିବା ସମୁଦ୍ର କୁଳ ଓ ଶିଶୁ ଉଦ୍ୟାନରେ ବୁଲିବା ସହ ପ୍ରାକୃତିକ ପରିବେଶର ମଜା ନେଇଥିଲେ । ସ୍ଥାନୀୟ ଅଞ୍ଚଳରେ ଉଠା ଦୋକାନୀ ଖାଦ୍ୟ ସାମଗ୍ରୀ ସହ ବିଭିନ୍ନ ପସରା ମେଲିଥିବା ଲକ୍ଷ କରାଯାଇଥିଲା । ସେହିପରି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁ ମାନଙ୍କ ପାଇଁ ସୁଲଭ ମୂଲ୍ୟରେ ସୁସ୍ୱାଦୁ ପ୍ରସାଦ ସେବନର ବତବସ୍ଥା ସହ ଲଡୁ ବ୍ୟବସ୍ଥା କରାଯାଇଥିଲା । ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି କରିବା ପାଇଁ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲିଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇ ଭିଡ଼ କୁ ନିୟନ୍ତ୍ରଣ କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ୬ ଖଣ୍ଡ ଗ୍ରାମର ଯୁବ ଗୋଷ୍ଠି ଭିଡ଼ ନିୟନ୍ତ୍ରଣ ସୁପରିଚାଳନାରେ ସହଯୋଗ କରିଥିଲେ ।

ନଭେମ୍ବର ୧୧ରେ ବିଜେପି ର ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ପଦଯାତ୍ରା

ଅନୁଗୋଳ,୯।୧୧ :(ମନ୍ଥନ)ଆମ ଦେଶକୁ ଦୁର୍ବଳ କରିବା ପାଇଁ ସାମ୍ବିଧାନିକ ଅଧିକାର ନାମରେ ବିରୋଧୀ ଦଳ ଅରାଜକତା ସୃଷ୍ଟି କରୁଛନ୍ତି । ବିରୋଧୀ ଙ୍କର ଦେଶ ବିରୋଧୀ ମାନସିକତା କୁ ପ୍ରତିହତ କରିବା ପାଇଁ ବିଜେପି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ଶକ୍ତି ତଥା ଲୋକ ଶକ୍ତି ଙ୍କ ନିକଟକୁ ଯାଇ ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ସମଗ୍ର ଦେଶରେ ଗତତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ କାର୍ଯ୍ୟକ୍ରମ ଚାଲୁ ରହିଛି । ଏ ପରିପେକ୍ଷୀରେ ଆସନ୍ତା ନଭେମ୍ବର ୧୧ ତାରିଖ ରେ ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ "ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ " ଏକ ବିରାଟ ପଦଯାତ୍ରା ଅନୁଷ୍ଠିତ ହେବ, ଉକ୍ତ କାର୍ଯ୍ୟକ୍ରମ ରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ସମେତ ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ଙ୍କ ସମେତ ରାଜ୍ୟ ଓ ଜିଲ୍ଲା ନେତୃତ୍ୱ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଶନିବାର ପୂର୍ବାହ୍ନ ରେ



ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉକ୍ତ ବୈଠକ ରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ସମଗ୍ର ଜିଲ୍ଲା ର ବୁଥ ସ୍ତରରୁ କାର୍ଯ୍ୟକର୍ତା ଙ୍କୁ ସୂଚନା ଦେଇ ଉକ୍ତ ପଦଯାତ୍ରା ରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ସୁଦିପ ଗଡ଼ନାୟକ ଓ ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ବିଜୟ ମାଝୀ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଓ ମଣ୍ଡଳ ସଭାପତି ମାନେ ଯୋଗ ଦେଇଥିଲେ ।

ଅଗ୍ନିକାଣ୍ଡ ଘଟି ୫ବଖରା ଘର ଜଳିଗଲା

ଡେଲାଙ୍ଗ,୯।୧୧ :(ମନ୍ଥନ)ଡେଲାଙ୍ଗ ତହସିଲ ଅନ୍ତର୍ଗତ ଗୋଡିପୁଟ ମାଟିଆପଡା ପଂଚାୟତ ବଡଇଛାପୁର ଗ୍ରାମରେ ନିଆଁ ଲାଗି ୫ବଖରା ଘର ଜଳିଯାଇଥିବା ସୁଚନା ମିଳିଛି । ଏହି ଅଗ୍ନିକାଣ୍ଡରେ ୨ଟି ପରିବାର ସୟଦ ମୁସରତଅଲ୍ଲୀ ଓ ଅଙ୍କିନା ଅଜମତ ଙ୍କ ର ୫ ବଖରା ଘର ସହ ଆସବାବ ପତ୍ର ଜଳିଯାଇଛି । ଡେଲାଙ୍ଗ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ହରିରାଜପୁର ରାଜସ୍ୱ ବିଭାଗ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଘଟଣାସ୍ଥଳରେ ପହଂଚି କ୍ଷୟକ୍ଷତି ର ଆକଳନ କରିଛନ୍ତି । ଅଗ୍ନି ବିପନ ପରିବାରକୁ ପଲିଥିନ ଯୋଗଇ ଦେଇଥିବା ଜଣାପଡିଛି । ତେବେ ମିଳିଥିବା ସୁଚନା ମୁତାବକ ରବିବାର ବିଳମ୍ବିତ ରାତିରେ ବଡଇଛାପୁର ଗ୍ରାମରେ କୌଣସି କରାଣ ବସତଃ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟିଥିଲା । ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଆୟତ କରିବା କଷ୍ଟକର ହୋଇଥିଲା । ଖବର ପାଇ ଜଟଣୀରୁ ଦମକଳ ବାହିନୀ ପହଂଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ । ସୋମବାର ସକାଳୁ ଖବର ପାଇ ପୁର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ,ପୁର୍ବତନ ବ୍ଲକ ଅଧକ୍ଷା ବାସନ୍ତି ସାହୁ ,ଉପାଧକ୍ଷ ଦୁର୍ବାସା ନିସଙ୍କ, ସରପଂଚ ରଜନୀ ସାସମଲ ଘଟଣାସ୍ଥଳରେ ପହଂଚି ବିପନ ପରିବାରକୁ ସମବେଦନା ଜଣାଇବା ସହ ଏହି ଅଗ୍ନି ବିପନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବ କରିଛନ୍ତି ।

ଜନ ଅଭିଯୋଗ ଶୁଣାଣି ଶିବିର

ନବରଙ୍ଗପୁର,୯।୧୧ :(ମନ୍ଥନ) ଜନସାଧାରଣଙ୍କ ବିଭିନ୍ନ ସମସ୍ୟା, ଅଭାବ ଓ ଅଭିଯୋଗର ଶୁଣାଣି କରି ସେଗୁଡ଼ିକର ତ୍ୱରିତ ତଥା ସୁବ୍ୟବସ୍ଥିତ ସମାଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଆଜି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା।ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡଃ ପ୍ରମୋଦ କୁମାର ପୃଷ୍ଟି ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଆଦିତ୍ୟ ସେନ୍ ମିଳିତ ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଅଭିଯୋଗକାରୀମାନେ ସେମାନଙ୍କର ବ୍ୟକ୍ତିଗତ ତଥା ଗ୍ରାମାଞ୍ଚଳଭିତ୍ତିକ ସମସ୍ୟାଗୁଡ଼ିକୁ ଅଧିକାରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଶିବିରରେ ମୋଟ ୨୫ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ସେଥିମଧ୍ୟରୁ ୧୨ଟି ବ୍ୟକ୍ତିଗତ ଏବଂ ୧୩ଟି ଗ୍ରାମସ୍ତରୀୟ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିଲା।



ଅନ୍ୟ ଅଭିଯୋଗଗୁଡ଼ିକର ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ନିୟମାନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ ଏବଂ ଯଥାଶୀଘ୍ର ନିଷ୍ପତ୍ତି ନେବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା।ଅତିରିକ୍ତ ଜିଲ୍ଲାପାଳ ଡଃ ପୃଷ୍ଟି ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗଗୁଡ଼ିକ ତତ୍ପରତାର ସହ ତଦନ୍ତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସେନ୍ ଜନସାଧାରଣଙ୍କ ପୁଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି କରି ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ।ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ଜିଲ୍ଲାସ୍ତରୀୟ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି ଓ ସମାଧାନ ପ୍ରକ୍ରିୟାରେ ସହଯୋଗ କରିଥିଲେ କ୍ଷ ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ଅଧିକ ସୁଲଭ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ସହ ସାଧାରଣ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ମାଧ୍ୟମରେ ଲୋକାଭିମୁଖୀ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏହି ଜନ ଅଭିଯୋଗ ଶୁଣାଣିର ମୁଖ୍ୟ ଲକ୍ଷ୍ୟ ଅଟେ।

ତୃତୀୟ ପର୍ଯ୍ୟାୟରେ ଜିଲ୍ଲାରେ ୯ ଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଅନୁଗୋଳ,୯।୧୧ :(ମନ୍ଥନ) ଅନୁଗୋଳ ଜିଲ୍ଲାରେ ତୃତୀୟ ପର୍ଯ୍ୟାୟରେ ୯ ଗୋଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ଆଠମଲ୍ଲିକ ବ୍ଲକରେ ୧ଟି, ବଣ୍ଡରପାଳ ବ୍ଲକରେ ୫ଟି, ଛେଣ୍ଡିପଦା ବ୍ଲକରେ ୨ଟି ଏବଂ କିଶୋରନଗର ବ୍ଲକରେ ୧ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଛି।

ବଣ୍ଡରପାଳ ବ୍ଲକ ଅନ୍ତର୍ଗତ କୁମଣ୍ଡ-ଜରାସିଂହା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଆୟୋଜିତ ହୋଇଥିଲା। ଏହି



କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ସମେତ ଜନ ପ୍ରତିନିଧି , ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କିଶୋରନଗର ବ୍ଲକରେ ଆୟୋଜିତ ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗଦେଇଥିଲେ।ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ଦ୍ୱାରା ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ସୁବିଧା ପାଇପାରିବେ। ଏହା ଶିକ୍ଷାର ମାନବୃଦ୍ଧି, ସମାନ ସୁଯୋଗ ସୃଷ୍ଟି ଏବଂ ଏକ ସମୃଦ୍ଧ ଓଡ଼ିଶା ଗଠନରେ ଅତ୍ୟନ୍ତ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ।

ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ,୯।୧୧ :(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ଅଧକ୍ଷତାରେଜିଲ୍ଲା ସଡକ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନ ବୈଠକରେ ଯୋଗ ଦେଇଥିଲେ।ବୈଠକରେ ଅକ୍ଟୋବର ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଅକ୍ଟୋବର ମାସରେ ଜିଲ୍ଲାରେ ମୋଟ ୩୭ଟି ଦୁର୍ଘଟଣା ଘଟିଥିବାବେଳେ ୧୨ଜଣଙ୍କର ମୃତ୍ୟୁ ଘଟିଛି ଓ ୨୫ଜଣ ଆହତ ହୋଇଛନ୍ତି । ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଲଣ ଯୋଗୁଁ ୧୨୮୫ଜଣ, ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୮୭୬ଜଣ , ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୨୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୩୪ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ



୪୫୦ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା । ବୈଠକର ନିଷ୍ପତ୍ତି ଅନୁସାରେ, ବୁଲା ଗୋରୁଙ୍କ ପାଇଁ ରାଜପଥ କଡ଼ରେ 'କ୍ୟାଟେଲ ବାରିକେଡ୍' ଲଗାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିଭଳି ରାସ୍ତା ଉପରେ ଥିବା ଭାରୀଯାନଗୁଡ଼ିକୁ ନିଜସ୍ୱ ସ୍ୱେଚ୍ଛାସେବୀ ନିୟୋଜିତ କରି ଗାଡ଼ି ମୋବିଲାଇଜ୍ କରିବାକୁ କମ୍ପାନୀଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଢାବା କିମ୍ବା ପେଟ୍ରୋଲ୍ ପମ୍ପ ଆଗରେ ବେଆଇନ୍ ଗାଡ଼ି ପାର୍କିଂ କଲେ ସମ୍ପୃକ୍ତ ଡ୍ରାଇଭରମାନଙ୍କ ଲାଇସେନ୍ସ ଜବତ ଓ ଜୋରିମାନା ଆଦାୟ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ପେଟ୍ରୋଲ୍ ପମ୍ପ, ହୋଟେଲ୍ ଓ ଢାବାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନ ସାହୁ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପ୍ରଜ୍ଞାନନ୍ଦନ ଗିରି , ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁକୁମାର ତ୍ରିପାଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ଦାସ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ବରପଲ୍ଲୀ ଋଷିକୁଲ୍ୟା ଉଚ୍ଚ ବିଦ୍ୟାଳୟରେ ବନ୍ୟାଜଳ ପ୍ରଭାବରେ ବିଭିନ୍ନ ସାମଗ୍ରି ନଷ୍ଟ

ଗଞ୍ଜାମ,୯।୧୧ :(ମନ୍ଥନ) ଗଞ୍ଜାମ ବ୍ଲକ ରେ ବିଭିନ୍ନ ସ୍କୁଲ ବନ୍ୟା ଛୁଟି ପରେ ଖୋଲାଯାଇଛି । ଛାତ୍ର ଛାତ୍ରୀ ମାନେ ଖୁସି ମନରେ ସ୍କୁଲ କୁ ଯାଇଛନ୍ତି । ହେଲେ ପୋଇରାଶି ପଞ୍ଚାୟତ ର ବରପଲ୍ଲୀ ଗ୍ରାମରେ ରହିଥିବା ଋଷିକୁଲ୍ୟା ଉଚ୍ଚ ବିଦ୍ୟାଳୟ ରେ ବନ୍ୟା ଜଳ ପଶି ବିଭିନ୍ନ ଆବଶ୍ୟକିୟ ସାମଗ୍ରୀ ନଷ୍ଟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଋଷିକୁଲ୍ୟା ନଦୀ ଠାରୁ କିଛି ମାତ୍ର ଦୂରରେ ଏହି ସ୍କୁଲ ଟି ରହିଥିବା ଯୋଗୁଁ ବିଦ୍ୟାଳୟ ମଧ୍ୟରେ ବନ୍ୟାଜଳ ପଶି ବିଭିନ୍ନ ଶ୍ରେଣୀ ଗୃହ କାଦୁଅ ପାଣି ପରିପୂର୍ଣ୍ଣ ହୋଇରହିଛି । ରାଇବ୍ରେରୀ



ରୁମ୍,ଲାବ୍‌ରୋଟାରି ରୁମ ଆଦିରେ ପାଣି ପଶି ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏଲଇଡ଼ି ଟିଭି ଖରାପ ହୋଇଯିବା ସହ ମଧ୍ୟାହ୍ନ ଭୋଜନ ପାଇଁ ରଖା ଯାଇଥିବା ଚାଉଳ ଗୁଡିକ ମଧ୍ୟ ନଷ୍ଟ ହୋଇଯାଇଛି । ଖେଳ ପଡିଆ କଦୁଆ ପଚ ପଚ ହୋଇ ରହିଥିବା ବେଳେ ସ୍କୁଲ ର ଏକ ଶ୍ରେଣୀ ଗୃହର କାନ୍ଥ ଫାଟି ବିପଦ ସଂକୁଳ ଅବସ୍ଥାରେ ରହିଛି । ଏନେଇ ସ୍କୁଲ କର୍ତ୍ତୃପକ୍ଷ ବ୍ଲକ ଶିକ୍ଷାଧିକାରୀ ଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ଉକ୍ତ ସ୍କୁଲର ଶିକ୍ଷା ବ୍ୟବସ୍ଥା ସୁଧାର ଆଣିବା ପାଇଁ ବିଭାଗିୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ମହାନ

ମଙ୍ଗଳବାର ୧୦ ନଭେମ୍ବର, ୨୦୨୬, ଭୁବନେଶ୍ୱର

Tuesday November 10, 2026 Bhubaneswar

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।


ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ

ଭାରତୀୟ ଗଣତନ୍ତ୍ରର ଶୀର୍ଷ ସାମ୍ବିଧାନିକ ପଦବି ମଧ୍ୟରୁ ଅନ୍ୟତମ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ କେବଳ ଏକ ଔପଚାରିକ ରାଜକୀୟ କାର୍ଯ୍ୟକ୍ରମ ନୁହେଁ, ଏହା ରାଜ୍ୟର ସାମ୍ବିଧାନିକ ପରମ୍ପରା, ଗଣତାନ୍ତ୍ରିକ ଚେତନା ଓ ବିଧାନସଭାର ଗରିମାକୁ ନୂତନ ଦିଗ ଦେବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର। ଚଳିତ ନଭେମ୍ବର ୧୫ ତାରିଖରେ ଭାରତର ମାନ୍ୟବର ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକୃଷ୍ଣନଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟରେ ଉତ୍ସାହ ଓ ଆଗ୍ରହ ସୃଷ୍ଟି ହୋଇଛି। ପ୍ରକାଶିତ ସୂଚନା ଅନୁଯାୟୀ, ତାଙ୍କର ଦୁଇଦିନିଆ ଗସ୍ତର ଏକ ପ୍ରମୁଖ କାର୍ଯ୍ୟକ୍ରମ ନଭେମ୍ବର ୧୬ ତାରିଖରେ ଓଡ଼ିଶା ବିଧାନସଭାରେ ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ଆୟୋଜିତ ବିଶେଷ ପ୍ରଶିକ୍ଷଣ ଓ ଅଭିମୁଖୀକରଣ କାର୍ଯ୍ୟକ୍ରମର ଉଦ୍ ?ଘାଟନ। ଏହି ଅବସରର ମହତ୍ତ୍ୱକୁ କେବଳ ଅତିଥିଙ୍କ ଆଗମନ କିମ୍ବା ସ୍ୱାଗତ ସମ୍ବର୍ଦ୍ଧନାରେ ସୀମିତ ରଖିବା ଉଚିତ ନୁହେଁ; ବରଂ ଏହାକୁ ଓଡ଼ିଶାର ବିଧାନ ପରମ୍ପରାକୁ ଅଧିକ ସୁଦୃଢ଼ କରିବାର ଏକ ଐତିହାସିକ ସୁଯୋଗ ଭାବେ ଦେଖିବା ଆବଶ୍ୟକ। ଏଠାରେ ଏକ ଐତିହାସିକ ତଥ୍ୟ ମଧ୍ୟ ଉଲ୍ଲେଖନୀୟ। ଶ୍ରୀ ରାଧାକୃଷ୍ଣନ ଏହା ପୂର୍ବରୁ ଓଡ଼ିଶା ଆସିଛନ୍ତି କି ନାହିଁ, ତାହାର ଉତ୍ତର ହେଉଛି—ହଁ। ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ ଥିଲା ୨୦୨୬ ଜାନୁଆରି ୨୩ ତାରିଖରେ। କଟକରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗଦେଇ ସେ ନେତାଜୀଙ୍କ ଜନ୍ମସ୍ଥାନରୁ ଦେଶର ଯୁବପିଢ଼ିଙ୍କୁ ଦେଶପ୍ରେମ, ସାହସ ଓ ରାଷ୍ଟ୍ରନିର୍ମାଣର ବାର୍ତ୍ତା ଦେଇଥିଲେ। ଏହା ପରେ ଜୁଲାଇ ୯ ତାରିଖରେ ସେ ପୁଣି ଓଡ଼ିଶା ଆସିଥିଲେ। ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସମୁଦ୍ରର ଗଭୀର ଜଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସମ୍ପର୍କିତ ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟ ଅଭିଯାନର ଦଲିଲ ଉନ୍ମୋଚନ କରିଥିଲେ ଏବଂ ଖୋର୍ଦ୍ଧାସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପଞ୍ଚଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିଲେ। ତେଣୁ ନଭେମ୍ବର ୧୫ର ଗସ୍ତ ତାଙ୍କର ଓଡ଼ିଶାକୁ ପ୍ରଥମ ଆଗମନ ନୁହେଁ; ବରଂ ଏହା ଚଳିତ ବର୍ଷରେ ତୃତୀୟ ଗସ୍ତ। ଏହି ନିରନ୍ତର ଆଗମନ ଓଡ଼ିଶାର ଜାତୀୟ ଗୁରୁତ୍ୱ, ଶିକ୍ଷା, ସଂସ୍କୃତି ଓ ଗଣତାନ୍ତ୍ରିକ ପ୍ରତିଷ୍ଠା ପ୍ରତି ଏକ ଉଲ୍ଲେଖନୀୟ ଧ୍ୟାନର ପରିଚୟ ଦେଉଛି।ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନବନିର୍ବାଚିତ ବିଧାୟକମାନଙ୍କ ପ୍ରଶିକ୍ଷଣ। ଗଣତନ୍ତ୍ରରେ ନିର୍ବାଚନ ଜିତିବା ଜଣେ ଜନପ୍ରତିନିଧିଙ୍କ ସଫଳତାର ଆରମ୍ଭ ମାତ୍ର; ପ୍ରକୃତ ସଫଳତା ହେଉଛି ଜନସାଧାରଣଙ୍କ ଆଶା, ଆକାଂକ୍ଷା ଓ ଅଧିକାରକୁ ବିଧାନସଭାରେ ଦାୟିତ୍ୱର ସହିତ ପ୍ରତିନିଧିତ୍ୱ କରିବା। ବିଧାୟକଙ୍କ ଆସନ କେବଳ କ୍ଷମତାର ଆସନ ନୁହେଁ, ଏହା ଜନବିଶ୍ୱାସର ଆସନ। ସେହି ଆସନରେ ବସିବା ପରେ ଜଣେ ପ୍ରତିନିଧିଙ୍କ ଉପରେ ସମ୍ବିଧାନ, ଜନସାଧାରଣ ଓ ନିଜ ନିର୍ବାଚନମଣ୍ଡଳୀ ପ୍ରତି ଅପାର ଦାୟିତ୍ୱ ନ୍ୟସ୍ତ ହୁଏ। ବିଧାନସଭାର କାର୍ଯ୍ୟପ୍ରଣାଳୀ, ପ୍ରଶ୍ନକାଳର ଗୁରୁତ୍ୱ, ଆଲୋଚନାର ଶୃଙ୍ଖଳା, ନୀତିନିର୍ଦ୍ଧାରଣର ପ୍ରକ୍ରିୟା, ବିଧେୟକ ଉପରେ ବିଚାରବିମର୍ଶ, ସମିତିଗୁଡ଼ିକର ଭୂମିକା ଏବଂ ଗୃହର ନିୟମାବଳୀ ବିଷୟରେ ଜ୍ଞାନ ଜଣେ ବିଧାୟକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। ଗୃହରେ କେବଳ ହଟ୍ଟଗୋଳ କରିବା, ନାରାବାଜି କରିବା କିମ୍ବା ରାଜନୈତିକ ଆକ୍ଷେପ କରିବା ଜନସେବା ନୁହେଁ। ଜନସମସ୍ୟାକୁ ତଥ୍ୟ, ଯୁକ୍ତି ଓ ଦାୟିତ୍ୱବୋଧ ସହ ଉପସ୍ଥାପନ କରିବା ହିଁ ପ୍ରକୃତ ବିଧାନୀୟ ଦକ୍ଷତା। ଶାସକ ଦଳର ସଦସ୍ୟ ହୁଅନ୍ତୁ କିମ୍ବା ବିରୋଧୀ ଦଳର, ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ଓଡ଼ିଶାର ସ୍ୱାର୍ଥ। ଶାସକ ଦଳର ବିଧାୟକମାନେ ସରକାରୀ ନୀତିର ସଠିକ୍ ମୂଲ୍ୟାଙ୍କନ କରିବା ସହ ଜନସାଧାରଣଙ୍କ ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ସେହିପରି ବିରୋଧୀ ଦଳର ଦାୟିତ୍ୱ କେବଳ ବିରୋଧ କରିବା ନୁହେଁ, ବରଂ ରଚନାତ୍ମକ ପ୍ରଶ୍ନ ଉଠାଇବା, ତ୍ରୁଟି ଦର୍ଶାଇବା ଏବଂ ବିକଳ୍ପ ପ୍ରସ୍ତାବ ଦେବା। ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି ମତଭେଦ ମଧ୍ୟରେ ସମ୍ମାନ, ଆଲୋଚନା ମଧ୍ୟରେ ଶୃଙ୍ଖଳା ଏବଂ ରାଜନୈତିକ ପ୍ରତିଯୋଗିତା ମଧ୍ୟରେ ରାଜ୍ୟହିତର ସୁରକ୍ଷା। ଉପରାଷ୍ଟ୍ରପତି ନିଜେ ରାଜ୍ୟସଭାର ପଦାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବାରୁ ବିଧାନୀୟ ପରମ୍ପରା ଓ ସଂସଦୀୟ ଶୃଙ୍ଖଳା ସମ୍ପର୍କରେ ତାଙ୍କର ଅନୁଭବ ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ମୂଲ୍ୟବାନ ମାର୍ଗଦର୍ଶନ ହୋଇପାରିବ। ତାଙ୍କର ଉପସ୍ଥିତି ଏହି ପ୍ରଶିକ୍ଷଣକୁ ଅଧିକ ଗାମ୍ଭୀର୍ଯ୍ୟ ଓ ଜାତୀୟ ଗୁରୁତ୍ୱ ପ୍ରଦାନ କରିବ। ଓଡ଼ିଶାର ବିଧାନସଭାର ଇତିହାସ ଦୀର୍ଘ, ଗୌରବମୟ ଓ ସଂଘର୍ଷପୂର୍ଣ୍ଣ। ଏହି ଗୃହରେ ଅନେକ ଦୂରଦର୍ଶୀ ନେତା ରାଜ୍ୟର ଭବିଷ୍ୟତ ଗଠନ ପାଇଁ ନିଜର ମତ ରଖିଛନ୍ତି। ତେଣୁ ଏହି ଗୃହର ମର୍ଯ୍ୟାଦା ରକ୍ଷା କରିବା ପ୍ରତ୍ୟେକ ସଦସ୍ୟଙ୍କ ପବିତ୍ର କର୍ତ୍ତବ୍ୟ। ଆଜି ଓଡ଼ିଶା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଯୋଗାଯୋଗ, ନିଯୁକ୍ତି, ଆଦିବାସୀ ଉନ୍ନତି, ମହିଳା ସଶକ୍ତୀକରଣ ଓ ଯୁବଶକ୍ତିର ସୁଯୋଗକୁ ନେଇ ଅନେକ ଆହ୍ୱାନର ସମ୍ମୁଖୀନ। ଏହି ସମସ୍ତ ବିଷୟରେ ବିଧାନସଭାରେ ଗଭୀର ଆଲୋଚନା ହେବା ଦରକାର। ରାଜ୍ୟର ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ, ଯୁବକଙ୍କୁ ରୋଜଗାର, ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା, ମହିଳାଙ୍କୁ ସୁରକ୍ଷା, ଗରିବଙ୍କୁ ସ୍ୱାସ୍ଥ୍ୟସେବା ଏବଂ ଦୁର୍ଗମ ଅଞ୍ଚଳକୁ ମୌଳିକ ସୁବିଧା ଯୋଗାଇବା ପାଇଁ ନୀତିଗତ ନିଷ୍ପତ୍ତି ଆବଶ୍ୟକ। ଏହି ପ୍ରଶିକ୍ଷଣରୁ ଯଦି ନବନିର୍ବାଚିତ ବିଧାୟକମାନେ ଅଧିକ ଦକ୍ଷ, ସମ୍ବେଦନଶୀଳ ଓ ଦାୟିତ୍ୱବାନ ହୋଇ ବାହାରିବେ, ତେବେ ଏହାର ସୁଫଳ ସମଗ୍ର ରାଜ୍ୟ ପାଇବ। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ପାଇଁ ମଧ୍ୟ ଏହା ଏକ ସୁଯୋଗ—ବିଧାନସଭାରେ ଗୁଣାତ୍ମକ ଆଲୋଚନା, ସ୍ୱଚ୍ଛ ପ୍ରଶାସନ ଓ ଲୋକାଭିମୁଖୀ ନୀତିକୁ ଅଧିକ ପ୍ରୋତ୍ସାହନ ଦେବାର। ତେବେ ଏହି ଅବସରରେ ଆମେ ଏକ କଥା ସ୍ପଷ୍ଟ କରିବା ଆବଶ୍ୟକ—ସାମ୍ବିଧାନିକ ପଦବିର ସମ୍ମାନ ଦଳୀୟ ସୀମାରୁ ଊର୍ଦ୍ଧ୍ୱରେ। ଉପରାଷ୍ଟ୍ରପତି ସମଗ୍ର ଦେଶର ସାମ୍ବିଧାନିକ ପ୍ରତିନିଧି; ତାଙ୍କର ଆଗମନକୁ ରାଜନୈତିକ ଲାଭ କିମ୍ବା ପ୍ରଚାରର ମାଧ୍ୟମ କରିବା ଉଚିତ ନୁହେଁ। ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରଶାସନ, ଜନପ୍ରତିନିଧି ଓ ନାଗରିକଙ୍କ ଦାୟିତ୍ୱ ହେଉଛି ଏହି ଗସ୍ତକୁ ମର୍ଯ୍ୟାଦାପୂର୍ଣ୍ଣ ଓ ଶୃଙ୍ଖଳିତ କରିବା। ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସାଧାରଣ ଲୋକଙ୍କ ଅସୁବିଧା ହ୍ରାସ ଓ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ପ୍ରତି ପ୍ରଶାସନ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ଅତିଥିଙ୍କ ସ୍ୱାଗତ ଯେତିକି ଗୁରୁତ୍ୱପୂର୍ଣ୍ଣ, ଜନସାଧାରଣଙ୍କ ସୁବିଧା ଓ ସୁରକ୍ଷା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ।ଏହି ଗସ୍ତ ଆମକୁ ଆଉ ଏକ ଐତିହାସିକ ସତ୍ୟ ମନେ ପକାଇଦେଉଛି। ଓଡ଼ିଶା କେବଳ ଏକ ଭୌଗୋଳିକ ରାଜ୍ୟ ନୁହେଁ; ଏହା ଭାରତୀୟ ଜାତୀୟ ଚେତନାର ଏକ ଗୌରବମୟ ଅଧ୍ୟାୟ। ନେତାଜୀଙ୍କ ଜନ୍ମଭୂମି କଟକ, ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ, କଳିଙ୍ଗର ଐତିହାସିକ ମାଟି, ଓଡ଼ିଶାର ସମୃଦ୍ଧ ଜନଜାତି ପରମ୍ପରା ଓ ଓଡ଼ିଆ ଭାଷାର ସ୍ୱାଭିମାନ ଆମକୁ ଦେଶର ସାଂସ୍କୃତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ପରିଚୟକୁ ଆଧୁନିକ ବିକାଶ ସହ ଯୋଡ଼ିବା ଆଜିର ପିଢ଼ିର ଦାୟିତ୍ୱ। ଉପରାଷ୍ଟ୍ରପତିଙ୍କ ଗସ୍ତ ଏହି ଦାୟିତ୍ୱକୁ ନୂଆ ଭାବରେ ସ୍ମରଣ କରାଇବା ଉଚିତ। ନଭେମ୍ବର ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଏହି ପ୍ରଶିକ୍ଷଣ ଆହୁରି ଗୁରୁତ୍ୱ ବହନ କରୁଛି। ନବନିର୍ବାଚିତ ବିଧାୟକମାନେ ଏହି ଅବସରକୁ ଗାମ୍ଭୀରତାର ସହ ଗ୍ରହଣ କରି ନିଜର ଜ୍ଞାନ, ଅଭିଜ୍ଞତା ଓ ବିଧାନୀୟ ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ। ଯେଉଁ ବିଧାନସଭାରେ ଜନସମସ୍ୟା ଉପରେ ଯୁକ୍ତିସଙ୍ଗତ ଆଲୋଚନା ହୁଏ, ଯେଉଁଠାରେ ଶାସକ ଓ ବିରୋଧୀ ପରସ୍ପରର ମତକୁ ସମ୍ମାନ ଦିଅନ୍ତି, ସେହି ବିଧାନସଭା ହିଁ ଗଣତନ୍ତ୍ରକୁ ସୁଦୃଢ଼ କରେ। ଆମର ଆଶା, ଉପରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଓ ଏହି ପ୍ରଶିକ୍ଷଣ ଓଡ଼ିଶାର ବିଧାନୀୟ ଇତିହାସରେ ଏକ ସକାରାତ୍ମକ ଅଧ୍ୟାୟ ସୃଷ୍ଟି କରିବ। ଅତିଥି ଆସିବେ, ସ୍ୱାଗତ ହେବ, କାର୍ଯ୍ୟକ୍ରମ ସମ୍ପନ୍ନ ହେବ; କିନ୍ତୁ ଏହି ଗସ୍ତର ପ୍ରକୃତ ସଫଳତା ସେତେବେଳେ ପ୍ରମାଣିତ ହେବ, ଯେତେବେଳେ ଜନପ୍ରତିନିଧିମାନେ ନିଜର କାର୍ଯ୍ୟଶୈଳୀରେ ସମ୍ବିଧାନର ମର୍ଯ୍ୟାଦା, ଜନତାଙ୍କ ଆଶା ଓ ରାଜ୍ୟର ସ୍ୱାର୍ଥକୁ ସର୍ବୋଚ୍ଚ ସ୍ଥାନ ଦେବେ। ଉପରାଷ୍ଟ୍ରପତିଙ୍କ ଏହି ଆଗମନ ଓଡ଼ିଶା ପାଇଁ କେବଳ ଗର୍ବର ମୁହୂର୍ତ୍ତ ନହୋଇ ଏକ ନୂତନ ସଂକଳ୍ପର ଆରମ୍ଭ ହେଉ। ଆମର ଆକାଂକ୍ଷା ଏକ ଏପରି ଓଡ଼ିଶା, ଯେଉଁଠାରେ ବିଧାନସଭାରେ ଜନତାଙ୍କ ସ୍ୱର ଶୁଭିବ, ପ୍ରଶାସନରେ ଦାୟିତ୍ୱବୋଧ ପ୍ରତିଫଳିତ ହେବ ଏବଂ ବିକାଶର ସୁଫଳ ଶେଷ ଧାଡ଼ିରେ ଥିବା ମଣିଷ ପାଖରେ ପହଞ୍ଚିବ। ଗଣତନ୍ତ୍ରର ଗରିମା ନେତାଙ୍କ ପଦବିରେ ନୁହେଁ, ସେମାନଙ୍କ କର୍ତ୍ତବ୍ୟନିଷ୍ଠାରେ ପ୍ରତିଫଳିତ ହୁଏ। ଏହି ବାର୍ତ୍ତା ହିଁ ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର ସବୁଠାରୁ ବଡ଼ ଉପଲବ୍ଧି ହେଉ।

ବଙ୍ଗୋପସାଗର ପାଲଟିଛି ଚକ୍ରବାତର ଜନ୍ମସ୍ଥଳୀ

ଗୋପାଳ ମହାପାତ୍ର

ଆକାଶର ରଙ୍ଗ ବଦଳୁଛି, ସମୁଦ୍ରର ସ୍ଥିରତା ବଦଳୁଛି ଏବଂ ଉପକୂଳ ଅଞ୍ଚଳରେ ବିପଦ ଆସଙ୍କା ବଢ଼ିବାରେ ଲାଗିଛି। ବଙ୍ଗୋପସାଗର ରେ କିଛିଦିନି ମଧ୍ୟରେ ଚକ୍ରବାତ ଅର୍ଣ୍ଣବ ଏବଂ ମୁରାସୁ ଆସିବା ସାଧାରଣ ଭାବେ ପାଣିପାଗ ବା ମୌସୁମୀବାୟୁର ଘଟଣା ନୁହେଁ ବରଂ ପ୍ରକୃତିର ପରବର୍ତ୍ତିତ ସ୍ଥିତି ର ଗମ୍ଭୀର ସଙ୍କେତ ଅଟେ। ଅକ୍ଟୋବର ୨୮ ତାରିଖରେ ଚକ୍ରବାତ ଅର୍ଣ୍ଣବ ଆନ୍ଧ୍ରପ୍ରଦେଶ ତଟ ସମେତ ଓଡ଼ିଶାର କେତେକ ଅଞ୍ଚଳକୁ ପ୍ରଭାବିତ କରିଥିଲା ଏବଂ ନଭେମ୍ବର ୩ ତାରିଖରେ ମୁରାସୁ ସେଇ ଅଞ୍ଚଳକୁ ପ୍ରଭାବିତ କରିଥିଲା। ଏ ଦୁଇ ଚକ୍ରବାତ ମଧ୍ୟରେ ଏତେ କମ୍ ବ୍ୟବଧାନ ଥିବାରୁ ସ୍ପଷ୍ଟ ଯେ ବଙ୍ଗୋପସାଗର ଏବେ କେବଳ ଚକ୍ରବାତର ଜନ୍ମସ୍ଥଳୀ ପାଲଟିବାରେ ଲାଗିଛି। ସମୁଦ୍ରରେ ବଢୁଥିବା ଉତ୍ତାପ ଏବଂ ଗ୍ଲୋବାଲ ୱାର୍ମିଙ୍ଗ୍ ବିପଦକୁ ଅଧିକ କରିଦେଇଛି। ଏବେ ଚିନ୍ତା କେବଳ ଆଗାମୀ ଚକ୍ରବାତ ପାଇଁ ନୁହେଁ ବରଂ ବଙ୍ଗୋପସାଗର ଉପକୂଳ ବର୍ତ୍ତୀ ଅଞ୍ଚଳର ଲୋକେ ଆସୁଥିବା ଚକ୍ରବାତ ପରେ ଆଗାମୀ ଚକ୍ରବାତକୁ ନେଇ ଆଶଙ୍କା ପ୍ରକାଶ କରିବାର ଚିନ୍ତା। ଚକ୍ରବାତର ପ୍ରଚଣ୍ଡତା ର ରହସ୍ୟ ସମୁଦ୍ରର ଗଭୀର ଉତ୍ତାପ ଉପରେ ନିର୍ଭର କରୁଛି। ସମୁଦ୍ରର ତାପମାନ ବଢ଼ିଲେ ବାଷ୍ପିକରଣ ଅଧିକ ହୋଇଥାଏ। ଅନୁକୂଳ ପରିସ୍ଥିତି ସୃଷ୍ଟିହେଲେ ଏହା ଚକ୍ରବାତ ର ରପ ନେଇଥାଏ। ବଙ୍ଗୋପସାଗର ଉପରେ କରାଯାଇଥିବା ଏକ ଗବେଷଣା (ସାଇଣ୍ଟିଫିକ୍ ରିପୋର୍ଟ-୨୦୨୩) ଅନୁସାରେ ୧୯୮୨ ରୁ ୨୦୨୧ ମଧ୍ୟରେ ସାମୁଦ୍ରିକ ଉଷ୍ମ ଲହରୀର ୧୦୭ ଟି ଘଟଣା ଘଟିଥିଲା ଏବଂ ଏସବୁ କରାଳ ରପ ନେଇଥିଲା। ବିଗତ ୧୦ ବର୍ଷ ମଧ୍ୟରେ ୩୩ ରୁ ୩୫ଟି ଚକ୍ରବାତ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୧୮ ର ତିତଲି, ୨୦୧୯ ର ଫନି, ବାୟୁ, ମହା ଏବଂ ବୁଲବୁଲ ଅନ୍ୟତମ। ୨୦୨୦ ରେ ଆମ୍ଫାନ ଏବଂ ନିଭାର, ୨୦୨୧ ର ୟାସ, ଗୁଲାବ ଏବଂ ଜାୱାଦ ଘଟିଥିଲା। ସେହିପରି ୨୦୨୨ ରେ ସାନି, ସିତରଙ୍ଗ, ୨୦୨୩ ରେ ମୋଚା ଏବଂ ମିଚୁଙ୍ଗ, ୨୦୨୪ ରେ ରିମାଲ, ଦାନା, ଘଟିଥିଲା। ଏଥି ପୂର୍ବରୁ ୧୯୯୯ ରେ ହୋଇଥିବା ପ୍ରଚଣ୍ଡ ସାଇକ୍ଲୋନ ବା ଚକ୍ରବାତ କାରଣରୁ ଓଡ଼ିଶା ବିଶେଷକରି ଜଗତସିଂହପୁର ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ଫାଇଲିନ,୨୦୧୪ ର ହୁଦ୍‌ହୁଦ୍ ର ଉତ୍ପତ୍ତିସ୍ଥଳ ଥିଲା ବଙ୍ଗୋପସାଗର । ଏହି ସଂଖ୍ୟା କେବଳ ବୈଜ୍ଞାନିକ ନିଷ୍କର୍ଷ ନୁହେଁ, ସମୁଦ୍ରର ବଦଳୁଥିବା ସ୍ୱଭାବର ଗମ୍ଭୀର ଚେତାବନୀ। ସବୁ ଚକ୍ରବାତ ପାଇଁ ଗ୍ଲୋବାଲ ୱାର୍ମିଙ୍ଗ୍ କୁ ଦାୟୀ କରାଯାଇନପାରେ କାରଣ ଏହାର ଉତ୍ପତ୍ତି ଓ ତୀବ୍ରତା ଅନେକ ପାଣିପାଗର ପରିସ୍ଥିତିରେ ନିର୍ଣ୍ଣୟ ହୋଇଥାଏ। କିନ୍ତୁ ଏକଥା ସ୍ପଷ୍ଟ ଯେ କ୍ରମାଗତ ଭାବେ ଉତପ୍ତ ହେଉଥିବା ଜଳବାୟୁ ଚକ୍ରବାତ ର ବିନାଶକାରୀ ପ୍ରଭାବ କୁ ଅଧିକ ବଢ଼ାଇ ଦେଇଥାଏ।



ପାଣିପାଗ ଏବେ ତାର ପୁରୁଣା ଅଭ୍ୟାସ ଛାଡ଼ିଦେଇଛି। ଜଳବାୟୁ ପରିବର୍ତ୍ତନର ସଙ୍କଟ ଧିରେଧିରେ ବଢ଼ିବାରେ ଲାଗିଛି ଏବଂ ଆଖି ପିଛୁଳାକେ ପ୍ରଳୟ ସୃଷ୍ଟି କରିପାରୁଛି। ସମୁଦ୍ରରେ ବଢୁଥିବା ଉତ୍ତାପ, ବାୟୁମଣ୍ଡଳୀୟ ଅବସ୍ଥା, ପବନର ଦିଗ ଏବଂ ଅଲ୍‌ନିନୋ ଭଳି ପରିସ୍ଥିତି ଚକ୍ରବାତର ତୀବ୍ରତା ଓ ବର୍ଷାକୁ ପ୍ରଭାବିତ କରିଥାଏ। ଚକ୍ରବାତର ସଂଖ୍ୟା ଯେ ପ୍ରତିବର୍ଷ ବଢ଼ିବ ତାହା ଜରୁରୀ ନୁହେଁ କିନ୍ତୁ ଉତପ୍ତ ଜଳବାୟୁ କାରଣରୁ ଶକ୍ତିଶାଳୀ ତୋଫାନ ଏବଂ ଅଧିକ ବର୍ଷା ବି ହୋଇପାରେ। ଅର୍ଣ୍ଣବ ଏବଂ ମୁରାସୁ ଦେଖାଇ ଦେଇଛି ଯେ ଗୋଟିଏ ବିପଦ ପରେ ଆଉ ଏକ ବିପଦ ମଧ୍ୟ ଆସିପାରେ। ଏଣୁ ପ୍ରଶାସନ କୁ ତୋଫାନର ଗତି, ଏହା ମଧ୍ୟରେ ଥିବା ବ୍ୟବଧାନ, ସମ୍ଭାବିତ ବର୍ଷା, ସମୁଦ୍ରର ଜଳସ୍ତର ବୃଦ୍ଧି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ କଥା କୁ ଚିନ୍ତା କରିବା ଜରୁରୀ। ଚକ୍ରବାତ ଯେତେବେଳେ ଭୂମି ଉପରେ ବାଡ଼େଇ ହୋଇଥାଏ ବା ଲ୍ୟାଣ୍ଡଫଲ କରିଥାଏ ସେତେବେଳେ ଗରୀବ ଲୋକେ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି। କୃଷକର କ୍ଷେତ ଏବଂ ମତ୍ସ୍ୟଜୀବିଙ୍କ ଦୈନନ୍ଦିନର ଗୁଜୁରାଣ ଉଜୁଡ଼ି ଯାଇଥାଏ। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ଘରଦ୍ୱାରା ଭାଙ୍ଗିଯାଇଥାଏ। ଚକ୍ରବାତ କାରଣରୁ ଗଛ ସବୁ ଉପୁଡ଼ିଯାଏ, ବିଦ୍ୟୁତ୍ ଖୁଣ୍ଟି ମଧ୍ୟ ଉପୁଡ଼ି ଯାଏ, ଚକ୍ରବାତ ଜନିତ ବର୍ଷା କାରଣରୁ ରାସ୍ତାଘାଟ ଜଳମଗ୍ନ ଯୋଇଯାଏ, ସଞ୍ଚାର ବ୍ୟବସ୍ଥା, ବିଦ୍ୟୁତ୍ ସବରାହ ବାଧାପ୍ରାପ୍ତ ହୁଏ। ଏ ଭଳି ସମୟରେ ସରକାରୀ ସହାୟତା ଆଶ୍ୱସ୍ତି ତ ଦେଇଥାଏ କିନ୍ତୁ ସ୍ଥାୟୀ ସୁରକ୍ଷା ପାଇଁ ଆଜୀବିକା, ସୁରକ୍ଷିତ ଆବାସ, ବୀମା ଏବଂ ଆପଦା ର ପରବର୍ତ୍ତୀ ସହାୟତା ମଧ୍ୟ ଜରୁରୀ ଅଟେ।

ପ୍ରକୃତି କୁ ଅଣଦେଖାକରି ବିକାଶ ଅସମ୍ଭବ। ବନ୍ଦର, ସଡ଼କ, ଶିଳ୍ପ ଏବଂ ଶହରାଞ୍ଚଳର ବସ୍ତି ର ବିସ୍ତାର ଅର୍ଥ ବ୍ୟବସ୍ଥାକୁ ଗତି ଦେଇପାରେ କିନ୍ତୁ ଉପକୂଳର ପରିସ୍ଥିତିକୁ ଅଣଦେଖା କରି କରାଯାଉଥିବା ବିକାଶ ବିନାଶର କାରଣ ହେଇପାରେ। ହେନ୍ତାଳ (ମ୍ୟାନଗ୍ରୋଭସ) ଜଙ୍ଗଲ ସମୁଦ୍ରର ଲହରୀ ଏବଂ ତୋଫାନ କାରଣରୁ ଉଠୁଥିବା ଜଳସ୍ତରକୁ ରୋକିବାରେ ସକ୍ଷମ ହୋଇଥାଏ। ଏହା ସମୁଦ୍ର ଲହରୀ ଓ ତୋଫାନ ପାଇଁ ପ୍ରାକୃତିକ ଢ଼ାଲ ଭଳି କାର୍ଯ୍ୟ କରିଥାଏ। ହେନ୍ତାଳ ବନର ବିନାଶ ଏହି ସୁରକ୍ଷା କବଚକୁ ଦୁର୍ବଳ କରି ଦେଇଥାଏ। ଏଣୁ ବିକାଶ କୁ ପ୍ରକୃତିର ଅନୁକୂଳ କରାଯିବା ଜରୁରୀ। ସମୁଦ୍ରର ବଢୁଥିବା ଜଳସ୍ତର ଆଗାମୀ ଦିନରେ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଜଳସ୍ରୋତ କୁ ମଧ୍ୟ ପ୍ରଭାବିତ କରିପାରେ ଫଳରେ ପାନୀୟ ଜଳର ଅଭାବ ମଧ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯିବାର ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଏବେ କେବଳ ପଢ଼ିବାର ବା ଶୁଣିବାର ବିଷୟ ନୁହେଁ ବରଂ ଭବିଷ୍ୟତ ଏବଂ ଜୀବନ ସହ ଯୋଡ଼ିହୋଇଥିବା ସତ୍ୟ ରେ ପରିଣତ ହୋଇଛି। ବଙ୍ଗୋପସାଗର ଏବେ କେବଳ ଚକ୍ରବାତ ଓ ତୋଫାନର ଜନ୍ମସ୍ଥଳୀ ହୋଇ ରହିନାହିଁ ବରଂ ଲୋକଙ୍କ ଆଜୀବିକା ଏବଂ ଦେଶର ପରିସ୍ଥିତି ଜନିତ ସୁରକ୍ଷା ର ଜୀବନରେଖା ପାଲଟିଯାଇଛି। ଅର୍ଣ୍ଣବ ଏବଂ ମୁରାସୁ ଚେତାଇ ଦେଇଛି ଯେ ପ୍ରକୃତିର ସଙ୍କେତକୁ ଅଣଦେଖା କରିବା କେତେ ଭାରି ପଡ଼ିପାରେ। ସମୁଦ୍ରର ଆଗାମୀ ଗର୍ଜନ ପୂର୍ବରୁ ଆମକୁ ପ୍ରସ୍ତୁତ ରହିବାକୁ ହେବ କାରଣ ଆଗମୀ ଚେତାବନୀ ହୁଏତ ଆମକୁ ସମ୍ଭାଳିବାର ଅବସର ଦେଇ ନପାରେ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ଶହେ ବର୍ଷରେ ଭାରତରତ୍ନ ଲାଲକୃଷ୍ଣ ଆଡଭାଣୀ !

ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

ଲାଲକୃଷ୍ଣ ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଛନ୍ତି । ଚଳିତ ବର୍ଷ ତାଙ୍କ ଜନ୍ମଦିନ ଦୀପାବଳି ସହିତ ଏକ ସୁନ୍ଦର ସଂଯୋଗ ସୃଷ୍ଟି କରିଛି। ଏହି ପର୍ବ ପ୍ରଭୁ ଶ୍ରୀ ରାମ ଏବଂ ଦୀପ ସହ ଜଡ଼ିତ । ଏଥିସହିତ ବର୍ତ୍ତମାନ ଆମେ ଜନସଂଘ ପ୍ରତିଷ୍ଠାର ୭୫ ବର୍ଷ, ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ସହ ନିକଟରେ ଆରଏସ୍ଏସ୍ର ଶତବାର୍ଷିକୀ ସମାରୋହ ପାଳନ କରିଛୁ ।

ଏପରି ବ୍ୟକ୍ତି ବହୁତ କମ୍ ଅଛନ୍ତି, ଯେଉଁମାନଙ୍କ ଜୀବନ ଆଧୁନିକ ଭାରତର ଅନେକ ଭିନ୍ନ ଭିନ୍ନ ଅଧ୍ୟାୟ ସହ ଜଡ଼ିତ ରହିଛି । ଆଡଭାଣୀ ଜୀ ୧୯୨୭ ମସିହା ନଭେମ୍ବର ୮ ତାରିଖରେ, ଅର୍ଥାତ୍ 'ଦେବ ଦୀପାବଳି' ଦିନ ଜନ୍ମଗ୍ରହଣ କରିଥିଲେ। ୧୯୪୭ ମସିହାରେ, ଯୁବାବସ୍ଥାରେ ଥିବା ସମୟରେ, ତାଙ୍କୁ ସିନ୍ଧୁ ପ୍ରଦେଶରେ ଥିବା ନିଜର ପରିଚିତ ଦୁନିଆକୁ ପଛରେ ଛାଡ଼ି ଆସିବାର ଯନ୍ତ୍ରଣା ସହିବାକୁ ପଡ଼ିଥିଲା। ସେ କୌଣସି ପ୍ରକାରର କ୍ଷୋଭ କିମ୍ବା ତିକ୍ତତା ନ ରଖି, ପୁନର୍ବାର ଶୂନ୍ୟରୁ ନିଜ ଜୀବନ ଗଢ଼ି ତୋଳିଲେ। ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶୂନ୍ୟରୁ ନିଜକୁ ଗଢ଼ି ତୋଳିବାର ଏହି ଗୁଣ ଜୀବନସାରା ତାଙ୍କ ସହ ରହିଆସିଛି । ଜନସଂଘକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ସମୟରେ ବିଜେପି ଗଠନ କରିବା ସମୟରେ ଏହା ଦେଖିବାକୁ ମିଳିଥିଲା। ତାଙ୍କର ବିଜେପି ଅଧ୍ୟକ୍ଷ କାର୍ଯ୍ୟକାଳ ମଧ୍ୟରେ, ୧୯୮୯ ମସିହାରେ କଂଗ୍ରେସର ସ୍ଥିତି ୪୦୦ ଆସନରୁ ଖସି ୨୦୦ରୁ କମ୍କୁ ଚାଲିଆସିଥିଲା ଏବଂ ୧୯୯୬ ମସିହାରେ ବିଜେପି ପ୍ରଥମ ଥର ପାଇଁ ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଥିଲା। ଆଡଭାଣୀ ଜୀ ଏକାଧିକ ପିଢ଼ିର କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲେ ଏବଂ ଦଳକୁ 'ରାଷ୍ଟ୍ର ପ୍ରଥମ' ନୀତି ଉପରେ ଆଧାରିତ ଏକ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିଥିଲେ।

ଦୁଇଟି ଗୁଣ ଆଡଭାଣୀ ଜୀଙ୍କୁ ଜଣେ ନେତା ଭାବରେ ସର୍ବଦା ଅନ୍ୟମାନଙ୍କଠାରୁ ଭିନ୍ନ କରି ରଖିଛି। ପ୍ରଥମଟି ହେଉଛି, ତାଙ୍କର ଆଦର୍ଶଗତ ସ୍ପଷ୍ଟତା ଏବଂ ବୌଦ୍ଧିକ ବିଚକ୍ଷଣତା । ଏହା ତାଙ୍କର ଭାଷଣ ଓ ଲେଖାରେ ପ୍ରତିଫଳିତ ହେଉଥିଲା। ଜନସଂଘ ଏବଂ ବିଜେପି ପାଇଁ ସେ ପ୍ରସ୍ତୁତ କରିଥିବା ପ୍ରସ୍ତାବଗୁଡ଼ିକ ଆଜି ମଧ୍ୟ ପଢ଼ିବା ଯୋଗ୍ୟ; ସେହିପରି ତାଙ୍କର ସାକ୍ଷାତକାରଗୁଡ଼ିକ ସର୍ବଦା ତୀକ୍ଷ୍ଣ ଏବଂ ସଠିକ୍ ଥିଲା। ଦ୍ୱିତୀୟଟି ହେଉଛି, ଭାରତୀୟ ରାଜନୀତିର ଏକ ବଡ଼ ଗୋଷ୍ଠୀ ଦ୍ୱାରା ବହୁ ବର୍ଷ ଧରି ପ୍ରଚାରିତ 'ଛଦ୍ମ-ଧର୍ମନିରପେକ୍ଷତା'କୁ ସେ ଯେଉଁ ଢଙ୍ଗରେ ପଦାରେ ପକାଇଥିଲେ ତାହା ପ୍ରଶଂସନୀୟ ଥିଲା ।

ଆଡଭାଣୀ ଜୀ ଅତ୍ୟନ୍ତ ନିଷ୍ଠାର ସହ ପ୍ରତ୍ୟେକ ଦାୟିତ୍ୱ ତୁଲାଇଥିଲେ। ଜଣେ ଆରଏସ୍ଏସ୍ ପ୍ରଚାରକ ଭାବରେ, ଆଡଭାଣୀ ଜୀ ପ୍ରଥମେ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଥିଲେ। ସେଠାରୁ ସେ ଦେଶର ରାଜଧାନୀକୁ ଗଲେ, ଯେଉଁଠାରେ ସେ ଅଟଳ ଜୀଙ୍କ ସହ ଘନିଷ୍ଠ ଭାବରେ କାମ କରିବା ଆରମ୍ଭ କଲେ। ଇତିହାସ ସାକ୍ଷୀ ରହିଛି, ଏହି ଦୁଇଜଣ ବିଶିଷ୍ଟ ରାଜନୈତିକ ନେତା ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ନ ହୋଇ, ବରଂ ପରସ୍ପରକୁ ସହଯୋଗ କରି ଦୀର୍ଘ ଦଶନ୍ଧି ଧରି ଏକାଠି କାମ କରିବା ଏକ ବିରଳ ଘଟଣା। ଆଡଭାଣୀ ଜୀ ଏବଂ ଅଟଳ ଜୀ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଥିଲେ। ଉଭୟେ ମିଶି ଭାରତୀୟ ରାଜନୀତିର ଗତିପଥ ବଦଳାଇ ଦେଇଥିଲେ।

ଆଡଭାଣୀ ଜୀ ଯେଉଁ ଦିଲ୍ଲୀକୁ ଆସିଥିଲେ, ସେହି ସହର ସେତେବେଳେ ବିଭାଜନର ଭୟାବହତା ସହ ମୁକାବିଲା କରୁଥିଲା। ସେ 'ଜନସଂଘ'କୁ ଅଧିକ ଶକ୍ତିଶାଳୀ କରିବା କାର୍ଯ୍ୟରେ ନିଜକୁ ନିୟୋଜିତ କଲେ। ୧୯୬୭ ମସିହାରେ, ଆଡଭାଣୀ ଜୀ ଦିଲ୍ଲୀ ମେଟ୍ରୋପଲିଟାନ୍ କାଉନସିଲର ଅଧ୍ୟକ୍ଷ ହେଲେ; ସେଠାରେ ସେ ସ୍ୱର୍ଗତ ବିଜୟ କୁମାର ମଲହୋତ୍ରା ଜୀ (ଯିଏ ମୁଖ୍ୟ କାର୍ଯ୍ୟକାରୀ କାଉନସିଲର ହୋଇଥିଲେ)ଙ୍କ ସହ ମିଶି କାର୍ଯ୍ୟ କରିଥିଲେ ।

୧୯୭୦ ମସିହାରେ ଆଡଭାଣୀ ଜୀଙ୍କ ସଂସଦୀୟ ଯାତ୍ରା ଆରମ୍ଭ ହୋଇଥିଲା। ସଂସଦରେ ତାଙ୍କର ମତାମତ ସମସ୍ତ ରାଜନୈତିକ ଦଳର ପ୍ରଶଂସା ଲାଭ କରିଥିଲା। ଜଣେ ସାଂସଦ ଭାବରେ, ପରବର୍ତ୍ତୀ ସମୟରେ ଉଭୟ ସଦନରେ ବିରୋଧୀ ଦଳର ନେତା ଭାବରେ ଏବଂ ଶାସକ ଦଳର ସଦସ୍ୟ ଭାବରେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । ସଂସଦୀୟ ଦାୟିତ୍ୱରେ ବ୍ୟସ୍ତ ରହିବା ସତ୍ତ୍ୱେ, ସେ ନିୟମିତ ଭାବେ ସାରା ଭାରତ ଭ୍ରମଣ କରି ଲୋକମାନଙ୍କୁ ଭେଟୁଥିଲେ।

ମୋର ୧୯୯୧ ଲୋକସଭା ନିର୍ବାଚନ କଥା ଭଲ ଭାବରେ ମନେ ଅଛି । ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା ଯେ ଆଡଭାଣୀ ଜୀ ଦୁଇଟି ଆସନରୁ ଲୋକସଭା ନିର୍ବାଚନ ଲଢ଼ିବେ, ସେଥିମଧ୍ୟରୁ ଗୋଟିଏ ଥିଲା ଗାନ୍ଧୀନଗର। ଗୁଜରାଟ ସହିତ ତାଙ୍କର ଏକ ପୁରୁଣା ସମ୍ପର୍କ ଥିଲା। ଦେଶ ବିଭାଜନ ପରେ ତାଙ୍କ ପିତା କଚ୍ଛ ଅଞ୍ଚଳରେ ଆସି ରହିଥିଲେ। ଆଡଭାଣୀ ଜୀ ଗୁଜରାଟରୁ ରାଜ୍ୟସଭା ସାଂସଦ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ତେଣୁ, ଏହା ଏକ ପ୍ରକାରର 'ଘରକୁ ଫେରିବା' ଭଳି ଥିଲା। ବିଜେପି ସଂଗଠନ ସହ ଜଡ଼ିତ ଥିବାରୁ, ମୋତେ ତାଙ୍କ ନାମାଙ୍କନପତ୍ର ପ୍ରସ୍ତୁତ କରିବା ଏବଂ ନିର୍ବାଚନ ପ୍ରଚାର ସମୟରେ ତାଙ୍କୁ ସହଯୋଗ କରିବାର ସୌଭାଗ୍ୟ ମିଳିଥିଲା। ଗାନ୍ଧୀନଗରର ଜନସାଧାରଣ ତାଙ୍କୁ ବାରମ୍ବାର ସଂସଦକୁ ପଠାଇଥିଲେ। ଗାନ୍ଧୀନଗରର ଜଣେ ଭୋଟର ଭାବରେ, ମୋତେ ମଧ୍ୟ ଅନେକ ଥର ଆଡଭାଣୀ ଜୀଙ୍କୁ ଭୋଟ୍ ଦେବାର ସୌଭାଗ୍ୟ ମିଳିଥିଲା। ନିଜ ନିର୍ବାଚନ ମଣ୍ଡଳୀ ପ୍ରତି ସେ ଯେଉଁ ଯତ୍ନ ଓ ଧ୍ୟାନ ଦେଉଥିଲେ, ତାହା ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ବିଷୟ।

'ଜରୁରୀକାଳୀନ ପରିସ୍ଥିତି' ଆଡଭାଣୀ ଜୀଙ୍କ ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଥିଲା। ଗଣତନ୍ତ୍ରକୁ ବଞ୍ଚାଇବା ଏବଂ ସମ୍ବିଧାନର ସୁରକ୍ଷା କରିବା କ୍ଷେତ୍ରରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଏହି ଅନୁଭୂତିଗୁଡ଼ିକ ତାଙ୍କ ପୁସ୍ତକ 'ଏ ପ୍ରିଜନର୍ସ ସ୍କ୍ରାପ୍-ବୁକ୍'ରେ ସ୍ଥାନ ପାଇଛି। ଏହି ପୁସ୍ତକର 'ଏ ଟେଲ୍ ଅଫ୍ ଟୁ ଏମର୍ଜ ?ନ୍ସିଜ୍' ଶୀର୍ଷକ ଅଂଶରେ ୧୯୭୫ ମସିହା ଜୁନ୍ ମାସରୁ ଭାରତରେ ଘଟିଥିବା ଘଟଣାବଳୀ ଏବଂ ୧୯୩୩ ମସିହାର ନାଜି ଜର୍ମାନୀରେ ଘଟିଥିବା ଘଟଣାବଳୀ ମଧ୍ୟରେ ଥିବା ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟକୁ ବେଶ୍ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ଆଡଭାଣୀ ଜୀ ଜଣେ ପ୍ରଖର ବିରୋଧୀ ଦଳ ନେତା ଥିଲେ କିନ୍ତୁ ସମାନ ଭାବରେ ଜଣେ ଉତ୍କୃଷ୍ଟ ପ୍ରଶାସକ ମଧ୍ୟ ଥିଲେ। ୧୯୭୭ ମସିହାରେ ଜନତା ପାର୍ଟି ସରକାର କ୍ଷମତାକୁ ଆସିବା ପରେ, ଆଡଭାଣୀ ଜୀ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ହୋଇଥିଲେ। ଏହି ବିଭାଗରେ ତାଙ୍କର କାର୍ଯ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା, ଯାହା ସାଧାରଣରେ ଗ୍ରହଣୀୟ ହୋଇଥିଲା । ଉପପ୍ରଧାନମନ୍ତ୍ରୀ ଏବଂ ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଗୃହମନ୍ତ୍ରୀ ଭାବରେ, ସେ ଭାରତର ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଆମର ସୁରକ୍ଷା ବାହିନୀର ସ୍ଥିତିକୁ ଉନ୍ନତ କରିବାରେ ତାଙ୍କର କାର୍ଯ୍ୟ ସ୍ମରଣୀୟ ହୋଇ ରହିଛି । ଆତଙ୍କବାଦ ବିରୁଦ୍ଧରେ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ରହିଥିଲା । ଫଳରେ ଭାରତକୁ ଏକ କଠୋର ଆତଙ୍କବାଦ ବିରୋଧୀ ଆଇନ ମିଳିଥିଲା ।

ଆଡଭାଣୀ ଜୀଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ସୋମନାଥରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରା। ଏହା ଭାରତୀୟ ସମାଜର ଗତିପଥକୁ ଉନ୍ନତ କରିଥିଲା। ପରିକଳ୍ପନା ପର୍ଯ୍ୟାୟରୁ କାର୍ଯ୍ୟକାରିତା ପର୍ଯ୍ୟନ୍ତ ଏହି ଯାତ୍ରାରେ ସାମିଲ ହେବା ଲାଗି ସୁଯୋଗ ପାଇବା ଥିଲା ମୋ ପାଇଁ ସୌଭାଗ୍ୟର ବିଷୟ। ଯାତ୍ରା ଆରମ୍ଭ ହେବା ସମୟରେ ସୋମନାଥରେ ଉପସ୍ଥିତ ରହିବା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା। ଏକ ଯାତ୍ରା ବହୁତ କଷ୍ଟକର ହୋଇପାରେ, ଏଥିପାଇଁ ଦୀର୍ଘ ସମୟ, ନିରନ୍ତର ଯାତ୍ରା, ଶାରୀରିକ ସହନଶୀଳତା ଏବଂ କ୍ଳାନ୍ତି ସତ୍ତ୍ୱେ ଧ୍ୟାନ କେନ୍ଦ୍ରିତ କରିବାର କ୍ଷମତା ଆବଶ୍ୟକ ହୁଏ। ଆଡଭାଣୀ ଜୀ ଏହି ସହନଶୀଳତାକୁ ମୂର୍ତ୍ତିମନ୍ତ କରିଥିଲେ ।

ବିହାରରେ ଆଡଭାଣୀ ଜୀଙ୍କୁ ଗିରଫ କରାଯିବାର ଦୁଃଖଦାୟକ ମୁହୂର୍ତ୍ତଗୁଡ଼ିକ ଏବେ ମଧ୍ୟ ମୋର ମନେ ଅଛି। ତତ୍କାଳୀନ ସମୟରେ ଗୁଜରାଟରେ, ବିଜେପି ଚିମନଭାଇ ପଟେଲଙ୍କ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କରିନେଇଥିଲା। ଏହା ମାଧ୍ୟମରେ ଏକ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା ଯେ, ଆମର ବିଚାରଧାରା ଏବଂ ରାମ ମନ୍ଦିର ପ୍ରସଙ୍ଗରେ କେବେବି କୌଣସି ପ୍ରକାରର ସାଲିସ୍ କରାଯିବ ନାହିଁ। ପରିସ୍ଥିତି ଯାହା ହେଉନା କାହିଁକି, ରାମ ମନ୍ଦିର ନିଶ୍ଚିତ ଭାବରେ ନିର୍ମାଣ କରାଯିବ ବୋଲି ଆମର ଅନେକ ବରିଷ୍ଠ ନେତା ଏବଂ କାର୍ଯ୍ୟକର୍ତ୍ତା ଶପଥ ନେଇଥିଲେ । ଆଉ ବର୍ଷ ବର୍ଷ ପରେ, ଭାରତର ଜନସାଧାରଣଙ୍କ ଆଶୀର୍ବାଦରୁ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ହେବା ସତ୍ୟରେ ପରିଣତ ହେଲା ।

ଆଡଭାଣୀ ଜୀଙ୍କ ବ୍ୟକ୍ତିତ୍ୱରେ ଆହୁରି ଅନେକ ଉଲ୍ଲେଖନୀୟ ଦିଗ ରହିଛି। ଉଦାହରଣ ସ୍ୱରୂପ, ତାଙ୍କର ସରଳତା। 'ନବନିର୍ମାଣ ଆନ୍‌ଦୋଳନ' ପରେ, ଆଡଭାଣୀ ଜୀ ଜୁନାଗଡ଼ ଆସିଥିଲେ ଏବଂ ସେଠାରେ ଜଣେ ସାଧାରଣ କାର୍ଯ୍ୟକର୍ତ୍ତା ଭାବରେ ଏକ ମାସ ରହିଥିଲେ। ସେଠାରେ ରହି ସେ ବିଧାନସଭା ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ କରିଥିଲେ । ସେହି ନିର୍ବାଚନରେ କଂଗ୍ରେସକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସାର୍ବଜନୀନ ଜୀବନରେ ନୈତିକତା ଓ ସଚ୍ଚୋଟତା କ'ଣ, ତାହା ସେ ସର୍ବଦା ପ୍ରଦର୍ଶିତ କରିଆସିଛନ୍ତି। ସେ ଜଣେ ଅତ୍ୟନ୍ତ ପଠନପ୍ରିୟ ବ୍ୟକ୍ତି । ଯେଉଁମାନେ ତାଙ୍କ ସହିତ ସମୟ ବିତାଇଛନ୍ତି, ସେମାନେ ଜାଣନ୍ତି ଯେ ସେ କେତେ ଯତ୍ନର ସହ ଖବରକାଗଜ ପଢ଼ନ୍ତି । ସେ ଚଳଚ୍ଚିତ୍ର ଏବଂ ନାଟକର ବହୁତ ବଡ଼ ପ୍ରଶଂସକ। ସେ ମଧ୍ୟ ଜଣେ ଉତ୍ସାହୀ ଚଳଚ୍ଚିତ୍ର ସମୀକ୍ଷକ । ଇତିହାସ ପ୍ରତି ତାଙ୍କର ଗଭୀର ଦୃଷ୍ଟିକୋଣ ଏବଂ ଏହାକୁ ସଂରକ୍ଷଣ କରିବାର ଆବଶ୍ୟକତା ତାଙ୍କ ପୁସ୍ତକ 'ମାଇଁ କଣ୍ଟ୍ରି ମାଇଁ ଲାଇଫ୍'ରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ।

ଆଡଭାଣୀ ଜୀ ସର୍ବଦା ସିନ୍ଧୀ ସଂସ୍କୃତି ସହ ଯୋଡ଼ି ହୋଇ ରହିଛନ୍ତି । ତାଙ୍କର ଆଉ ଗୋଟିଏ ପ୍ରୟାସ ଥିଲା- ଲେହ ନିକଟରେ 'ସିନ୍ଧୁ ଦର୍ଶନ ପୂଜା'କୁ ଲୋକପ୍ରିୟ କରିବା। ମୁଁ ନିଜେ ଆଡଭାଣୀ ଜୀ ଏବଂ ଜର୍ଜ ଫର୍ଣ୍ଣାଣ୍ଡିସ୍ ଜୀଙ୍କ ସହିତ ଏପରି ଏକ ପୂଜାରେ ଯାଇଥିଲି ।

କମଲା ଆଡଭାଣୀ ଜୀଙ୍କ ଉଲ୍ଲେଖ ବିନା ଆଡଭାଣୀ ଜୀଙ୍କ ଅସାଧାରଣ ଯାତ୍ରା ବିଷୟରେ କୌଣସି ବର୍ଣ୍ଣନା ଅସମ୍ପୂର୍ଣ୍ଣ ରହିବ। ତାଙ୍କର ସାର୍ବଜନୀନ ଜୀବନରେ ଶ୍ରୀମତୀ ଆଡ଼ଭାଣୀ ସର୍ବଦା ଶକ୍ତି ଓ ସମର୍ଥନର ଏକ ଉତ୍ସ ହୋଇ ରହିଥିଲେ।କରାଚୀରେ ବଢ଼ିବା ସମୟରେ, ଆଡଭାଣୀ ଜୀ ବୋଧହୁଏ କଳ୍ପନା ମଧ୍ୟ କରିନଥିବେ ଯେ ତାଙ୍କ ଜୀବନ କେଉଁ ମୋଡ଼ ନେବ । କୃତଜ୍ଞତା ସ୍ୱରୂପ, ଭାରତର ଜନସାଧାରଣ ୨୦୨୪ ମସିହାରେ ତାଙ୍କୁ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରିଛନ୍ତି । ଆଡଭାଣୀ ଜୀ ନିଜ ଜୀବନର ଶହେତମ ବର୍ଷରେ ପଦାର୍ପଣ କରୁଥିବା ବେଳେ ସେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ଏବଂ ପୂର୍ବଭଳି ଆମ ସମସ୍ତଙ୍କୁ ଅନୁପ୍ରାଣିତ କରିଚାଲନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି ।

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୧୦ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,10 November 2026, Bhubaneswar



ଚୀନରେ ୧୦ କୋଟି ଲୋକ ଋଣ ଶୁଝିବାକୁ ଅସମର୍ଥ

ନୂଆଦିଲ୍ଲୀ,୯।୧୧(ଏଜେନ୍ସି):ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୀତି ଚୀନ୍ ଏବେ ଏକ ବଡ଼ ଧରଣର ଋଣ ସଙ୍କଟ ସମ୍ମୁଖୀନ ହୋଇଛି। ଦେଶର ପ୍ରାୟ ୧୦ କୋଟି ଲୋକ ବ୍ୟକ୍ତିଗତ ଋଣ ଶୁଝିବାରେ ଅସମର୍ଥ ହେଉଛନ୍ତି। ଆର୍ଥିକ ମାନ୍ଦାବସ୍ଥା, ଚାକିରି ହରାଇବା ଓ ବ୍ୟବସାୟରେ କ୍ଷତି ଯୋଗୁଁ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଫଳରେ ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥାଗୁଡ଼ିକ ଋଣ ଆଦାୟ କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲୁମବର୍ଗ ବିଜନେସ୍‌ୱିକ୍‌ର ଏକ ରିପୋର୍ଟରେ ଗେଭେକାଲ୍ ଡ୍ରାଗୋନୋମିକ୍ସର ଆକଳନ ଆଧାରରେ ଏହି ତଥ୍ୟ ପ୍ରକାଶ ପାଇଛି।ଏହି ସଙ୍କଟର ପ୍ରଭାବ କେତେ ଗଭୀର ତାହା ଋଣ ଆଦାୟ କରୁଥିବା କର୍ମଚାରୀଙ୍କ ଅଭିଜ୍ଞତାରୁ ଜଣାପଡୁଛି। ଚୀନ୍‌ର ଉହାନ ସହରରେ କାମ କରୁଥିବା ୨୩ ବର୍ଷୀୟ ରିୟାନ୍ ହୁ ଦିନକୁ ୩୦୦ରୁ ଅଧିକ ଫୋନ୍ କରି ଋଣ ଶୁଝିନଥିବା ଲୋକଙ୍କ ସହ ଯୋଗାଯୋଗ କରୁଛନ୍ତି। ବେଳେବେଳେ ତାଙ୍କୁ ମଧ୍ୟରାତ୍ରି ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ତାଙ୍କ ପାଖକୁ ଆସୁଥିବା ଋଣଖିଲାପୀଙ୍କ ମଧ୍ୟରେ ମହାମାରୀ ପରେ ବ୍ୟବସାୟ ସ୍ୱାଭାବିକ କରିପାରିନଥିବା ରେଷ୍ଟୋରାଁ ମାଲିକ, ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ମାନ୍ଦାବସ୍ଥାରେ ଚାକିରି ହରାଇଥିବା ଦମ୍ପତି ଏବଂ ଚାକିରି ନପାଇ ଆର୍ଥିକ ସଙ୍କଟରେ ପଡ଼ିଥିବା ଯୁବକଯୁବତୀ ରହିଛନ୍ତି। ଲୋକଙ୍କ ଆୟ କମିଥିବାରୁ



ପୂର୍ବଭଳି ଋଣ ପରିଶୋଧ କରିବାର କ୍ଷମତା ଆଉ ନାହିଁ ବୋଲି ହୁ କହିଛନ୍ତି।ଚୀନରେ ଖିଲାପୀ ଋଣ ବଜାର ମଧ୍ୟ ଦ୍ରୁତଗତିରେ ବଢୁଛି। ୨୦୨୧ରେ ବ୍ୟାଙ୍କଗୁଡ଼ିକୁ ଅନାଦାୟ ଗ୍ରାହକ ଋଣ ବିକ୍ରି କରିବାକୁ ଅନୁମତି ମିଳିବା ପରେ ସେହି ବର୍ଷ ପ୍ରାୟ ୧୮୬୦ କୋଟି ୟୁଆନ୍ ମୂଲ୍ୟର ଖିଲାପୀ ଋଣ ବିକ୍ରି ହୋଇଥିଲା। କିନ୍ତୁ ୨୦୨୫ ଶେଷ ସୁଦ୍ଧା ଏହା ୪୫,୪୦୦ କୋଟି ୟୁଆନ୍‌ରେ ପହଞ୍ଚିଛି। ଅର୍ଥାତ୍ ମାତ୍ର ଚାରି ବର୍ଷ ମଧ୍ୟରେ ଏହି ବଜାର ୨୦ ଗୁଣରୁ ଅଧିକ ବଢ଼ିଛି। ଏଥିରେ ମୁଖ୍ୟତଃ କ୍ରେଡିଟ୍ କାର୍ଡ ବକେୟା ଓ ବ୍ୟକ୍ତିଗତ ଋଣ ସାମିଲ ରହିଛି। ଘର ଓ ଗାଡ଼ି ଋଣ ସାଧାରଣତଃ ଏଥିରେ ସାମିଲ ହେଉନାହିଁ। କେତେକ ବ୍ୟାଙ୍କ ଏବେ ପ୍ରତି ତିନି ମାସ ବଦଳରେ ପ୍ରତି ମାସରେ ଅନାଦାୟ ଋଣ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି।ଋଣ ଖିଲାପୀ ବଢ଼ିବା ପଛରେ କେବଳ ଅଧିକ ଋଣ ନେବା ଦାୟୀ ନୁହେଁ। ଅର୍ଥନୈତିକ ମାନ୍ଦାବସ୍ଥା, ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସଙ୍କଟ, ବ୍ୟବସାୟ ବନ୍ଦ ହେବା ଏବଂ ଚାକିରି ହରାଇବା ଏହାର ପ୍ରମୁଖ କାରଣ। ଅନେକ ପରିବାର ନିଜ ଆୟର ଏକ ବଡ଼ ଅଂଶ ଋଣ ପରିଶୋଧରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ବ୍ୟାଙ୍କଗୁଡ଼ିକ ମଧ୍ୟ ନୂଆ ଋଣ ଦେବାରେ ସତର୍କ ହୋଇଛନ୍ତି। ଅନଲାଇନ୍ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଉପରେ ଚୀନ୍ ସରକାର ନିୟନ୍ତ୍ରଣ କଡ଼ାକଡ଼ି କରିବା ସହ ନୂଆ ଋଣର ହାରାହାରି ସୁଧ ୨୦ ପ୍ରତିଶତ ତଳେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଗୋଟିଏ ଋଣ ଶୁଝିବା ପାଇଁ ଅନ୍ୟ ଅନଲାଇନ୍ ପ୍ଲାଟଫର୍ମରୁ ଋଣ ନେଉଥିବା ଲୋକଙ୍କ ପାଇଁ ମଧ୍ୟ ସମସ୍ୟା ବଢ଼ିଛି।ଏହି ପରିସ୍ଥିତିରେ ଅନାଦାୟ ଋଣ କିଣିବା ଏକ ନୂଆ ବ୍ୟବସାୟରେ ପରିଣତ ହୋଇଛି। ବ୍ୟାଙ୍କଗୁଡ଼ିକ ହଜାର ହଜାର ଋଣ ଖାତାକୁ ଏକାଠି କରି କମ୍ ମୂଲ୍ୟରେ ନିଲାମ କରୁଛନ୍ତି। ଏହି ଋଣଗୁଡ଼ିକୁ ଆର୍ଥିକ ସଂସ୍ଥା ଓ ନିବେଶକମାନେ କିଣି ପରେ ଗ୍ରାହକଙ୍କଠାରୁ ଅଧିକ ଅର୍ଥ ଆଦାୟ କରିବାକୁ ଉଦ୍ୟମ କରୁଛନ୍ତି। ସାଧାରଣତଃ ଏହି ସଂସ୍ଥାଗୁଡ଼ିକ ମୋଟ ବକେୟା ଋଣର ମାତ୍ର ୬ରୁ ୭ ପ୍ରତିଶତ ମୂଲ୍ୟ ଦେଇ ଋଣ କିଣୁଛନ୍ତି। ପରେ ଋଣର ପ୍ରାୟ ୩୦ ପ୍ରତିଶତ ଆଦାୟ କରିବାକୁ ସକ୍ଷମ ହେଉଛନ୍ତି। ଏହି କାରବାରରେ ଘରୋଇ ନିବେଶକ, ଆର୍ଥିକ ସଂସ୍ଥା ଓ ଋଣ ଆଦାୟକାରୀ କମ୍ପାନିମାନେ ସାମିଲ ହୋଇଛନ୍ତି।

କେରଳରେ ଇଥାନଲ୍ ମିଶା ପେଟ୍ରୋଲ୍‌ର ଯାଞ୍ଚ ଆରମ୍ଭ

ନୂଆଦିଲ୍ଲୀ,୯।୧୧(ଏଜେନ୍ସି):ପେଟ୍ରୋଲ୍‌ରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଇଥାନଲ ମିଶାଯାଉଥିବା ଅଭିଯୋଗକୁ ନେଇ ଦେଶରେ ବିବାଦ ଦେଖାଦେଇଛି। କର୍ଣ୍ଣାଟକରେ କିଛି ପେଟ୍ରୋଲ୍ ପମ୍ପରୁ ସଂଗୃହିତ ନମୁନାରେ ୩୧.୨% ପର୍ଯ୍ୟନ୍ତ ଇଥାନଲ ମିଶିଥିବା ଜଣାପଡ଼ିଛି ଯାହା ନିର୍ଦ୍ଧାରିତ ୨୦%ଠାରୁ ଅଧିକ। କର୍ଣ୍ଣାଟକରେ ଏଭଳି ଅଭିଯୋଗ ଆସିବା ପରେ ପଡ଼ୋଶୀ ରାଜ୍ୟ କେରଳ ସରକାର ମଧ୍ୟ ସତର୍କ ହୋଇଛନ୍ତି। ରାଜ୍ୟର ୪ଟି ଜିଲ୍ଲାରେ ପେଟ୍ରୋଲର ଗୁଣବତ୍ତା ଯାଞ୍ଚ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଥିରୁଅନନ୍ତପୁରମ, ଏର୍ଣ୍ଣାକୁଲମ, କୋଝିକୋଡ଼ ଓ କନ୍ନୁର ଜିଲ୍ଲାର ବିଭିନ୍ନ ପେଟ୍ରୋଲ୍ ପମ୍ପରୁ ନମୁନା ସଂଗ୍ରହ କରାଯାଉଛି। ଏହି ନମୁନାଗୁଡ଼ିକୁ ସରକାରୀ ପରୀକ୍ଷାଗାରକୁ ପଠାଯିବ। ୧୦ ଦିନ ମଧ୍ୟରେ ପରୀକ୍ଷା ରିପୋର୍ଟ ଆସିବ ବୋଲି କେରଳର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଅନୁପ ଜାକବ କହିଛନ୍ତି।କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡି କେ ଶିବକୁମାର କହିଛନ୍ତି ଯେ ରାଜ୍ୟର ୬୭ଟି ସ୍ଥାନରୁ ପେଟ୍ରୋଲ୍ ନମୁନା ସଂଗ୍ରହ କରି ଯାଞ୍ଚ କରାଯାଇଛି। କେତେକ ସ୍ଥାନରେ ପେଟ୍ରୋଲରେ



୩୧.୫% ପର୍ଯ୍ୟନ୍ତ ଇଥାନଲ ମିଶିଥିବା ଅଭିଯୋଗ ହୋଇଛି। ଅଧିକ ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ିର ମାଇଲେଜ୍ କମୁଥିବା, ଇଞ୍ଜିନ୍ ଖରାପ ହେଉଥିବା ଏବଂ ଚାଲୁଥିବା ସମୟରେ ଗାଡ଼ି ବନ୍ଦ ହୋଇଯାଉଥିବା ନେଇ ହଜାର ହଜାର ଗାଡ଼ି ମାଲିକ ଅଭିଯୋଗ କରିଛନ୍ତି। ଏହି ବିବାଦ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି ଯେ ପେଟ୍ରୋଲରେ ଇଥାନଲ ମିଶ୍ରଣ ନେଇ ରାଜ୍ୟ ସରକାରମାନେ ନିଜ ନିଜ ସ୍ତରରେ ଯାଞ୍ଚ କରିପାରିବେ। କିନ୍ତୁ ଏଭଳି ବୈଷୟିକ ପ୍ରସଙ୍ଗକୁ ରାଜନୈତିକ ରୂପ ଦେବା ଉଚିତ ନୁହେଁ ବୋଲି ସେ କହିଛନ୍ତି।ଅନ୍ୟପକ୍ଷରେ ସରକାରୀ ତୈଳ କମ୍ପାନିଗୁଡ଼ିକ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ କହିଛନ୍ତି ଯେ ସେମାନଙ୍କ ଦ୍ୱାରା ଯୋଗାଣ ହେଉଥିବା ଇ୨୦ ପେଟ୍ରୋଲ୍ ନିର୍ଦ୍ଧାରିତ ମାନକ ଅନୁସାରେ ପ୍ରସ୍ତୁତ ହେଉଛି। ଏହାର ପ୍ରମାଣ ସ୍ୱରୂପ ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପରୀକ୍ଷା ହୋଇଥିବା ୮୯୩ଟି ନମୁନାରେ ଇଥାନଲ ମାତ୍ରା ୧୯ରୁ ୨୧% ମଧ୍ୟରେ ରହିଥିବା କମ୍ପାନିଗୁଡ଼ିକ କହିଛନ୍ତି। କର୍ଣ୍ଣାଟକର ୫୬ଟି ନମୁନାରେ ମଧ୍ୟ ଇଥାନଲ ମାତ୍ରା ୧୯ରୁ ୨୦% ଥିବା ଦାବି କରାଯାଇଛି।

ନୂଆ ପାସପୋର୍ଟ ଏବଂ ଏନଆଇଡି କାର୍ଡ ପାଇଁ ଦୂତାବାସକୁ ଅନୁରୋଧ କଲେ ଶେଖ ହସିନା

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ତାଙ୍କ ଦେଶକୁ ଫେରିବାକୁ ପ୍ରସ୍ତୁତ ହେଉଛନ୍ତି। ଡିସେମ୍ବରରେ ବାଂଲାଦେଶ ଫେରିବା ପାଇଁ ଯୋଜନା କରି ସେ ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଦୂତାବାସକୁ ତାଙ୍କୁ ଏକ ନୂତନ ପାସପୋର୍ଟ ଏବଂ ଜାତୀୟ ପରିଚୟ ପତ୍ର (ଏନଆଇଡି) ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଅଗଷ୍ଟ ୨୦୨୪ରେ କ୍ଷମତାଚ୍ୟୁତ ହୋଇ ଭାରତ ପଳାଇ ଆସିବା ପରେ ଏହା ତାଙ୍କର ପ୍ରଥମ ସରକାରୀ ଯୋଗାଯୋଗ। ଶେଖ ହସିନାଙ୍କ ଢାକା ଫେରିବା ପ୍ରୟାସ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଅସୁବିଧାରେ ପକାଇପାରେ। ରିପୋର୍ଟ ଅନୁଯାୟୀ, ଲଣ୍ଡନର ମାଟ୍ରିକ୍ସ ଚାମ୍ବରରେ ଶେଖ ହସିନାଙ୍କ ଆଇନଜୀବୀ ସୋମବାର ନୂଆଦିଲ୍ଲୀସ୍ଥିତ ବାଂଲାଦେଶ ଦୂତାବାସର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ପ୍ରୀତି ରହମାନଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି, ଯେଉଁଥିରେ ତାଙ୍କୁ ବାଂଲାଦେଶ ଫେରିବା ପାଇଁ ଆବଶ୍ୟକୀୟ ଯାତ୍ରା ଏବଂ ପରିଚୟ ପତ୍ର ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି।ଚିଠିରେ ଶେଖ ହସିନାଙ୍କ ପୁରୁଣା ପାସପୋର୍ଟ ଏବଂ ପରିଚୟପତ୍ର ବାତିଲ୍ ହୋଇଥିବା ଉଲ୍ଲେଖ କରାଯାଇଛି। ଆଇନଜୀବୀ କହିଛନ୍ତି, ମଧ୍ୟବର୍ତ୍ତୀକାଳୀନ ସରକାର ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ କର୍ତ୍ତୃପକ୍ଷ ତାଙ୍କ ପୁରୁଣା ବାଂଲାଦେଶୀ ପାସପୋର୍ଟ ଏବଂ ଜାତୀୟ ପରିଚୟପତ୍ର ବାତିଲ୍ କରିଥିବା ରିପୋର୍ଟ ରହିଛି। ତେଣୁ, ତାଙ୍କ ମହକିଲଙ୍କ ପାଇଁ ନୂତନ ଡକ୍ୟୁମେଣ୍ଟ ଜାରି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ଉଚିତ୍। ଏହି ପ୍ରକ୍ରିୟାକୁ ଶୀଘ୍ର ସମାପ୍ତ କରିବାକୁ କର୍ତ୍ତୃପକ୍ଷଙ୍କୁ ମଧ୍ୟ ସେ ନିବେଦନ କରିଛନ୍ତି। ସେ ଯୁକ୍ତି ଦେଇଛନ୍ତି, ଶେଖ ହସିନା ବାଂଲାଦେଶର ନାଗରିକ ଏବଂ ଅନ୍ତର୍ଜାତୀୟ ମାନବାଧିକାର ଚୁକ୍ତିନାମା ଅନୁଯାୟୀ ତାଙ୍କର ନିଜ ଦେଶକୁ ଫେରିବାର ଅଧିକାର ଅଛି। ରିପୋର୍ଟ ଅନୁଯାୟୀ, ଶେଖ ହସିନା ବାଂଲାଦେଶ ଫେରିବା ପରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ଚାହୁଁଛନ୍ତି। ତାଙ୍କର ସହଯୋଗୀମାନେ କହିଛନ୍ତି ଯେ, ଆବଶ୍ୟକୀୟ ଔପଚାରିକତା ସମାପ୍ତ ହେବା ପରେ ପ୍ରତ୍ୟାବର୍ତ୍ତନ ତାରିଖ ଘୋଷଣା କରାଯିବ। ତେବେ ତାଙ୍କର ପ୍ରତ୍ୟାବର୍ତ୍ତନ ବାଂଲାଦେଶରେ ନୂତନ ରାଜନୈତିକ ଏବଂ ଆଇନଗତ ବିବାଦ ସୃଷ୍ଟି କରିପାରେ ଏବଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଅସୁବିଧା ବଢ଼ାଇପାରେ।

ଦୀପାବଳିରେ ପଞ୍ଜାବରେ ନଡ଼ା ଜାଳିବା ମାମଲାରେ ରେକର୍ଡ ବୃଦ୍ଧି

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଦୀପାବଳିରେ ପଞ୍ଜାବରେ ନଡ଼ା ପୋଡ଼ିବା ଘଟଣାରେ ବୃଦ୍ଧି ଘଟିଛି। ନଭେମ୍ବର ୮ ତାରିଖ ଦୀପାବଳିରେ ରେକର୍ଡ ସଂଖ୍ୟକ ୧,୧୫୨ ନଡ଼ା ପୋଡ଼ିବା ଘଟଣା ରିପୋର୍ଟ କରାଯାଇଛି। ଏହି ସଂଖ୍ୟା ଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ ଥିବା କୁହାଯାଉଛି। ପଞ୍ଜାବରେ ସର୍ବାଧିକ ନଡ଼ା ପୋଡ଼ିବା ଘଟଣା ସଙ୍ଗରୁର ଜିଲ୍ଲାରେ ଘଟିଛି। ଯେଉଁଠାରେ ଗୋଟିଏ ଦିନରେ ୧୯୪ଟି ଘଟଣା ରେକର୍ଡ କରାଯାଇଛି। ସେହିପରି ରୂପନଗରରେ ସବୁଠାରୁ କମ୍ ସଂଖ୍ୟକ ଘଟଣା ରେକର୍ଡ କରାଯାଇଛି। ସେଠାରେ ଗୋଟିଏ ଘଟଣା ଘଟିଛି। ପଞ୍ଜାବ ରିମୋଟ୍ ସେନ୍ସିଂ ସେଣ୍ଟରର ସରକାରୀ ତଥ୍ୟ ଅନୁଯାୟୀ, ରବିବାର ସାରା ରାଜ୍ୟରେ ସାଟେଲାଇଟ୍ ଦ୍ୱାରା ନଡ଼ା ଜାଳିବା ଘଟଣା ରେକର୍ଡ କରାଯାଇଛି। ପୂର୍ବ ଦିନଗୁଡ଼ିକ ତୁଳନାରେ ଏହି ସଂଖ୍ୟା ବହୁତ ଆଶ୍ଚର୍ଯ୍ୟଜନକ। କାରଣ ଗୋଟିଏ ଦିନ ପୂର୍ବରୁ ନଭେମ୍ବର ୭ ତାରିଖରେ ମାତ୍ର ୧୬୩ଟି ମାମଲା ରିପୋର୍ଟ ହୋଇଥିଲା। ଏହା ସହିତ ଚଳିତ ଋତୁରେ ଏପର୍ଯ୍ୟନ୍ତ ମୋଟ ମାମଲା ସଂଖ୍ୟା ୪,୪୫୯ରେ ପହଞ୍ଚିଛି। ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ନଭେମ୍ବର ୮ ତାରିଖରେ ପୂର୍ବ ବର୍ଷ ତୁଳନାରେ ନଡ଼ା ଜାଳିବା ଘଟଣାରେ ଯଥେଷ୍ଟ ବୃଦ୍ଧି ଘଟିଛି। ୨୦୨୪



ମସିହାରେ, ନଭେମ୍ବର ୮ ତାରିଖରେ ୭୩୦ଟି ଘଟଣା ରେକର୍ଡ କରାଯାଇଥିଲା। ୨୦୨୫ ମସିହାରେ, ଏହି ସଂଖ୍ୟା ଯଥେଷ୍ଟ କମ୍ ଥିଲା। ନଭେମ୍ବର ୮ ତାରିଖରେ କେବଳ ୨୩୮ଟି ଘଟଣା ରିପୋର୍ଟ ହୋଇଥିଲା। ତେବେ ଚଳିତ ବର୍ଷ ଗୋଟିଏ ଦିନରେ ଏହି ସଂଖ୍ୟା ସର୍ବାଧିକ ରହିଛି। ରାଜ୍ୟ ସରକାର ଘଟଣାରେ ହ୍ରାସ ଘଟୁଥିବା ଦାବି କରିବା ସତ୍ତ୍ୱେ ପଞ୍ଜାବରେ ପ୍ରତିବର୍ଷ ଧାନ ଅମଳ ଋତୁରେ ନଡ଼ା ପୋଡ଼ିବା ଘଟଣାରେ ହଠାତ୍ ବୃଦ୍ଧି ଘଟୁଛି। ଏହା ବାୟୁ ପ୍ରଦୂଷଣ ପାଇଁ ଏକ ଚିନ୍ତାଜନକ ପ୍ରସଙ୍ଗ।ଏକ ମାନକ ପ୍ରୋଟୋକଲର ଅଂଶ ଭାବରେ ସାଟେଲାଇଟ୍ ରିମୋଟ୍ ସେନ୍ସିଂ ବ୍ୟବହାର କରି ବାୟୁ ଗୁଣବତ୍ତା ପରିଚାଳନା କମିସନଙ୍କ ନିର୍ଦ୍ଦେଶରେ ରିମୋଟ୍ ସେନ୍ସିଂ ସେଣ୍ଟର ଦ୍ୱାରା ତଥ୍ୟ ସଂଗ୍ରହ କରାଯାଉଛି। ନଡ଼ା ପୋଡ଼ିବାର ବର୍ଦ୍ଧିତ ଘଟଣାର ମୁକାବିଲା ପାଇଁ ପଞ୍ଜାବ ପ୍ରଶାସନ ଅନେକ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପର୍ଯ୍ୟନ୍ତ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୬୨ ଲକ୍ଷରୁ ଅଧିକ ଜରିମାନା ଲାଗୁ କରାଯାଇଛି। ସେଥିମଧ୍ୟରୁ ୩୩ ଲକ୍ଷ ଆଦାୟ କରାଯାଇ ସାରିଛି। ପୁଲିସ ପ୍ରାୟ ୯୦୦ ଜଣଙ୍କ ବିରୋଧରେ ଏଫଆଇଆର ମଧ୍ୟ ରୁଜୁ କରିଛି ଏବଂ ରାଜସ୍ୱ ରେକର୍ଡରେ ୧,୦୧୭ ରେଡ୍ ଏଣ୍ଟ୍ରି ଚିହ୍ନିତ କରାଯାଇଛି।

ନିର୍ବାଚନ କମିସନଙ୍କ ଉପରେ ବର୍ଷିଲେ ଶଶି ଥରୁର

ନୂଆଦିଲ୍ଲୀ,୯।୧୧(ଏଜେନ୍ସି):ରାଜସ୍ଥାନ ରାଜ୍ୟ ନିର୍ବାଚନ କମିସନଙ୍କ ଦ୍ୱାରା ପଞ୍ଚାୟତ ନିର୍ବାଚନରେ ବ୍ୟବହୃତ ଭୋଟର ତାଲିକା ନେଇ କଂଗ୍ରେସ ନେତା ଶଶି ଥରୁର ପ୍ରଶ୍ନ ଉଠାଇଛନ୍ତି। ଏହି ଭୋଟର ତାଲିକାରେ ପ୍ରାୟ ୨ ଲକ୍ଷ ଭୋଟରଙ୍କ ନାମ ଅନ୍ତର୍ଭୁକ୍ତ ରହିଛି ଯେଉଁମାନଙ୍କୁ ଏସଆଇଆରରେ ମୃତ ଘୋଷଣା କରାଯାଇଥିଲା। ଭୋଟରମାନଙ୍କୁ ରାଜ୍ୟ ନିର୍ବାଚନ କମିସନଙ୍କ ଭୋଟର ତାଲିକାରେ ଜୀବିତ ଦର୍ଶାଯାଇଛି। ନିର୍ବାଚନ କମିସନଙ୍କ ଅକ୍ଷମତା ଏବଂ କଦାଚାର ସୀମା ଲଂଘନ



କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏସଆଇଆର ସମୟରେ ପ୍ରାୟ ୮ ଲକ୍ଷ ୭୫ ହଜାର ଲୋକଙ୍କୁ ମୃତ ଘୋଷଣା କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରାଜସ୍ଥାନ ରାଜ୍ୟ ନିର୍ବାଚନ କମିସନ ସେମାନଙ୍କ ମଧ୍ୟରୁ ଏକ ଲକ୍ଷ ୮୨ ହଜାର ଭୋଟରଙ୍କୁ ଏପର୍ଯ୍ୟନ୍ତ ଜୀବିତ ଭାବରେ ବର୍ଗୀକୃତ କରି ସମ୍ପ୍ରତି ପଞ୍ଚାୟତ ନିର୍ବାଚନରେ ସେମାନଙ୍କୁ ଭୋଟ୍ ଦେବାର ଅଧିକାର ଦେଇଥିଲେ।ରାଜସ୍ଥାନର ପଞ୍ଚାୟତ ଏବଂ ପୌର ସଂସ୍ଥାର ଭୋଟର ତାଲିକାରେ ପଞ୍ଜିକୃତ ପ୍ରାୟ ୩୦ ଲକ୍ଷ ଭୋଟର ନିର୍ବାଚନ କମିସନରଙ୍କ ଏସଆଇଆରରେ ନାହାନ୍ତି। ରାଜସ୍ଥାନ ରାଜ୍ୟ ନିର୍ବାଚନ କମିସନର ସଚିବ ରାଜେଶ ବର୍ମାଙ୍କ ଅନୁଯାୟୀ, ସେମାନେ ବ୍ୟବହାର କରିଥିବା ଭୋଟର ତାଲିକା ଶେଷ ଥର ପାଇଁ ୧ ଜାନୁଆରି ୨୦୨୫ରେ ଅପଡେଟ୍ କରାଯାଇଥିଲା।

ଭାରତକୁ ବଦନାମ କରିବାକୁ ଚୀନ୍‌ର ଚାଲ୍

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଭାରତକୁ ବଦନାମ କରିବାକୁ ପଡ଼ୋଶୀ ଦେଶରେ ଚାଲିଛି କି ବଡ଼ ଷଡ଼ଯନ୍ତ୍ର ଚୀନ୍‌ରୁ ଆସିଥିବା ୧୫୦ ଜଣ ବ୍ଲଗରଙ୍କୁ ନେଇ ଏବେ ଉଠିଛି ଏମିତି ଏକ ବଡ଼ ପ୍ରଶ୍ନ । ବାଂଲାଦେଶର ରାଜଧାନୀ ଢାକାରେ ପହଞ୍ଚିଥିବା ଏହି ଚୀନ୍ ଯୁବକମାନେ ସେଠାକାର ବସ୍ତି ଅଞ୍ଚଳର ଭିଡିଓ ସୁଟ୍ କରୁଥିବା ଅଭିଯୋଗ ହୋଇଛି। ଆଉ ସବୁଠାରୁ ବଡ଼ କଥା ହେଉଛି, ଢାକାର ଏହି ଦୃଶ୍ୟକୁ ନୂଆଦିଲ୍ଲୀର ବୋଲି ଦର୍ଶାଇ ଚୀନ୍‌ର ସୋସିଆଲ ମିଡିଆରେ ପ୍ରସାର କରାଯାଉଥିବା ଦାବି କରାଯାଉଛି । ରିପୋର୍ଟ ଅନୁଯାୟୀ, ପ୍ରାୟ ୧୦୦ରୁ ୧୫୦ ଜଣ ଚୀନ୍ ବ୍ଲଗର ଗତ କିଛି ସପ୍ତାହ ଧରି ବାଂଲାଦେଶରେ ରହିଛନ୍ତି । ସେମାନେ ଢାକାର ବିଭିନ୍ନ ଗରିବ ବସ୍ତି ଓ ଅଣଓସାରିଆ ରାସ୍ତାରେ ବୁଲି ଭିଡିଓ ସୁଟିଂ କରୁଛନ୍ତି । ବିଶେଷକରି ଟେକପାରା ଓ ଉତ୍ତରା ଅଞ୍ଚଳର ଦୃଶ୍ୟକୁ ଲାଇଭ୍ ଷ୍ଟ୍ରିମ୍ କରାଯାଉଥିବା କୁହାଯାଇଛି । ତେବେ ଏହି ଭିଡିଓଗୁଡ଼ିକରେ ଏହି ଅଞ୍ଚଳକୁ ଭାରତର ରାଜଧାନୀ ଦିଲ୍ଲୀ ବୋଲି ଦର୍ଶାଯାଉଥିବା ଅଭିଯୋଗ ହୋଇଛି । ଅର୍ଥାତ୍ ବାଂଲାଦେଶର ବସ୍ତି ଅଞ୍ଚଳର ଦାରିଦ୍ର୍ୟ ଓ ଅବ୍ୟବସ୍ଥାକୁ ଭାରତର ପରିସ୍ଥିତି ଭାବେ ଚିତ୍ରଣ କରି ଚୀନ୍ ଦର୍ଶକଙ୍କ ଆଗରେ ଉପସ୍ଥାପନ କରାଯାଉଥିବା ଅଭିଯୋଗ ରହିଛି ।ଏହି ଖବର ସାମ୍ନାକୁ ଆସିବା ପରେ ଭାରତୀୟ ସୋସିଆଲ ମିଡିଆରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ଅନେକ ୟୁଜର ଏହାକୁ ଭାରତର ଆନ୍ତର୍ଜାତୀୟ ଭାବମୂର୍ତ୍ତିକୁ ଖରାପ କରିବାର ଏକ ସୁଚିନ୍ତିତ ପ୍ରୟାସ ବୋଲି କହୁଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏହି ବ୍ଲଗରମାନେ କାହା ନିର୍ଦ୍ଦେଶରେ ଏଭଳି ଭିଡିଓ କରୁଛନ୍ତି । ଏହା କେବଳ ଭ୍ୟୁଜ୍ ଓ ଲାଇକ୍ ପାଇବାର ଏକ ଉପାୟ, ନା ଏହା ପଛରେ ରହିଛି କୌଣସି ବଡ଼ ଉଦ୍ଦେଶ୍ୟ ।

ୟେମେନରୁ ୧୯ ଭାରତୀୟ ନାବିକ ଉଦ୍ଧାର

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ୟେମେନରୁ ୧୯ ଭାରତୀୟ ନାବିକ ସୁରକ୍ଷିତ ଉଦ୍ଧାର । ଦୀର୍ଘ ଦୁଇ ସପ୍ତାହର ଅପେକ୍ଷାର ହେଲା ଅନ୍ତ। ମୃତ୍ୟୁର ଛାଇ ଭିତରୁ ଉଦ୍ଧାର ହେଲେ ୧୯ ଭାରତୀୟ । ୟେମେନର ହୋଦେଇଦା ଓ ରାଜଧାନୀ ସାନାରେ ଫସି ରହିଥିଲେ ଏହି ନାବିକମାନେ । ଭାରତୀୟ ଦୂତାବାସର ଉଦ୍ୟମ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏବେ ସେମାନଙ୍କୁ ଭାରତ ଫେରାଇ ଆଣିବା ପ୍ରକ୍ରିୟା ଆରମ୍ଭ ହୋଇଛି ।ସୂଚନା ଅନୁସାରେ, ଗତ ଦୁଇ ସପ୍ତାହ ଧରି ୟେମେନର ହୋଦେଇଦା ଏବଂ ସାନାରେ ଫସି ରହିଥିଲେ ୧୯ ଜଣ ଭାରତୀୟ ନାବିକ । ତେବେ ଏହି ଉଦ୍ଧାର କାର୍ଯ୍ୟରେ ସଫଳତା ମିଳିବା ପରେ ୟେମେନରେ ଥିବା ଭାରତୀୟ ଦୂତାବାସ ଏନେଇ ସୂଚନା ଦେଇଛି । ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି ବୋଲି ଦୂତାବାସ ସ୍ପଷ୍ଟ କରିଛି ।ଦୂତାବାସ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ମଧ୍ୟ ଏନେଇ ସୂଚନା ସେୟାର କରାଯାଇଛି । ଏହି କଠିନ ପରିସ୍ଥିତିରେ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଉଦ୍ଧାର କରିବାରେ ସହଯୋଗ କରିଥିବା ସମସ୍ତ ସମ୍ପୃକ୍ତ ପକ୍ଷ ଏବଂ ସ୍ଥାନୀୟ ପ୍ରଶାସନକୁ ଦୂତାବାସ ଧନ୍ୟବାଦ ଜଣାଇଛି ।

ସଂଘ ସାମ୍ପ୍ରଦାୟିକ ନୁହେଁ, ଆରଏସଏସ ଉପରେ ପ୍ରତିବନ୍ଧକକୁ ବିରୋଧ କରିଥିଲେ ଇବ୍ରାହିମ


ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)ମୁଖ୍ୟ ମୋହନ ଭାଗବତ ନାଗପୁରରେ ଏକ ଭାଷଣ ସମୟରେ ସଂଘର ପରିଚୟରେ ସ୍ୱୟଂସେବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଯେ ଯେତେବେଳେ କେନ୍ଦ୍ରୀୟ ପ୍ରଦେଶ ସଭା ପ୍ରଥମେ ୧୯୩୦ ଦଶକରେ ସଂଘକୁ ନିଷିଦ୍ଧ କରିବାକୁ ଚେଷ୍ଟା କରିଥିଲା ସେତେବେଳେ ସଂଘର ସୁରକ୍ଷା କରିବା ପାଇଁ କୌଣସି ସ୍ୱୟଂସେବକ ଉପସ୍ଥିତ ନଥିଲେ।ସେହି ସମୟରେ କେବଳ ଜଣେ ବ୍ୟକ୍ତି ଇବ୍ରାହିମ ସଂଘର ସମର୍ଥନରେ କହିଥିଲେ। ଏହି ଐତିହାସିକ ଘଟଣାକୁ ମନେ ପକାଇ ସେ କହିଛନ୍ତି ଯେ, ସେତେବେଳେ



କେହି ଆରଏସଏସ ବିଚାରଧାରାକୁ ସମର୍ଥନ କରୁନଥିଲେ। ଇବ୍ରାହିମ ସେତେବେଳେ କହିଥିଲେ ଯେ, ଆରଏସଏସକୁ ବନ୍ଦ କରାଯିବା ଉଚିତ୍ ନୁହେଁ ଏବଂ ଏହା ସାମ୍ପ୍ରଦାୟିକ ନୁହେଁ।ସେତେବେଳେ ସଂଘ ଗଠନ ହେବାର ମାତ୍ର କିଛି ବର୍ଷ ହୋଇଥିଲା। ସଂଘ ବିଷୟରେ ବହୁତ କମ୍ ଲୋକ ଜାଣିଥିଲେ, କିନ୍ତୁ ସମସ୍ତେ ଡାକ୍ତର ହେଡଗେୱାରଙ୍କୁ ଜାଣିଥିଲେ। ଯେତେବେଳେ ସଂଘ ପ୍ରତିଷ୍ଠା ହୋଇଥିଲା ସ୍ୱୟଂସେବକମାନେ ଏହାର ପରିଚୟ ହୋଇଯାଇଥିଲେ। ଆଜି ୧୦୦ ବର୍ଷ ପରେ ମଧ୍ୟ ସ୍ୱୟଂସେବକମାନେ ସଂଘର ପରିଚୟ ହୋଇ ରହିଛନ୍ତି।

ମରିବା ପର୍ଯ୍ୟନ୍ତ ଶତ୍ରୁଙ୍କୁ କ୍ଷମା କରିବି ନାହିଁ

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ତାଙ୍କ ମନ୍ତବ୍ୟ ପାଇଁ ଖବରରେ ଅଛନ୍ତି। ଏଥର ସେ ତାଙ୍କର ରାଜନୈତିକ ବିରୋଧୀମାନଙ୍କ ବିଷୟରେ ଏକ ମନ୍ତବ୍ୟ ଦେବା ସହିତ ମୃତ୍ୟୁ ପରେ ତାଙ୍କ ସହ କ'ଣ ହେବ ସେ ସମ୍ପର୍କରେ କହିଛନ୍ତି। ତାଙ୍କ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ସେ ତାଙ୍କର କିଛି ଶତ୍ରୁଙ୍କୁ କେବେ କ୍ଷମା କରିପାରିବେ ନାହିଁ। ଯଦି ସେମାନଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ କ୍ଷମା ମାଗିବା କିମ୍ବା କାହାକୁ କ୍ଷମା କରିବାର ସୁଯୋଗ ଦିଆଯାଏ, ତଥାପି ତାଙ୍କର ଉତ୍ତର ନା ହେବ ବୋଲି ସେ କଡ଼ା ସ୍ୱରରେ ସ୍ପଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ସାକ୍ଷାତକାର ଲୋକପ୍ରିୟ ସିବିଏସ ନ୍ୟୁଜ୍ କାର୍ଯ୍ୟକ୍ରମ '୬୦ ମିନିଟ୍' ରେ ପ୍ରସାରିତ ହୋଇଥିଲା। ସାକ୍ଷାତକାର ସମୟରେ ସାମ୍ବାଦିକ ରସ୍ ଡାଉଥାଟ୍ ତାଙ୍କୁ ପଚାରିଥିଲେ ଯେ, ସେ ତାଙ୍କର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ, ଯେପରିକି ଜେମ୍ସ କୋମି ଏବଂ ନାନସି ପେଲୋସିଙ୍କୁ କ୍ଷମା କରିପାରିବେ କି ? ତାଙ୍କୁ ଏହା ମଧ୍ୟ ପଚରାଯାଇଥିଲା ଯେ, ସେ ତାଙ୍କ ମୃତ୍ୟୁଶଯ୍ୟାରେ ଏହା କରିପାରିବେ କି ?ଏହି ପ୍ରଶ୍ନର ଉତ୍ତରରେ ଟ୍ରମ୍ପ କହିଥିଲେ ଯେ, ସେ ତାଙ୍କ ଦେଶର ଲୋକମାନଙ୍କୁ ତାଙ୍କ ଶତ୍ରୁମାନଙ୍କ ଅପେକ୍ଷା ଅଧିକ ଭଲ ପାଆନ୍ତି। ତେବେ କିଛି



ଲୋକ ଅତ୍ୟନ୍ତ ବେଇମାନ ଏବଂ ଆମେରିକାର ବହୁତ କ୍ଷତି କରିଛନ୍ତି। କିଛି ଖରାପ ଲୋକ ଅଛନ୍ତି ଯାହାକୁ ମୁଁ ଘୃଣା କରେ। ମୁଁ ମୋର କିଛି ଶତ୍ରୁଙ୍କୁ ଘୃଣା କରେ ଏବଂ ବୋଧହୁଏ ସବୁବେଳେ କରିବି। ମୁଁ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କୁ କ୍ଷମା କରିବି ନାହିଁ। ସାକ୍ଷାତକାର ସମୟରେ ଟ୍ରମ୍ପଙ୍କୁ ଏହା ମଧ୍ୟ ପଚରାଯାଇଥିଲା ଯେ, ମୃତ୍ୟୁ ପରେ ତାଙ୍କ ସହିତ କ'ଣ ହେବ। ସେ କ'ଣ ଭାବୁଛନ୍ତି ଯେ, ସେ ସ୍ୱର୍ଗକୁ ଯିବେ ସେ ଉତ୍ତର ଦେଇଥିଲେ, ମୁଁ ଜଣେ ଧାର୍ମିକ ବ୍ୟକ୍ତି ଏବଂ ନୀତିଗତ ଭାବରେ ବିଶ୍ୱାସ କରେ ଯେ, ମୁଁ ସ୍ୱର୍ଗକୁ ଯିବି। ଟ୍ରମ୍ପଙ୍କ ତାଙ୍କ ବିରୋଧୀମାନଙ୍କୁ କ୍ଷମା ନ କରିବା ବିଷୟରେ ମନ୍ତବ୍ୟ ବିବାଦ ସୃଷ୍ଟି କରିଛି।ଟ୍ରମ୍ପଙ୍କ ଦ୍ୱାରା ନାମିତ ବ୍ୟକ୍ତିମାନଙ୍କ ମଧ୍ୟରେ ଜେମ୍ସ କୋମି ଏବଂ ନାନସି ପେଲୋସିଙ୍କ ପରି ପ୍ରମୁଖ ରାଜନୈତିକ ବ୍ୟକ୍ତିତ୍ୱ ଅଛନ୍ତି। କୋମି ହେଉଛନ୍ତି ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍‌ର ପୂର୍ବତନ ନିର୍ଦ୍ଦେଶକ। ସେ ଟ୍ରମ୍ପ ଏବଂ ରୁଷ ମଧ୍ୟରେ ସମ୍ପର୍କର ପ୍ରାରମ୍ଭିକ ତଦନ୍ତର ନେତୃତ୍ୱ ନେଇଥିଲେ। ସେବେଠାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନା ରହିଛି। ଲେଟିଟିଆ ଜେମ୍ସ ନ୍ୟୁୟର୍କର ପୂର୍ବତନ ଆଟର୍ଣ୍ଣି ଜେନେରାଲ ଥିଲେ। ତାଙ୍କ କାର୍ଯ୍ୟାଳୟ ୨୦୨୨ରେ ଟ୍ରମ୍ପ ସଂଗଠନ ବିରୋଧରେ ଏକ ସିଭିଲ୍ ଠକେଇ ମାମଲା ଜିତିଥିଲା। ସେହିପରି ଜନ୍ ବୋଲ୍ଟନ୍ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ। ତାଙ୍କ ସହିତ ମତଭେଦ ପରେ ସେ ଟ୍ରମ୍ପଙ୍କ ସମାଲୋଚକ ହୋଇଯାଇଥିଲେ।

୪୮ ଘଣ୍ଟାର ମହଲତ ଦେଲା ଇରାନ

ଯୁଦ୍ଧ ବନ୍ଦ କର, ହର୍ମୁଜ୍ ଖୋଲିଦେବୁ

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଆମେରିକାକୁ ଇରାନର ୪୮ ଘଣ୍ଟିଆ ପ୍ରସ୍ତାବ । ଯୁଦ୍ଧ ବନ୍ଦ କର, ହର୍ମୁଜ୍ ଖୋଲିଦେବୁ । ନଚେତ୍ ସାମରିକ ଆକ୍ରମଣର ସାମ୍ନା କରିବାକୁ ପ୍ରସ୍ତୁତ ରୁହ। ଏଭଳି ଚେତାବନୀ ଦେଇଛନ୍ତି ଇରାନର ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି। ଆମେରିକା ଆଗରେ ଦୁଇଟି ବିକଳ୍ପ ରଖିଛି ତେହେରାନ । ଗୋଟିଏ ପଟେ ଶାନ୍ତି ଆଲୋଚନା, ଅନ୍ୟପଟେ ଯୁଦ୍ଧର ଭୟଙ୍କର ପରିଣାମ । ଏପଟେ ଇରାନର ସର୍ତ୍ତକୁ ଅବାସ୍ତବ କହି ଖାରଜ କରିଛି ଆମେରିକା । ତେବେ କ'ଣ ପୁଣି ଥରେ ଆରମ୍ଭ ହେବ ଯୁଦ୍ଧ ନା ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ନେଇ ଦୁଇ ଦେଶ ମଧ୍ୟରେ ହେବ ବୁଝାମଣା ଇରାନର ସରକାରୀ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଆରାଘଚି କହିଛନ୍ତି, ଆମେରିକା ଯଦି ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ କରିବା ସର୍ତ୍ତକୁ ଗ୍ରହଣ କରେ, ତେବେ ମାତ୍ର ୪୮ ଘଣ୍ଟା ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ବାଣିଜ୍ୟିକ ଜାହାଜ ଚଳାଚଳ ପାଇଁ ଖୋଲିଦିଆଯିବ । ଏହି ପ୍ରସ୍ତାବକୁ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମଧ୍ୟ ଦୋହରାଇଛନ୍ତି । ଆମେରିକୀୟ ଭୋଟରେ ନିଜ ନିଷ୍ପତ୍ତି ଶୁଣାଇ ସାରିଛନ୍ତି, ଏବେ ହ୍ୱାଇଟ୍ ହାଉସ୍‌କୁ ମଧ୍ୟ ନିଜ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ସେ କହିଛନ୍ତି । ତେବେ ଏହି ପ୍ରସ୍ତାବ ପଛରେ ଇରାନର କିଛି ସର୍ତ୍ତ ରହିଛି । ଆମେରିକାର ନୌସେନା ଅବରୋଧ ହଟାଇବା, ଇରାନ ଉପରେ ଲାଗିଥିବା ଆର୍ଥିକ କଟକଣା ଉଠାଇବା, ଫ୍ରିଜ୍ ହୋଇଥିବା ଇରାନର ସମ୍ପତ୍ତି ଫେରାଇବା ଏବଂ ସମସ୍ତ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ କରିବା ଭଳି ପ୍ରସଙ୍ଗ ଏଥିରେ ସାମିଲ ରହିଛି । ଯୁଦ୍ଧରେ ହୋଇଥିବା କ୍ଷତିପୂରଣ ଏବଂ ପରମାଣୁ କାର୍ଯ୍ୟକ୍ରମକୁ ନେଇ ମଧ୍ୟ ବିବାଦ ରହିଛି । ଅନ୍ୟପଟେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଇରାନର ଦାବିକୁ ଅବାସ୍ତବ ବୋଲି କହିଛନ୍ତି । ଆମେରିକା କୂଟନୈତିକ ଆଲୋଚନା ଜରିଆରେ ବିବାଦର ସମାଧାନ ଚାହୁଁଥିଲେ ମଧ୍ୟ ଏବେ ତୁରନ୍ତ କୌଣସି ଚୁକ୍ତି ହେବାର ସମ୍ଭାବନା ଦେଖାଯାଉନାହିଁ । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଆଲୋଚନା ଆଗକୁ ବଢ଼ିଲେ ଇରାନ ଉପରେ ପୁଣି ଆକ୍ରମଣ କରିବାର ଆବଶ୍ୟକତା ନ ପଡ଼ିପାରେ ବୋଲି କହିଛନ୍ତି ।ଏହି ବିବାଦ ମଧ୍ୟରେ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳ ମଧ୍ୟ ଚର୍ଚ୍ଚାକୁ ଆସିଛି । ନଭେମ୍ବର ୩ରେ ହୋଇଥିବା ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପରାଜୟ ପରେ ଯୁଦ୍ଧକୁ ନେଇ ଟ୍ରମ୍ପ ପ୍ରଶାସନ ଉପରେ ରାଜନୈତିକ ଚାପ ବଢ଼ିଛି। ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ମଧ୍ୟ ଏହି ଯୁଦ୍ଧକୁ ନିର୍ବାଚନ ପରାଜୟର ଏକ କାରଣ ବୋଲି କହିଛନ୍ତି ।



ଧନ୍‌ତେରସରେ ରେକର୍ଡ ସଂଖ୍ୟକ କାରବାର କରିଛି ଏନଏସଇ ଇଜିଆର

ଭୁବନେଶ୍ୱର, ୯।୧୧ (ନି.ପ୍ର) : ନ୍ୟାଶନାଲ ଷ୍ଟକ୍ ଏକ୍ସଚେ ଅଫ୍ ଇଣ୍ଡିଆ (ଏନଏସଇ), ଇଲେକ୍ଟ୍ରୋନିକ ଗୋଲ୍ଡ ରିସିପ୍ଟ (ଇଜିଆର) ସେଗମେଂଟରେ ସର୍ବାଧିକ କାରବାର ରେକର୍ଡ କରିଛି ଯାହା ଭାରତର ସଂଗଠିତ ସୁନା ବଜାରର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି। ପାରମ୍ପରିକ ଭାବେ ସୁନା କିଣିବା ପାଇଁ ଏକ ଶୁଭ ଦିନ ଭାବେ ବିବେଚିତ ଧନ୍‌ତେରସ ଅବସରରେ ବହୁସଂଖ୍ୟାରେ ଏନଏସଇ ଇଜିଆର ସୃଷ୍ଟି ହୋଇଛି, ଯାହା ଏହି ଅଭିନବ ଉତ୍ପାଦକୁ ନେଇ ବଢୁଥିବା ସଚେତନତା ଓ ଗ୍ରହଣୀୟତାକୁ ପ୍ରତିଫଳନ କରିଛି। ଧନ୍‌ତେରସ ଅବସରରେ ଦେଶବ୍ୟାପୀ ଏନଏସଇ ଇଜିଆର ପାଇଁ ନୂଆ ପାର୍ବଣ ଚାହିଦାରେ ବୃଦ୍ଧି ଦେଖିବାକୁ ମିଳିଥିଲା। ଏନଏସଇ ଇଜିଆର ବର୍ଗରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ସୁନା ଯୋଗାଣକାରୀମାନେ ଏହି ବର୍ଦ୍ଧିତ ଚାହିଦାକୁ ପୂରଣ କରିଥିଲେ। ଏହି ଦିନ ଏନଏସଇ ଇଜିଆର ବର୍ଗରେ କାରବାର ସଂଖ୍ୟା ୨୨୭,୬୯୨ ୟୁନିଟ୍‌ରେ ପହଂଚିଥିଲା ଯାହାକି ଏହି ବର୍ଗ ପାଇଁ ଏକ ନୂଆ ରେକର୍ଡ ସୃଷ୍ଟି କରିଛି।



ଧନତେରସ୍‌ରେ ମିଳିଥିବା ଏହି ସଫଳତା ଅଭିନବ ବଜାର ଉତ୍ପାଦ ଆଣିବା ପାଇଁ ଏନଏସଇର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି ଏବଂ ଭାରତର ଘରୋଇ ସୁନା ବଜାରକୁ ମଜବୁତ କରିବା ଲକ୍ଷ୍ୟରେ ଯୋଗଦାନ ଦେଇଛି। ଏହି ସଫଳତା ସମ୍ପର୍କରେ ଏନଏସଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, 'ଧନତେରସ ହେଉଛି ସମ୍ପତି, ସମୃଦ୍ଧି ଓ ସୁନାର ସ୍ଥାୟୀ ମୂଲ୍ୟର ଏକ ଉତ୍ସବ। ପାରମ୍ପରିକ ଭାବେ ସୁନା କିଣିବା ଏହି ଉତ୍ସବର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ। ତେବେ ସମୟ ପରିବର୍ତନ ହେବା ସହ ସୁନା କିଣିବା ଓ ରଖିବାର ଶୈଳୀ ମଧ ବଦଳିଛି। ଏନଏସଇ ଇଜିଆରଗୁଡିକ ସୁନାର ବାସ୍ତବ ମୂଲ୍ୟକୁ ଏକ ଦକ୍ଷ, ସ୍ୱଚ୍ଛ ଓ ସୁରକ୍ଷିତ ମାଧ୍ୟମରେ ବଜାୟ ରଖିବା ପାଇଁ ସୁଯୋଗ ପ୍ରଦାନ କରୁଛି। ଧନତେରସ ଅବସରରେ ରେକର୍ଡ ସଂଖ୍ୟକ କାରବାର ଓ ଇଜିଆର ସୃଷ୍ଟି ପରିଲକ୍ଷିତ କରାଯାଇଛି ଯାହା ଏହି ଉତ୍ପାଦର ବର୍ଦ୍ଧିତ ଗ୍ରହଣୀୟତାର ଏକ ଉତ୍ସାହଜନକ ସୂଚକ ଅଟେ। ଆମେ ନିଶ୍ଚିତ ଯେ, ଅଧିକ ନିବେଶକ ଓ ବଜାର ଅଂଶଗ୍ରହଣକାରୀମାନେ ଏନଏସଇ ଇଜିଆରକୁ ଭାରତର ସୁନା ବଜାରରେ ଅଂଶଗ୍ରହଣ କରିବାର ଏକ ଆଧୁନିକ, ନିୟନ୍ତ୍ରିତ ଓ ଦକ୍ଷ ମାଧ୍ୟମ ଭାବେ ଗ୍ରହଣ କରିବେ।

ଅଜିମ୍ ପ୍ରେମଜୀ ଫାଉଣ୍ଡେସନ ପ୍ରଚଳନ କଲା ସୋସିଆଲ ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍

ବେଙ୍ଗାଲୁରୁ, ୯।୧୧ (ନି.ପ୍ର) : ବିକାଶ କ୍ଷେତ୍ରର ବୃତ୍ତିଧାରୀଙ୍କୁ ଅବହେଳିତ ସମୁଦାୟଙ୍କର ଆବଶ୍ୟକତା ପ୍ରତି ଦୃଷ୍ଟି ଦେଉଥିବା ନାଗରିକ ସମାଜ ସଂଗଠନ ସ୍ଥାପନ ଏବଂ ତାହର ନେତୃତ୍ୱ ନେବା ନିମନ୍ତେ ସମର୍ଥନ ଯୋଗାଇଦେବାକୁ ଅଜିମ୍ ପ୍ରେମଜୀ ଫାଉଣ୍ଡେସନ୍ ଏକ ସୋସିଆଲ ଷ୍ଟାର୍ଟଅପ୍ (ସାମାଜିକ ଷ୍ଟାର୍ଟଅପ୍) ପ୍ରୋଗ୍ରାମ୍ ପ୍ରଚଳନ କରିଛି। ଅନେକ ବୃତ୍ତିଧାରୀଙ୍କର ଗୋଷ୍ଠୀଗୁଡିକ ସହିତ କାର୍ଯ୍ୟ କରିବା ଏବଂ ସେମାନଙ୍କର ଚାଲେଞ୍ଜଗୁଡିକ ବୁଝିବା କ୍ଷେତ୍ରରେ ଦୀର୍ଘବର୍ଷର ଅନୁଭୂତି ରହିଛି, କିନ୍ତୁ ସେମାନେ ନିଜର ସଂଗଠନ ଆରମ୍ଭ କରିବା ନିମନ୍ତେ ସେମାନଙ୍କ ନିକଟରେ ଆର୍ଥିକ ସମର୍ଥନ ଓ ମାର୍ଗଦର୍ଶନର ଅଭାବ ରହିଛି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସ୍ଥାନୀୟସ୍ତରରେ ମୂଳାଧାର ରଖୁଥିବା ସଂଗଠନଗୁଡିକ ସ୍ଥାପନ ଦିଗରେ ଆର୍ଥିକ ସହାୟତା, ମାର୍ଗଦର୍ଶନ ଓ ଶିକ୍ଷଣ ସୁଯୋଗଗୁଡିକ ଯୋଗାଇଦେଇ ଏହି ତାରତମ୍ୟ ଦୂର କରିବାକୁ ଲକ୍ଷ୍ୟ ରଖିଛି। ରାଜୀବ ଘୋଷ, ହେଡ୍- ଫିଲାନ୍ଥ୍ରୋପି, ଅଜିମ୍ ପ୍ରେମଜୀ ଫାଉଣ୍ଡେସନ କହିଥିଲେ, 'ତୃଣମୂଳ ସ୍ତରରେ, ବିଶେଷକରି ଅବହେଳିତ ଅଞ୍ଚଳଗୁଡିକରେ ଆମେ ଅଧିକ ସଂଗଠନର କାର୍ଯ୍ୟ ଆବଶ୍ୟକ କରୁଛୁ। ଗୋଷ୍ଠୀଗୁଡିକ ସମ୍ମୁଖୀନ ହେଉଥିବା ଚାଲେ ସମ୍ପର୍କରେ ଅନେକ ଅଭିଜ୍ଞ ବୃତ୍ତିଧାରୀ ବୁଝିପାରିଛନ୍ତି ଏବଂ ସେମାନେ ଏ କ୍ଷେତ୍ରରେ ଅଧିକ ଅବଦାନ ରଖିବାକୁ ଚାହୁଁଛନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କୁ ସେମାନଙ୍କର ନିଜସ୍ୱ ସଂଗଠନ ନିର୍ମାଣ କରିବା ଦିଗରେ ସହାୟତା କରିବାକୁ ଲକ୍ଷ୍ୟ ରଖିଛି। ଏହା ପ୍ରଚଳିତ, ପିକୃତ ସଂଗଠନଗୁଡିକୁ (ଉଭୟ ପରିପକ୍ୱ ଓ ସାମ୍ପ୍ରତିକ ଆଦ୍ୟ ପର୍ଯ୍ୟାୟର) ସମର୍ଥନ ଯୋଗାଇ ଦେଉଥିବା ଫାଉଣ୍ଡେସନ୍‌ର ନିୟମିତ ଅନୁଦାନ କାର୍ଯ୍ୟକ୍ରମ ଠାରୁ ଭିନ୍ନ ଅଟେ।' ପ୍ରଥମ ଗୋଷ୍ଠୀରେ ଓଡ଼ିଶା, ଉତ୍ତର-ପୂର୍ବ ଭାରତ, ପୂର୍ବ ଉତ୍ତର ପ୍ରଦେଶ ଓ ବେଙ୍ଗାଲୁରୁ ସହରାଞ୍ଚଳ ଆଦି ଚାରିଟି ସ୍ଥାନରୁ ୧୦୦ ଅଂଶଗ୍ରହଣକାରୀ ରହିବେ। ଏହା ଜରିଆରେ ସମର୍ଥନ ଯୋଗାଇଦିଆଯିବାକୁ ଥିବା କାର୍ଯ୍ୟକ୍ଷେତ୍ରଗୁଡିକ ମଧ୍ୟରେ ଗ୍ରାମାଞ୍ଚଳ ଜୀବିକା ଉପାର୍ଜନ, ସ୍ୱାସ୍ଥ୍ୟ, ଯୁବ, ମାନସିକ ସ୍ୱାସ୍ଥ୍ୟ, ଅକ୍ଷମତା, ପିଲାଙ୍କ କଲ୍ୟାଣ, ଆଦିବାସୀ ସମୁଦାୟଙ୍କର କଲ୍ୟାଣ, ଶିଶୁ ଯତ୍ନ କେନ୍ଦ୍ର ସମେତ ସହରାଞ୍ଚଳ ଅଣଆନୁଷ୍ଠାନିକ ବସତିରେ କାର୍ଯ୍ୟ କରିବା, ଗୋଷ୍ଠୀ ପରିମଳ ଓ କଲ୍ୟାଣ ସମ୍ପର୍କିତ ଅଧିକାର ଆଦି ଅନ୍ତର୍ଭୁକ୍ତ ରହିଛି। ଆବେଦନକାରୀଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବ, ତାଙ୍କର ସ୍ନାତକ ଡିଗ୍ରୀ ସହିତ ତୃଣମୂଳ ବିକାଶ କ୍ଷେତ୍ରରେ ଅନ୍ୟୂନ ତିନିବର୍ଷର ଅଭିଜ୍ଞତା ରହିଥିବ। ସେମାନେ ଏକ ନୂତନ ନାଗରିକ ସମାଜ ସଂଗଠନ ସ୍ଥାପନ ଓ ତାହାର ନେତୃତ୍ୱ ନେବାକୁ ଚାହୁଁଥିବେ, ସେମାନେ ପସନ୍ଦଯୋଗ୍ୟ ଭୌଗୋଳିକ ଅଞ୍ଚଳ ସ୍ଥାନାନ୍ତାଶ ଏବଂ ଏକ ଦୀର୍ଘ-ମିଆଦୀ ପ୍ରତିବଦ୍ଧତା ରଖିବାକୁ ଇଚ୍ଛୁକ ଥିବା ଆବଶ୍ୟକ। ଯେଉଁମାନେ ଏକ ସଂଗଠନ ପିକରଣ କରିସାରିଛନ୍ତି, ସେମାନେ ଏଥିପାଇଁ ଯୋଗ୍ୟ ନୁହଁ। ଏହି କାର୍ଯ୍ୟକ୍ରମର ଦୁଇଟି ପର୍ଯ୍ୟାୟ ରହିଛି। ପ୍ରଥମଟି ଏକ ଆଠ-ମାସ ଅବଧିର ଆରମ୍ଭ ପର୍ଯ୍ୟାୟ, ଏଥିରେ ଅଂଶଗ୍ରହଣକାରୀ ମାନଙ୍କୁ ଗୋଷ୍ଠୀଗୁଡିକ ସହିତ କାର୍ଯ୍ୟକରିବା, ସ୍ଥାନୀୟ ଆବଶ୍ୟକତା ସମ୍ପର୍କରେ ବୁଝିବା ଏବଂ ସେମାନଙ୍କର ସଂଗଠନ ବିକଶିତ କରିବା ସକାଶେ ଆର୍ଥିକ ସମର୍ଥନ ଯୋଗାଇ ଦିଆଯିବ। ସେମାନେ ମଧ୍ୟ ପିକରଣ, ପରିଚାଳନା ଓ ବୈଧାନିକ ଅନୁପାଳନ ସମ୍ପର୍କରେ ପରାମର୍ଶ ପାଇବେ। ଏହି ପର୍ଯ୍ୟାୟ ଶେଷରେ ଅଂଶଗ୍ରହଣକାରୀ ମାନେ ସେମାନଙ୍କ ସଂଗଠନ ପିକରଣ କରିସାରିଥିବା ଆଶା କରାଯାଉଛି। ସେମାନେ ମୂଲ୍ୟାଙ୍କନ ନିମନ୍ତେ ଏକ ଅନୁଦାନ ପ୍ରସ୍ତାବ ଦାଖଲ କରିପାରିବେ। ଯେଉଁମାନେ ଏହି କାର୍ଯ୍ୟକ୍ରମର ସର୍ତ୍ତାବଳୀ ପୂରଣ କରୁଥିବେ ସେମାନଙ୍କୁ ସେମାନଙ୍କ କାର୍ଯ୍ୟ ଆରମ୍ଭ ଓ ମଜଭୁତ କରିବାକୁ ଏକ ଦୁଇ-ବର୍ଷର ମୂଳ ଅନୁଦାନ (ସିଡ୍ ଗ୍ରାଣ୍ଟ) ମିଳିପାରେ। ଆବେଦନ ୨୦୨୬ ନଭେମ୍ବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିଛି। ମନୋନୟନ ପ୍ରକ୍ରିୟା ମଧ୍ୟରେ ଯୋଗ୍ୟତା ଯାଞ୍ଚ, ଦସ୍ତାବିଜ୍ ସମୀକ୍ଷା, ଉଦ୍ଦେଶ୍ୟ ସମ୍ପର୍କିତ ଏକ ବିବୃତି, ଏକ ଅନ୍‌ଲାଇନ ସାକ୍ଷାତକାର ଏବଂ ବ୍ୟକ୍ତିଗତ ଉପସ୍ଥିତିରେ ଦଳଗତ ଆଲୋଚନା ଆଦି ଅନ୍ତର୍ଭୁକ୍ତ ରହିଛି। ଆଠ-ମାସ ସିଡିଂ ପର୍ଯ୍ୟାୟ ୨୦୨୭ ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବ। ଅଂଶଗ୍ରହଣକାରୀମାନେ ଅନୁଦାନ ପର୍ଯ୍ୟାୟକୁ ଯିବା ନିମନ୍ତେ ନଭେମ୍ବର-ଡିସେମ୍ବର ୨୦୨୭ରେ ଆକଳନ କରାଯିବ।

ଶାନ୍ତିସ୍ତୁପ ର ସାହିତ୍ୟ ଉତ୍ସବରେ ରଜନୀଙ୍କ ପୁସ୍ତକ ଉନ୍ମୋଚିତ



ବାଲିଅନ୍ତା,୮।୧୧(ନି.ପ୍ର): ମାସିକ ପତ୍ରିକା ଶାନ୍ତିସ୍ତୁପ ଆନୁକୂଲ୍ୟରେ ଆଜି ରବିବାର ପୂର୍ବାହ୍ନ ରେ ଚଉଷଠି ଯୋଗିନୀ ମନ୍ଦିର ପରିସର ରେ ଏକ ସାହିତ୍ୟ ଉତ୍ସବ ଓ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସର ରେ ସାରସ୍ୱତ ସାଧକ ମାନଙ୍କୁ ସମ୍ମାନିତ କରାଯିବା ସହିତ ଚଳଚ୍ଚିତ୍ର ସଂଳାପ ଲେଖକ ତଥା ବିଶିଷ୍ଟ ଶିକ୍ଷାବିତ ଡ଼ ରଜନୀ ରଞ୍ଜନ ଦାଶ ଙ୍କ ଶିଶୁ ଏକାଙ୍କିକା ସଂକଳନ ଚାଲ କରିବା ନାଟ ଓ ନାଟ୍ୟ ପୁସ୍ତକ ଅବଶୋଷ ନାମକ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା।କାର୍ଯ୍ୟକ୍ରମ ରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ,ସମାଜସେବୀ ସୁରେଶ କୁମାର ପଣ୍ଡା,ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଲେଖକ ମହେନ୍ଦ୍ର କୁମାର ମଲ୍ଲିକ, ଜଗନ୍ନାଥ ସଂସ୍କୃତି ଗବେଷକ ପ୍ରଫେସର ଗୋପାଳ କୃଷ୍ଣ ଆଚାର୍ଯ୍ୟ, ସାମ୍ବାଦିକ ଚୌଧୁରୀ ଅମିତାଭ ଦାଶ,ବଂକିମ ଚନ୍ଦ୍ର ନାୟକ ଓ ବିଧୁଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଡ଼ ରଜନୀ ରଞ୍ଜନ ଦାଶ ଙ୍କ ସଭାପତିତ୍ୱ ରେ ଏହି କାର୍ଯ୍ୟକ୍ରମ ରେ ସାହିତ୍ୟ ସାଧକ ଭୁବନେଶ୍ୱରୀ ପଣ୍ଡା, ଶ୍ରୁତକିର୍ତ୍ତୀ ତ୍ରିପାଠୀ, ପ୍ରମୋଦ ଦାଶ, ଭଗବାନ ସାହୁ, ସୁବାଷ ଷଡ଼ଙ୍ଗୀ, ପ୍ରବୀଣା ପରିଡା, କମଳିନୀ ମଲ୍ଲିକ, ପୂର୍ଣଚନ୍ଦ୍ର ମହାରଣା, କୈଳାସ ବେହେରା, ରାମହରି ମହାରଣା, କାର୍ତ୍ତିକ ସାହୁ,ଲକ୍ଷ୍ମୀପ୍ରସାଦ ମିଶ୍ର ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଆଶୁତୋଷ ଚୌଧୁରୀ ଙ୍କ ସମ୍ପାଦିତ ନିଷ୍କଷ ଭାରତ ଓ ପ୍ରମେୟ ସାମ୍ବାଦିକ ସୋମନାଥ ସ୍ୱାଇଁ ଙ୍କ ଦ୍ୱାରା ଆଜି ନୂତନ ଭାବେ ପ୍ରକାଶିତ ପ୍ରମେୟ ଟାଇମ୍ସ କୁ ପ୍ରଦର୍ଶିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ କୁ ଶାନ୍ତି ସ୍ତୁପ ର ସମ୍ପାଦକ ରଞ୍ଜନ ମହାପାତ୍ର ଓ ପ୍ରକୃତି ପ୍ରେମୀ ଦୀନବନ୍ଧୁ ଭୋଇ ପରିଚାଳନା କରିଥିଲେ।

ବିଶ୍ୱ ମଂଚରେ ଆଇଟିଏଲ୍‌ର ଉପସ୍ଥିତିକୁ ମିଳିଲା ନୂଆ ସ୍ୱୀକୃତି

ମୋଦୀଙ୍କ ନିମନ୍ତ୍ରଣରେ ହାଇଦ୍ରାବାଦ ହାଉସ୍‌ରେ ଡଃ ଦୀପକ ମିତଲ

ଭୁବନେଶ୍ୱର, ୯।୧୧ (ନି.ପ୍ର) : ଇଂଟରନ୍ୟାସନାଲ ଟ୍ରାକ୍ଟର୍ସ ଲିମିଟେଡ (ଆଇଟିଏଲ)ର ପରିଚାଳନା ନିର୍ଦ୍ଦେଶକ ଡଃ ଦୀପକ ମିତଲଙ୍କୁ ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା। ଗତ ୨୭ ଅକ୍ଟୋବର ୨୦୨୬ରେ ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ଲିଚ୍‌ଟାନ୍‌ଷ୍ଟିନର କ୍ରାଉନ୍ ପ୍ରିନ୍ସ, ଏଚ୍.ଏସ୍.ଏଚ୍. ହେରିଡିଟାରୀ ପ୍ରିନ୍ସ ଆଲୋଇସଙ୍କ ସମ୍ମାନରେ ଆୟୋଜିତ ଏକ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଏହି ନିମନ୍ତ୍ରଣ ଦିଆଯାଇଥିଲା। ଏହି ସ୍ୱତନ୍ତ୍ର ଅବସର ଏହି ଘରୋଇ ଟ୍ରାକ୍ଟର ନିର୍ମାତା କମ୍ପାନୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା ଏବଂ ଭାରତର ବିକାଶ ଯାତ୍ରାରେ ଆଇଟିଏଲର ବର୍ଦ୍ଧିତ ବିଶ୍ୱସ୍ତରୀୟ ସ୍ଥିତିକୁ ପ୍ରତିଫଳନ କରିଥିଲା। ଇଏଫ୍‌ଟିଏ ଟ୍ରେଡ ଆଣ୍ଡ ଇକୋନୋମିକ ପାର୍ଟନରସିପ ଆଗ୍ରିମେଂଟ (ଟିଇପିଏ) ଅଧିନରେ ଦ୍ୱିପାକ୍ଷିକ ଓ ଅର୍ଥନୈତିକ ସହଯୋଗିତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶୀର୍ଷ ୟୁରୋପୀୟ ଶିଳ୍ପପତିଙ୍କ ଏକ



ଉଚ୍ଚସ୍ତରୀୟ ପ୍ରତିନିଧିଦଳ ସହ ଏଚ.ଏସ.ଏଚ କ୍ରାଉନ ପ୍ରିନ୍ସ ଆଲୋଇସଙ୍କ ଏହି ଭାରତ ଗସ୍ତ ଭାରତ ଓ ଲିଚ୍‌ଟାନ୍‌ଷ୍ଟିନ ମଧ୍ୟରେ ଦ୍ରୁତ ବେଗରେ ମଜବୁତ ହେଉଥିବା ଦ୍ୱିପାକ୍ଷିକ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ସୂଚିତ କରୁଛି। ଏସମ୍ପର୍କରେ ଇଂଟରନ୍ୟାସନାଲ୍ ଟ୍ରାକ୍ଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡଃ ଦୀପକ ମିତଲ କହିଛନ୍ତି, 'ଆନ୍ତର୍ଜାତୀୟ ମଂଚରେ ଭାରତର ବର୍ଦ୍ଧିତ ସକ୍ରିୟତା ଓ ପ୍ରତିଷ୍ଠାକୁ ପ୍ରତିଫଳିତ କରୁଥିବା ଏଭଳି ଏକ କାର୍ଯ୍ୟକ୍ରମର ଅଂଶ ହେବା ଏକ ଗୌରବର ବିଷୟ। ଲିଚ୍‌ଟାନ୍‌ଷ୍ଟିନର କ୍ରାଉନ୍ ପ୍ରିନ୍ସ ଆଲୋଇସଙ୍କ ସମ୍ମାନରେ ଆୟୋଜିତ ମଧ୍ୟାହ୍ନ ଭୋଜନରେ ଯୋଗ ଦେବା ପାଇଁ ମୋତେ ନିମନ୍ତ୍ରଣ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି। ଏହି ଆଲୋଚନା ଆଇଟିଏଲ ଭଳି ଭାରତୀୟ ଘରୋଇ କମ୍ପାନୀଗୁଡିକର ବିଶ୍ୱସ୍ତରୀୟ ସ୍ଥିତିକୁ ରେଖାଙ୍କିତ କରିଛି, ଯେଉଁଠାରେ ଭାରତରୁ ରପ୍ତାନି ହେଉଥିବା ପ୍ରତି ୩ଟି ଟ୍ରାକ୍ଟର ମଧ୍ୟରୁ ଗୋଟିଏ ସୋନାଲିକା କିମ୍ବା ସୋଲିସ୍ ବ୍ରାଣ୍ଡର ହୋଇଥାଏ।

୫୦ ବର୍ଷର ଅପେକ୍ଷାର ଅନ୍ତ

କୋଇଡ଼ାରେ ଖଣିଜ ପରୀକ୍ଷଣ ପାଇଁ ନୂତନ ପରୀକ୍ଷାଗାର ଉଦ୍‌ଘାଟିତ

କୋଇଡ଼ା, ୯/୧୧ (ନି.ପ୍ର): ଖଣିଜ ସମ୍ପଦରେ ସମୃଦ୍ଧ କୋଇଡ଼ା ଖଣି ଅଞ୍ଚଳ ପାଇଁ ଏକ ନୂତନ ସୁବିଧା ଯୋଡ଼ି ହୋଇଛି। କୋଇଡ଼ା ଖଣି କାର୍ଯ୍ୟାଳୟ ପରିସରରେ ନୂତନ ଜିଓଲୋଜିକାଲ୍ ଟେଷ୍ଟିଂ ଲାବୋରେଟୋରୀ ଗୃହକୁ ୬ ନଭେମ୍ବର ୨୦୨୬ ରେ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (DDM) ବିଭୂତି ଭୂଷଣ ବେହେରା ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖଣି ଅଧିକାରୀ, ଖଣି ନିରୀକ୍ଷକଙ୍କ ସମେତ କୋଇଡ଼ା ଖଣି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ମାଇନ୍ସ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୯ ଫେବୃଆରୀ ୧୯୭୬ରେ ପ୍ରତିଷ୍ଠିତ କୋଇଡ଼ା ଖଣି କାର୍ଯ୍ୟାଳୟରେ ଖଣି ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା ରହିଥିଲେ ମଧ ଦୀର୍ଘ ବର୍ଷ ଧରି ଖଣିଜ ପଦାର୍ଥ ପରୀକ୍ଷଣ ପାଇଁ



ନିଜସ୍ୱ ଲାବୋରେଟୋରୀର ଅଭାବ ରହିଥିଲା। ଫଳରେ ଖଣି କମ୍ପାନୀଗୁଡ଼ିକୁ ଖଣିଜ ପଦାର୍ଥର ଗୁଣବତ୍ତା ଓ ରାସାୟନିକ ପରୀକ୍ଷଣ ପାଇଁ ବଡ଼ବିଲ, ଯୋଡ଼ା, ରାଉରକେଲା ଭଳି ଅଞ୍ଚଳର ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ଲାବୋରେଟୋରୀ ହେବା ଦ୍ୱାରା ଖଣିଜ ପଦାର୍ଥର ଗୁଣବତ୍ତା ଓ ଉପାଦାନ ସମ୍ପର୍କରେ ସଠିକ୍ ତଥ୍ୟ ମିଳିବା ସହ ଖଣି କମ୍ପାନୀଗୁଡ଼ିକର ସମୟ ଓ ଖର୍ଚ୍ଚ ହ୍ରାସ ପାଇବ। ପ୍ରାରମ୍ଭିକ ସ୍ତର ରେ ମୁଖ୍ୟତଃ ଲୁହାପଥର (Iron Ore) ଓ ମାଙ୍ଗାନିଜ୍ (Manganese Ore) ଖଣିଜର ନମୁନା ରାସାୟନିକ ପଦ୍ଧତିରେ ପରୀକ୍ଷା କରାଯାଇପାରିବ। କୋଇଡ଼ା ଭଳି ଏକ ପ୍ରମୁଖ ଖଣି ଅଞ୍ଚଳରେ ଏହି ଲାବୋରେଟୋରୀ ପ୍ରତିଷ୍ଠା ଖଣିଜ ପରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

ସେକ୍ରେଡ୍ ରୁଟ ପବ୍ଲିକ ସ୍କୁଲ ପରିସରରେ ଦୀପାବଳୀ ପାଳନ

କଟକ, ୯।୧୧ (ନି.ପ୍ର): କଟକ ସିଡିଏ ସେକ୍ଟର ୧୩ରେ ଅବସ୍ଥିତ ସେକ୍ରେଡ୍ ରୁଟ ପବ୍ଲିକ ସ୍କୁଲ ପରିସରରେ ୦୭ ନଭେମ୍ବର ୨୦୨୬ ଦିନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଓ ପରିଚାଳନା ସଦସ୍ୟ ମାନଙ୍କ ସହ ମିଶି ଆଲୋକର ପର୍ବ ଦୀପାବଳୀ ପାଳନ ହୋଇଥିଲା। ଛାତ୍ରଛାତ୍ରୀମାନେ ଆମର ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀ ରାମଚନ୍ଦ୍ର, ମାତା ସୀତା, ଓ ପ୍ରଭୁ ଶ୍ରୀ ଲକ୍ଷ୍ମଣ ବେଶ ରେ ସଜବାଜ ହ ?ଇ ଆସିବା ସହ ନୃତ୍ୟ, ସଙ୍ଗୀତ, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ତଥା



ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରିତେଶ କୁମାର ମହାନ୍ତି ସେକ୍ରେଡ୍ ରୁଟ ପରିବାରର ସମସ୍ତ ଟିମକୁ ସେମାନଙ୍କର ଚମତ୍କାର ଉଦ୍ୟମ ପାଇଁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର କୋଷାଧକ୍ଷ ଶ୍ରୀମତୀ ସୁନନ୍ଦା କୁମାରୀ ଦାସ ବିଦ୍ୟାଳୟର କୁନିକୁନି ଛାତ୍ର ଛାତ୍ରୀ ମାନଙ୍କ ବେଶ ଦେଖି ଆନନ୍ଦିତ ହେବା ସହ ପିଲାମାନଙ୍କୁ ଦୀପାବଳୀ ମହତ୍ତ୍ୱ ଏବଂ ଆମେ ଯେପରି ଦୀପାବଳୀ କୁ ସୁରକ୍ଷିତ ଭାବେ ପାଳନ କରିବା ତାହା ପିଲାମାନଙ୍କୁ ବୁଝାଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଅଧ୍ୟକ୍ଷା ମିସ୍ ସରିତା ସ୍ୱାଗତ ଶତପତି ପିଲାମାନଙ୍କୁ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଓ ମାତା ସୀତାଙ୍କ ଜୀବନ ଗାଥା ବିଷୟରେ ପିଲାମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ପରିଶେଷରେ ଶ୍ରୀ ମନୀଷ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ବିଜେଡିର ଜୋନ ସ୍ତରୀୟ ସାଙ୍ଗଠନିକ ବୈଠକ

ପିପିଲି,୯।୧୧ (ନି.ପ୍ର): ପିପିଲି ବ୍ଲକ ର ୨୪ନମ୍ବର ଜିଲ୍ଲା ପରିଷଦ ଜୋନ ସ୍ତରୀୟ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ରୁଦ୍ର ପ୍ରତାପ ମହାରଥି ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ରୁପୁଦେଇପୁର, ସରସ୍ୱତୀପୁର, ରଥପୁରୁଷୋତ୍ତମପୁର, ଜସୁଆପୁର, ବୀରପୁରୁଷୋତ୍ତମପୁର, ତେଇଶିପୁର ଓ ସହଜପୁର ପଂଚାୟତ ର ବରିଷ୍ଠ ମୁରବୀ ଓ କର୍ମୀ ମାନେ ଯୋଗ ଦେଇଥିଲେ। ଆଗାମୀ ପଂଚାୟତ ଓ ଜିଲ୍ଲାପରିଷଦ ନିର୍ବାଚନ ରେ ଦଳ ଦୃଢ଼ ଆତ୍ମ ବିଶ୍ୱାସ ଦେଖାଇ ପଂଚାୟତ ଓ ବ୍ଲକ ଦଖଲ କରିବା ପାଇଁ ମୁରବୀ ଓ କର୍ମୀମାନେ ଶପଥ ନେଇଥିଲେ। ଏଥିରେ ବିଭିନ୍ନ ପଂଚାୟତ ସରପଞ୍ଚ ,ସମିତିସଭ୍ୟ,ନାଏବ ସରପଞ୍ଚ,ୱାର୍ଡମେମ୍ବର ସମେତଆଗ ଧାଡ଼ିର ପଞ୍ଚାୟତ ନେତା ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ପୂର୍ବତନ ବ୍ଲକ ଅଧକ୍ଷ ଯୁଧିଷ୍ଠିର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦେବାଶିଷ ନନ୍ଦ, ପୂର୍ବତନ ସରପଞ୍ଚ ପର୍ଶୁରାମ ମହାପାତ୍ର,ରାଧାଶ୍ୟାମ ରଥ, ଆର୍ତ୍ତବନ୍ଧୁ ସାମନ୍ତରାୟ,ପ୍ରଦୀପ କୁମାର ମିଶ୍ର, ପିପିଲି ଏନଏସି ଅଧକ୍ଷ ସେକ ବାବୁ, ସଭାପତି ଶରତ ବେହେରା,ପୂର୍ବତନ ସରପଞ୍ଚ ପ୍ରକାଶ ଧଳ, ଯୁବ ନେତା ମନୋଜ କୁମାର ଦାଶ, ବିଶ୍ୱଜିତ ଦାଶ, ସମିତିସଭ୍ୟ



ରଶ୍ମୀ ରଞ୍ଜନ ଭଟ୍ଟ, ଯୁବ ନେତା ଆଶିଷ ବରାଳ, ପୂର୍ବତନ ସରପଞ୍ଚ ନରେନ୍ଦ୍ର ସ୍ୱାଇଁ, ଯୁବନେତା ବିରଜା ପଟ୍ଟନାୟକ, ମହିଳା ସଭାନେତ୍ରୀ ଜୋସ୍ନାରାଣୀ ପୃଷ୍ଟି, ସରପଞ୍ଚ ରିନାମନି ମିଶ୍ର, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ ପ୍ରମୁଖ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ରେ ବିଜୁ ଜନତା ଦଳକୁ ତୃଣ ମୂଳ ସ୍ତରରେ ସଂଗଠନ କୁ ମଜଭୁତ କରାଯିବ ସେ ସମ୍ପର୍କ ରେ ପୂର୍ବତନ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ଏହି ୨୪ ନମ୍ବର ଜୋନ ର ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ ଯୋଗ ଦେଇ କହିଥିଲେ ପ୍ରତି ପଞ୍ଚଯାତ ରେ ଥିବା ପୁରୁଣା ଅସନ୍ତୁଷ୍ଟ କର୍ମୀଙ୍କୁ ବୁଝାଇ ଦଳକୁ ଫେରାଇ ଆଣିଲେ ଦଳ ଆହୁରୀ ମଜଭୁତ ହେବ ସମସ୍ତେ ଏକାଠି ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ । ସେହିପରି ପୂର୍ବତନ ବିଧାୟକ ଶ୍ରୀ ମହାରଥୀ କହିଥିଲେ ପଂଚାୟତ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ ନିଜ ଭିତରେ ଥିବା ମତଭେଦ କୁ ଭୁଲି ସମସ୍ତେ ଏକାଠି ହୋଇ ପରିବାର ଭଳି କାମ କଲେ ଆମେ ନିଶ୍ଚୟ ଆମ ଗଡ଼ ଫେରିପାଇପାରିବା। ଗାଁ ଗହଳିରେ ଏବେ ନବୀନ ପଟ୍ଟନାୟକ ଙ୍କ ଭଳି ନେତା ଙ୍କୁ ହରାଇ ଲୋକ ମାନେ ଅନୁତାପ କରୁଛନ୍ତି। ବିଜେପି ଦଳ ସରକାରକୁ ଆସିବା ର ୩ବର୍ଷ ହେବାକୁ ବସିଲାଣି। ଲୋକ ମାନଙ୍କୁ ଦେଇଥିବା ପ୍ରତିଶୃତି ପୂରଣ କରିବା ବଦଳରେ ନିଜ ପାଣ୍ଠି ବଢିବା ପାଇଁ ସବୁ ନେତା ଓ କର୍ମୀ ଏବେ ବ୍ୟସ୍ତ ରହୁଛନ୍ତି। ଯାହା ଲୋକମାନେ ସଠିକ ସମୟରେ ଉଚିତ ଜବାବ ଦେବେ। ଆମ ସଂଗଠନ ଆମ ପରିଚୟ ଓ ଆମ ପରିବାର ସମସ୍ତେ ଏକାଠି ହୋଇ ନିଜ ଭିତରେ ଥିବା ମତାନ୍ତରକୁ ଭୁଲି ଏହି ବିଜେଡି ପରିବାରକୁ ଆଗକୁ ବଢିବା କୁ ଶପଥ ନେବା କୁ ପରାମର୍ଶ ଦେଇଥିଲେ।

ଭକ୍ତିମୟ ପରିବେଶରେ ପାଳିତ ହେଲା ମା' ଶ୍ୟାମାକାଳୀ ପୂଜା

କାକଟପୁର, ୯/୧୧ (ନି.ପ୍ର): ପବିତ୍ର କାଳୀପୂଜା ଅବସରରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ଅବସ୍ଥିତ ମା' ଶ୍ୟାମାକାଳୀଙ୍କ ପୂଜା ମହାସମାରୋହ ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କର ସ୍ନାନ, ମାର୍ଜନା ଓ ବିଧିବଦ୍ଧ ପୂଜାର୍ଚ୍ଚନା ସମ୍ପନ୍ନ କରାଯାଇଥିଲା। ପରେ ମା'ଙ୍କୁ ସୁନ୍ଦର ବେଶ ଓ ଆକର୍ଷଣୀୟ ଆଭୂଷଣରେ ସଜ୍ଜିତ କରାଯାଇ ସର୍ବସାଧାରଣ ଦର୍ଶନ ନିମନ୍ତେ ମନ୍ଦିରର ପହୁଡ଼ ଖୋଲାଯାଇଥିଲା। ମା'ଙ୍କର ଦିବ୍ୟ ବେଶ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଶ୍ରଦ୍ଧାଭାବ ପରିଲକ୍ଷିତ ହୋଇଥିଲା। ଧୂପ, ଦୀପ ଓ ମନ୍ତ୍ରପାଠରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିବାବେଳେ ମା'ଙ୍କ ଦର୍ଶନରେ ଶ୍ରଦ୍ଧାଳୁମାନେ ଆତ୍ମିକ ଶାନ୍ତି ଓ ଆନନ୍ଦ ଅନୁଭବ କରିଥିଲେ। ବିଳମ୍ବିତ ପ୍ରହରରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇ ହୋମଯଜ୍ଞ, ବଡ଼ସିଂହାର ନୀତି ଓ ସ୍ୱାଦିଷ୍ଟ ପଣା ଭୋଗ କରାଯାଇ କୁଷ୍ମାଣ୍ଡ ବଳି ଦିଆଯାଇଥିବା ମା କାଳୀ ଙ୍କର ମୁଖ୍ୟ ସେବକ ରବୀନ୍ଦ୍ର କୁମାର ଦୀକ୍ଷିତ ପ୍ରକାଶ କରିଥିଲେ।

କୋର୍ଟରେ ଆତ୍ମସମର୍ପଣ ପରେ ରାୟଗଡ଼ା ଜେଲ୍ ହାଜତକୁ ଗଲେ ପୂର୍ବତନ ରାଜ୍ୟସଭା ସାଂସଦ ଭାସ୍କର ରାଓ

ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲା

ରାୟଗଡ଼ା, ୯।୧୧ (ନି.ପ୍ର): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପୂର୍ବତନ ରାଜ୍ୟସଭା ସାଂସଦଙ୍କ ଆତ୍ମସମର୍ପଣ ପରେ ରାୟଗଡ଼ା ଜେଲ୍ ହାଜତକୁ ଗଲେ ଭାସ୍କର ରାଓ। ପୂର୍ବରୁ ମିଳିଥିବା ଜାମିନ ରଦ୍ଦ କରିଥିଲେ ସର୍ବୋଚ୍ଚ ନ୍ୟାୟାଳୟ। ୨୦୧୦ ମସିହାର ବହୁଚର୍ଚ୍ଚିତ ହତ୍ୟା ମାମଲା ପୁଣି ଚର୍ଚ୍ଚାରେ। ବହୁଚର୍ଚ୍ଚିତ ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗି ହତ୍ୟା ମାମଲାରେ ବଡ଼ ଆଇନଗତ ଘଟଣାକ୍ରମ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାୟଗଡ଼ା SDJM କୋର୍ଟରେ ଆତ୍ମସମର୍ପଣ କରିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ। ପ୍ରାୟ ୧୬ ବର୍ଷ ପୁରୁଣା ଏହି ହତ୍ୟା ମାମଲାରେ ପୂର୍ବରୁ ଅଭିଯୁକ୍ତମାନଙ୍କୁ ମିଳିଥିବା ଜାମିନ ରଦ୍ଦ କରିବା ସହ ଦୁଇ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଅକ୍ଟୋବର ୨୬ ତାରିଖରେ ସୁପ୍ରିମକୋର୍ଟଙ୍କ ଜଷ୍ଟିସ୍ ସଞ୍ଜୟ କୁମାର ଓ ଜଷ୍ଟିସ୍ ସଞ୍ଜୀବ ସଚଦେବାଙ୍କ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ହାଇକୋର୍ଟଙ୍କ ଜାନୁଆରୀ ୨୨ ତାରିଖର ଆଦେଶର ଏକ ଅଂଶକୁ ରଦ୍ଦ କରିବା ସହ ଜାନୁଆରୀ ୩୦ରେ ରାୟଗଡ଼ା ଝଡ଼ଓଗ କୋର୍ଟ ପ୍ରଦାନ କରିଥିବା ଜାମିନ ଆଦେଶକୁ ମଧ୍ୟ ରଦ୍ଦ କରିଥିଲେ ସର୍ବୋଚ୍ଚ ନ୍ୟାୟାଳୟ। ଏହି ମାମଲାରେ ଭାସ୍କର ରାଓଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ ଆଗୁଆ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଆଗୁଆ ଜାମିନ ଆବେଦନ ଖାରଜ କରିଥିଲେ ମଧ ନିମ୍ନ ଅଦାଲତରେ ଆତ୍ମସମର୍ପଣ ପରେ ନିର୍ଦ୍ଦିଷ୍ଟ ସର୍ତ୍ତରେ ନିୟମିତ ଜାମିନ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାକୁ ଆଇନସମ୍ମତ ମନେ କରିନଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ ଆଗୁଆ ଜାମିନ ଖାରଜ କରିବା ପରେ ନିମ୍ନ ଅଦାଲତ କିଭଳି ନିୟମିତ ଜାମିନ ଦେବେ,



ତାହା ହାଇକୋର୍ଟ ପୂର୍ବରୁ ନିର୍ଦ୍ଧାରଣ କରିପାରିବେ ନାହିଁ। ନିୟମିତ ଜାମିନ ଆବେଦନ ଉପରେ ମାମଲାର ତଥ୍ୟ, ଅଭିଯୋଗ ଓ ଆଇନଗତ ଦିଗକୁ ବିଚାର କରି ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ନିମ୍ନ ଅଦାଲତର ଦାୟିତ୍ୱ। ଏହି ଆଧାରରେ ପୂର୍ବ ଜାମିନ ଆଦେଶ ରଦ୍ଦ କରାଯାଇଛି। ତେବେ ଅଭିଯୁକ୍ତମାନେ ପୁଣି ନିୟମିତ ଜାମିନ ପାଇଁ ଆବେଦନ କରିପାରିବେ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୨୦୧୦ ମସିହା ଡିସେମ୍ବର ୧୫ ତାରିଖରେ ରାୟଗଡ଼ାର ଆଦିବାସୀ ନେତା ତଥା ମା' ମଝିଘରିଆଣୀ ମନ୍ଦିରର ଟ୍ରଷ୍ଟି ଭାଗୀରଥି ମାଣ୍ଡାଙ୍ଗି ନିଖୋଜ ହୋଇଯାଇଥିଲେ। ପରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ତୋଟାପଲ୍ଲୀ ଜଳଭଣ୍ଡାର ନିକଟରୁ ତାଙ୍କର ପୋଡ଼ା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହର ହାତଗୋଡ଼ ବନ୍ଧା ଅବସ୍ଥାରେ ଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଥିଲା। ମନ୍ଦିର ପରିଚାଳନାରେ ଅନିୟମିତତା ବିରୋଧରେ ସ୍ୱର ଉଠାଇଥିବାରୁ ଭାଗୀରଥିଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଓ ଆଦିବାସୀ ସଂଗଠନ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ରାୟଗଡ଼ାରେ ବ୍ୟାପକ ପ୍ରତିବାଦ ହୋଇଥିଲା। ପରବର୍ତ୍ତୀ ସମୟରେ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ମାମଲାରେ ନ୍ୟାୟ ପାଇଁ ଭାଗୀରଥିଙ୍କ ସାନଭାଇ ଜଗନ୍ନାଥ ମାଣ୍ଡାଙ୍ଗି ଦୀର୍ଘଦିନ ଧରି ଆଇନଗତ ଲଢେଇ ଜାରି ରଖିଛନ୍ତି। ୨୦୨୪ ନଭେମ୍ବର ୧୨ ତାରିଖରେ ରାୟଗଡ଼ା ଝଡ଼ଓଗ କୋର୍ଟ ଭାସ୍କର ରାଓଙ୍କ ସମେତ ଛଅଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ମାମଲାରେ ହତ୍ୟା, ଅପହରଣ, ଅପରାଧିକ ଷଡ଼ଯନ୍ତ୍ର ଓ ପ୍ରମାଣ ନଷ୍ଟ ସମ୍ପର୍କିତ ଦଫା ଲାଗିଛି। ଏବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାସ୍କର ରାଓଙ୍କ ଆତ୍ମସମର୍ପଣ ମାମଲାରେ ଏକ ନୂଆ ଘଟଣାକ୍ରମ। ଆଗକୁ ନିମ୍ନ ଅଦାଲତରେ ଜାମିନ ଓ ମାମଲାର ପରବର୍ତ୍ତୀ ଶୁଣାଣି ଉପରେ ନଜର ରହିବ। ତେବେ ଆତ୍ମସମର୍ପଣ କିମ୍ବା ଜାମିନ ରଦ୍ଦ ହେବା ଅଭିଯୋଗ ପ୍ରମାଣିତ ହେବାର ଅର୍ଥ ନୁହେଁ।

ଆଞ୍ଚଳିକ ମନ୍ଥନ

ମଙ୍ଗଳବାର, ୧୦ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday, 10 November, 2026, Bhubaneswar



ପାରାଦୀପ ବନ୍ଦର ପକ୍ଷରୁ ଭାରତୀୟ ଓ ବିଦେଶୀ ନାବିକମାନଙ୍କୁ ସ୍ୱତନ୍ତ୍ର ଦୀପାବଳି ଅଭିନନ୍ଦନ



ପାରାଦୀପ,୯/୧୧ (ନି.ପ୍ର): ଆଲୋକର ପର୍ବ ଦୀପାବଳିର ଆନନ୍ଦ ଓ ଉତ୍ସାହକୁ ସମୁଦ୍ରପଥରେ ମଧ୍ୟ ପହଞ୍ଚାଇବା ସହିତ ସାମୁଦ୍ରିକ ସମ୍ପ୍ରଦାୟ ମଧ୍ୟରେ ଆତ୍ମୀୟତା ଓ ସଦ୍ଭାବନା ବୃଦ୍ଧି କରିବା ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପ୍ରାଧିକରଣ ର ସାମୁଦ୍ରିକ (ମେରାଇନ) ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଦୀପାବଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ରବିବାର ଦିନ ପାରାଦୀପ ବନ୍ଦରର ବିଭିନ୍ନ ବର୍ଥରେ ଲଙ୍ଗର ପକାଇଥିବା ଜାହାଜଗୁଡ଼ିକରେ ଥିବା ଭାରତୀୟ ଓ ବିଦେଶୀ ନାବିକ ତଥା ଜାହାଜର କର୍ମଚାରୀ ମାନଙ୍କୁ ମିଠା ବଣ୍ଟନ କରାଯିବା ସହ ଦୀପାବଳିର ଶୁଭେଚ୍ଛା ଜଣାଯାଇଥିଲା। ନିଜ ପରିବାରଠାରୁ ଦୂରରେ ରହି ସମୁଦ୍ରରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବା ନାବିକମାନଙ୍କ ମଧ୍ୟରେ ଏହି ପଦକ୍ଷେପ ଆନନ୍ଦ ଓ ଉତ୍ସାହ ଭରିଦେଇଥିଲା। ମିଠା ବଣ୍ଟନ ଓ ଶୁଭେଚ୍ଛା ଆଦାନପ୍ରଦାନ ମାଧ୍ୟମରେ ଭାଇଚାରା, ଏକତା ଓ ସଦ୍ ?ଭାବନାର ବାର୍ତ୍ତା ପ୍ରସାରିତ ହୋଇଥିଲା। ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ନାବିକ ମାନଙ୍କ କଲ୍ୟାଣ ଓ ଏକ ସହଯୋଗପୂର୍ଣ୍ଣ ସାମୁଦ୍ରିକ ପରିବେଶ ସୃଷ୍ଟି ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଛନ୍ତି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ନାବିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ସୁଖ, ସମୃଦ୍ଧି ଓ ନିରାପତ୍ତାମୟ ଦୀପାବଳିର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ ।

କାଳୀପୂଜା ଭସାଣି ପାଇଁ ଦେବୀଗଡ଼ା ପୁରୀଘାଟରେ ମେୟରଙ୍କ ସମୀକ୍ଷା ଓ ପରିଦର୍ଶନ

କଟକ,୯।୧୧ (ନି.ପ୍ର): ଐତିହ୍ୟ, ପରମ୍ପରା, ଭାଇଚାରା ଓ ସାଂସ୍କୃତିକ ଗୌରବର ସହର କଟକର ପ୍ରସିଦ୍ଧ କାଳୀପୂଜା ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ, ସୁରକ୍ଷିତ ଓ ପରିବେଶ ଅନୁକୂଳ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଆଜି କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ଦେବୀଗଡ଼ା ପୁରୀଘାଟସ୍ଥିତ ମୂର୍ତ୍ତି ବିସର୍ଜନ ସ୍ଥଳ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ଅବସରରେ କଟକ ମହାନଗର ନିଗମର ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି ଓ ଶାନ୍ତି କମିଟିର ପ୍ରତିନିଧିମାନେ ଉପସ୍ଥିତ ରହି ଭସାଣି ଉତ୍ସବ ସମୟରେ ଆବଶ୍ୟକ ହେବାକୁ ଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ମେୟର ଶ୍ରୀ ସିଂହ ଦେବୀଗଡ଼ା ପୁରୀଘାଟରେ ମୂର୍ତ୍ତି ବିସର୍ଜନ ପାଇଁ ଉଦ୍ଦିଷ୍ଟ ସ୍ଥାନ, ଘାଟର ପରିସ୍ଥିତି, ପ୍ରବେଶ ଓ ପ୍ରସ୍ଥାନ ପଥ, ରାସ୍ତାଘାଟର ଅବସ୍ଥା, ପରିମଳ ବ୍ୟବସ୍ଥା, ଆଲୋକୀକରଣ ଏବଂ ଜନସାଧାରଣଙ୍କ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। କାଳୀପୂଜା ଭସାଣି ସମୟରେ ବିଭିନ୍ନ ପୂଜା କମିଟିର ମେଢ଼, ଶୋଭାଯାତ୍ରା ଓ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାତାୟାତ ଓ ବିସର୍ଜନ ପ୍ରକ୍ରିୟା କିପରି ସୁବ୍ୟବସ୍ଥିତ ହୋଇପାରିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କଟକ ମହାନଗର ନିଗମ ପକ୍ଷରୁ ଭସାଣି ସ୍ଥଳ ଓ ଏହାର ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଭସାଣି ପୂର୍ବରୁ, ଭସାଣି ସମୟରେ ଏବଂ ଭସାଣି ପରେ ନିୟମିତ ସଫେଇ, ଅବର୍ଜନା ସଂଗ୍ରହ ଓ ଅପସାରଣ, ଆବଶ୍ୟକ ସ୍ଥାନରେ ପରିମଳ କର୍ମଚାରୀ ନିୟୋଜନ ଏବଂ ଭସାଣି ସ୍ଥଳର ପରିଚ୍ଛନ୍ନତା ବଜାୟ ରଖିବା ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ମୂର୍ତ୍ତି ବିସର୍ଜନ ପରେ ଫୁଲ, ସାଜସଜ୍ଜା ସାମଗ୍ରୀ, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଅବର୍ଜନାକୁ ଶୀଘ୍ର ଅପସାରଣ କରି ପରିବେଶକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭସାଣି ଉତ୍ସବ ସମୟରେ ଶ୍ରଦ୍ଧାଳୁ, ପୂଜା କମିଟିର ସଦସ୍ୟ, ଶୋଭାଯାତ୍ରାରେ ଅଂଶଗ୍ରହଣକାରୀ ଏବଂ ସାଧାରଣ ଜନତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ନେଇ ଆଲୋଚନା ହୋଇଥିଲା। ଘାଟରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ନିରାପଦ ଯାତାୟାତ ପଥ, ଜନସମାଗମ ପରିଚାଳନା, ଜରୁରୀକାଳୀନ ସେବା ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଭସାଣି ସମୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନହୁଏ ଏବଂ ସମସ୍ତ ପୂଜା କମିଟି ସୁବିଧାରେ ମୂର୍ତ୍ତି ବିସର୍ଜନ କରିପାରିବେ, ସେଥିପାଇଁ ଆବଶ୍ୟକ ସମନ୍ୱୟ ଓ ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। କଟକର ପାରମ୍ପରିକ କାଳୀପୂଜା ଭସାଣି ଉତ୍ସବ ସହିତ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ମଧ୍ୟ ଏହି ପରିଦର୍ଶନରେ ପ୍ରାଧାନ୍ୟ ଦିଆଯାଇଥିଲା। ମୂର୍ତ୍ତି ବିସର୍ଜନ ପରେ ଅବଶିଷ୍ଟ ସାମଗ୍ରୀର ଉପଯୁକ୍ତ ପରିଚାଳନା, ଜଳ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଘାଟର ସ୍ୱଚ୍ଛତା ବଜାୟ ରଖିବା ଭଳି ବିଷୟଗୁଡ଼ିକର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଧାର୍ମିକ ଭାବନା ଓ ପାରମ୍ପରିକ ରୀତିନୀତିକୁ ସମ୍ମାନ ଜଣାଇବା ସହିତ ପରିବେଶ ସୁରକ୍ଷା ପ୍ରତି ସମସ୍ତଙ୍କ ସଚେତନତା ଓ ସହଯୋଗ ଜରୁରୀ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିଦର୍ଶନରେ ଶାନ୍ତି କମିଟିର ସଭାପତି ଶ୍ରୀ ଦେବେନ୍ଦ୍ର ସାହୁ ଉପସ୍ଥିତ ରହି ଭସାଣି ଉତ୍ସବର ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଟକ ସହରର ଭାଇଚାରା, ଏକତା ଓ ସାମ୍ପ୍ରଦାୟିକ ସଦ୍ଭାବର ପରମ୍ପରାକୁ ଅକ୍ଷୁଣ୍ଣ ରଖି ସମସ୍ତ ପୂଜା କମିଟି ଓ ପ୍ରଶାସନ ମଧ୍ୟରେ ସୁସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ପରିଦର୍ଶନ ଓ ସମୀକ୍ଷା କାର୍ଯ୍ୟକ୍ରମରେ ମାନ୍ୟବର ମେୟର ଶ୍ରୀ ସୁବାସ ସିଂହଙ୍କ ସହିତ ଶାନ୍ତି କମିଟିର ସଭାପତି ଶ୍ରୀ ଦେବେନ୍ଦ୍ର ସାହୁ, କଟକ ମହାନଗର ନିଗମର ଅତିରିକ୍ତ କମିଶନର ଶ୍ରୀମତୀ ସୋନା ଗୁପ୍ତ, ସ୍ୱାସ୍ଥ୍ୟ ସ୍ଥାୟୀ କମିଟିର ଅଧ୍ୟକ୍ଷା ଶ୍ରୀମତୀ ଦୀପ୍ତିମୟୀ ମୂଳିଆ, କର୍ପୋରେଟର ଶ୍ରୀମତୀ ବନଲତା ପ୍ରଧାନ, ଶ୍ରୀ ଦେବେନ୍ଦ୍ର କାହାଳି , ନୃସିଂହ ଚୌଧୁରୀ । ଦୀପାୟନ ପଟ୍ଟନାୟକ, ଶ୍ରୀ ଦେବେନ୍ଦ୍ର ପାଣିଗ୍ରାହୀ ସମେତ କଟକ ମହାନଗର ନିଗମର ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କଟକ ସହରର କାଳୀପୂଜା ଓ ଭସାଣି ଉତ୍ସବ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଏହା ସହରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଭାଇଚାରା, ପାରସ୍ପରିକ ସହଯୋଗ ଓ ସାମାଜିକ ଏକତାର ଅନନ୍ୟ ପରିଚୟ। ଏହି ଗୌରବମୟ ପରମ୍ପରାକୁ ବଜାୟ ରଖିବା ସହିତ ଭସାଣି ଉତ୍ସବକୁ ଶାନ୍ତିପୂର୍ଣ୍ଣ, ସ୍ୱଚ୍ଛ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ, ଶାନ୍ତି କମିଟି, ପୂଜା କମିଟି ଓ ସାଧାରଣ ନାଗରିକଙ୍କ ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କଟକ ମହାନଗର ନିଗମର ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁବିଧା, ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦେଇ ଐତିହାସିକ କାଳୀପୂଜା ଭସାଣି ଉତ୍ସବର ସୁପରିଚାଳନାରେ ସହଯୋଗ କରିବା। ଦେବୀଗଡ଼ା ପୁରୀଘାଟରେ ମେୟରଙ୍କ ଏହି ପରିଦର୍ଶନ ଭସାଣି ପ୍ରସ୍ତୁତିର ବିଭିନ୍ନ ଦିଗକୁ ଗୁରୁତ୍ୱ ଦେବା ସହିତ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟର ଆବଶ୍ୟକତାକୁ ପୁନର୍ବାର ଉଜାଗର କରିଛି।



କୋଇଡ଼ା ପ୍ରଶାସନର ବୁଲିଲା ବୁଲଡୋଜର ଜାତୀୟ ରାଜପଥ କଡ଼ରୁ ହଟିଲା ଜବରଦଖଲ

୧୭ଟି ବେଆଇନ ନିର୍ମାଣ ଉଚ୍ଛେଦ

କୋଇଡ଼ା, ୦୯/୧୧ (ନି.ପ୍ର): ଜାତୀୟ ରାଜପଥ କଡ଼ରେ ବେଆଇନ ଜବରଦଖଲକୁ ନେଇ ଏବେ କଠୋର ହୋଇଛି କୋଇଡ଼ା ପ୍ରଶାସନ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ



ରାଜପଥ କଡ଼ରେ ନିର୍ମିତ ବେଆଇନ ହୋଟେଲ, ଦୋକାନ ଓ ଗ୍ୟାରେଜ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।କୋଇଡ଼ା ତହସିଲଦାର ଚିନ୍ମୟ ଦାସଙ୍କ ନିର୍ଦ୍ଦେଶରେ ସୋମବାର ୫୨୦ ନମ୍ବର ଜାତୀୟ ରାଜପଥର କୋଇଡ଼ା ବାଇପାସ୍ ? ନାରାୟଣପୋଷି ଛକରେ ଉଚ୍ଛେଦ ଅଭିଯାନ ଚାଲିଥିଲା। ଜେସିବି ସାହାଯ୍ୟରେ ମୋଟ ୧୭ଟି ବେଆଇନ ନିର୍ମାଣକୁ ଭାଙ୍ଗି ହଟାଇ ଦିଆଯାଇଥିଲା।ଏହି ଅଭିଯାନରେ ତହସିଲଦାର ଚିନ୍ମୟ ଦାସ, ଅତିରିକ୍ତ ତହସିଲଦାର ନିର୍ମଳ ବିଶ୍ୱାଳ, କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ, ହୃଷୀକେଶ ପ୍ରଧାନଙ୍କ ସମେତ ପୋଲିସ ବାହିନୀ ଉପସ୍ଥିତ ଥିଲେ।ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଆଗାମୀ ଦିନରେ ୫୨୦ ନମ୍ବର ଜାତୀୟ ରାଜପଥର ରେଙ୍ଗାଲବେଡ଼ା ଓ କୁସୁମଡ଼ିହି ଛକରେ ଥିବା ବେଆଇନ ନିର୍ମାଣଗୁଡ଼ିକୁ ମଧ୍ୟ ଉଚ୍ଛେଦ କରାଯିବ। ଏହି ଅଭିଯାନ ଫଳରେ ଜାତୀୟ ରାଜପଥ କଡ଼ରେ ଜବରଦଖଲ ହଟିବା ସହ ଯାତାୟାତରେ ସୁବିଧା ହେବା ନେଇ ଆଶା ପ୍ରକାଶ ପାଇଛି।

ଡେଲାଙ୍ଗ ବିଶ୍ୱନାଥ ମୁଣ୍ଡିଆର ଚତୁଃପାର୍ଶ୍ୱ ଉନ୍ନତି ପାଇଁ ୧୦ କୋଟିରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପାଇଁ ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ



ଡେଲାଙ୍ଗ, ୯।୧୧ (ନି.ପ୍ର): ଦୀର୍ଘ ବର୍ଷର ପ୍ରତୀକ୍ଷାର ହେବ ଅନ୍ତ ହେବା କୁ ଯାଉଛି । ଡେଲାଙ୍ଗର ପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ବିଶ୍ୱନାଥ ମୁଣ୍ଡିଆର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ଓ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରସ୍ତାବିତ ଉନ୍ନୟନ ପ୍ରକଳ୍ପରେ ବିଶ୍ୱନାଥ ମୁଣ୍ଡିଆ ଉପରକୁ ଯାନବାହନ ଯାତାୟାତ ପାଇଁ ପକ୍କା ରାସ୍ତା ନିର୍ମାଣ, ଆଲୋକୀକରଣ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଯାତ୍ରୀଙ୍କ ପାଇଁ ବିଶ୍ରାମଗୃହ, ପୁରାତନ ପାହାଚର ନବୀକରଣ ଏବଂ ଆକର୍ଷଣୀୟ ଲୁହା ବାଡ଼ ନିର୍ମାଣ ଆଦି କାର୍ଯ୍ୟ ସାମିଲ ରହିଛି। ବିଶ୍ୱନାଥ ମୁଣ୍ଡିଆ ରାଜ୍ୟର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତି ଲାଭ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗ ଦେଇ କହିଛନ୍ତି। ଅନ୍ୟପକ୍ଷରେ ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମହିଳା ସଶକ୍ତୀକରଣ ଦିଗରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଡେଲାଙ୍ଗ ଅଞ୍ଚଳର ୫୦୦ ଜଣ ଲକ୍ଷପତି ଦିଦିଙ୍କୁ ନେଇ ଏକ ଏମ୍.ଏସ୍.ଏମ୍.ଇ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ମହିଳାମାନେ ଉଦ୍ୟୋଗୀ ଭାବେ ନିଜକୁ ଗଢ଼ିତୋଳିବା ସହ ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ କହିଛନ୍ତି। ବିଧାୟକ ଆଶ୍ରିତ ପଟ୍ଟନାୟକ ନିଜ ବକ୍ତବ୍ୟରେ ବିଶ୍ୱନାଥ ମୁଣ୍ଡିଆର ବିକାଶ ଦ୍ୱାରା ଅଞ୍ଚଳର ଧାର୍ମିକ ମହତ୍ତ୍ୱ ବୃଦ୍ଧି ସହ ପର୍ଯ୍ୟଟନର ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି କହିଛନ୍ତି। ସେହିପରି ବିଶ୍ୱନାଥ ଦେବ ଯଜ୍ଞ କମିଟି ପକ୍ଷରୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ ବିଡିଓ ସମୀର ବେହେରା, ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ, ସିଡିପିଓ ମମତା ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ମହିଳା ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୯।୧୧ (ନି.ପ୍ର): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୮୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ ଟି, ଆବାସ ଯୋଜନା ସମ୍ପର୍କୀୟ ୧୪ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୮ ଟି,ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୨ ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ ଟି,ଭତ୍ତା ପାଇବା ପାଇଁ ୫ ଟି ଏବଂ ଅନ୍ୟାନ୍ୟ ୧୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୯ ଟି ଅଭିଯୋଗ ର ତତକାଳ ଫଇସଲା କରାଯାଇଥିଲା।

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



କଟକ,୯।୧୧ (ନି.ପ୍ର): ଟିଗିରିଆ ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୧ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୨୮ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୩ ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଅଭିଯୋଗ ଶୁଣାଣିସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଆଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଟକ ଶ୍ରୀ ପ୍ରଶାନ୍ତ କୁମାର ନାୟକ,ଆଠଗଡ ଉପଜିଲ୍ଲାପାଳ ଅନିମେଶ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧୬ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର ନୂଆ ପଞ୍ଜୀକରଣ

କଟକ, ୯।୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା'ରେ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନୂତନ ପଞ୍ଜୀକରଣ ନିମନ୍ତେ ଆବେଦନ ଆହ୍ୱାନ କରାଯାଇଛି । ଏହି ଯୋଜନାରେ ପୂର୍ବରୁ ସାମିଲ ହୋଇନଥିବା ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକମାନେ ନିଜର ଆବେଦନ ଅନ୍‌ଲାଇନ୍ (https://owjws.odisha.gov.in) ମାଧ୍ୟମରେ ଦାଖଲ କରିପାରିବେ । ଏଥି ନିମନ୍ତେ ବିଭାଗ ପକ୍ଷରୁ ନଭେମ୍ବର ୯ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ଆବେଦନ ପୋର୍ଟାଲ ଖୋଲା ରହିବ । ଆବେଦନ କରିବାକୁ ଇଚ୍ଛୁକ ସାମ୍ବାଦିକମାନେ ବିଭାଗର ନିର୍ଦ୍ଧାରିତ ନିୟମାବଳୀ ଓ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ସହ ଅନଲାଇନରେ ଆବେଦନ କରିବେ। କଟକ ଜିଲ୍ଲାର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକ ଏହି ସୁଯୋଗର ସଦୁପଯୋଗ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବାକୁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି । ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ସେମାନଙ୍କ ପରିବାରକୁ ଚିକିତ୍ସା ଜନିତ ଆର୍ଥିକ ସହାୟତା ପ୍ରଦାନ ଦିଗରେ ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ପଦକ୍ଷେପ ।

ବିଦେଶୀ ମଦ ଜବତ, ମହିଳା ବ୍ୟବସାୟୀ ଗିରଫ

ବଲାଙ୍ଗୀର, ୯।୧୧ (ନି.ପ୍ର): ବେଆଇନ ଚୋରା ମଦ କାରବାର ଅଭିଯୋଗରେ ବଲାଙ୍ଗୀର ପୋଲିସ ପକ୍ଷରୁ ଏହି ଥାନା ଅନ୍ତର୍ଗତ ଅଲଣ୍ଡା ପଡ଼ା ଛକରେ ଚଢ଼ାଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରି ତା ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଛି । ଗିରଫ ମହିଳା ହେଲେ ଅଲଣ୍ଡା ପଡ଼ା ଗ୍ରାମର ବିଦ୍ୟାଧର ରାଉତଙ୍କ ପତ୍ନୀ ରିନାମଣି ରାଉତ । ସୂଚନା ମୁତାବକ ରିନାମଣି ଗତକାଲି ରାତିରେ ଛକରେ ଚୋରା ମଦ କାରବାର କରୁଥିବା ନେଇ ବଲାଙ୍ଗୀର ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କୁ ସୂଚନା ମିଳିଥିଲା। ସୂଚନା ଆଧାରରେ ସସ୍ମିତା ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ାଉ କରି ରିନାମଣିଙ୍କ ନିକଟରୁ ୬ଲିଟର ବିଦେଶୀ ମଦ ଜବତ କରିଥିଲେ। ଏନେଇ ଥାନାରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି।

ପାରାଦୀପରେ ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ପାଇଁ 'ପ୍ରତିମା କ୍ଲିନିକ' ଉଦଘାଟିତ : ଉପକୃତ ହେବେ ଅଞ୍ଚଳବାସୀ

ପାରାଦୀପ,୯/୧୧ (ନି.ପ୍ର): ପାରାଦୀପ ବନ୍ଦର ଉପକଣ୍ଠସ୍ଥ ତାରେଣିଗଡା ଠାରେ ଅଞ୍ଚଳର ର ବିଶିଷ୍ଟ ତଥା ବେସ ଅଭିଜ୍ଞତା ସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ରାଜକିଶୋର ମଲ୍ଲିକ ଙ୍କ ଦ୍ୱାରା 'ପ୍ରତିମା କ୍ଲିନିକ୍' ରବିବାର ଦୀପାବଳି ପର୍ବରେ ଉଦଘାଟିତ ହୋଇଯାଇଛି । ଦିର୍ଘ ୩୪ ବର୍ଷ ପାରାଦୀପ ବନ୍ଦର ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଭାବେ ରୋଗୀ ମାନଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରାଜକିଶୋର ମଲ୍ଲିକ ସେବାକୁ ବ୍ରତ ଭାବେ ପାଳନ କରି ଆସୁଥିଲେ। ତାଙ୍କର ସୁ ଚିକିତ୍ସା ପାଇଁ ବିଭିନ୍ନ ଦିଗରୁ ତାଙ୍କ ପ୍ରତି ମିଳୁଥିବା ଶୁଭେଚ୍ଛା ଆଉ ଲୋକ ପ୍ରିୟତା ତାଙ୍କୁ ଦେଇଛି ନୂତନ ଦିଶା। ଡାକ୍ତର ମଲ୍ଲିକ ଅବସର ପରେ ମଧ୍ୟ ପାରାଦୀପ ବାସୀଙ୍କୁ ନିସ୍ୱାର୍ଥପର ସେବା ଜାରି ରଖିବା ପାଇଁ ଏହି କ୍ଲିନିକ୍ ପ୍ରତିଷ୍ଠା କରିଛନ୍ତି। ସ୍ୱଳ୍ପ ମୂଲ୍ୟରେ କଟକ ଭୁବନେଶ୍ୱର ଭଳି ଅତ୍ୟାଧୁନିକ ଚିକିତ୍ସା ଏହି ପ୍ରତିମା କ୍ଲିନିକ୍ ରେ ମିଳିପାରିବ। ମୁଖ୍ୟତଃ ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ବନ୍ଧିତ ସମସ୍ତ ଚିକିତ୍ସା ଏଠାରେ କରାଯିବ। ଡାକ୍ତର ମଲ୍ଲିକ ଙ୍କୁ ପଚାରିବାରେ ମୁଁ ଦିର୍ଘ ବର୍ଷ ହେଲା ଏଠାରେ ଲୋକଙ୍କ ସେବା କରିଆସିଛି, ଲୋକମାନେ ମୋତେ ବହୁତ ଭଲ ପାଇଥାନ୍ତି, ମୋର ଧର୍ମପତ୍ନୀ ସ୍ୱର୍ଗତ ଡାକ୍ତର ପ୍ରତିମା ବେହେରା ମଧ୍ୟ ଏଠାରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରି ଥିବାରୁ ତାଙ୍କରି ସ୍ମୃତି ଉଦେଶ୍ୟରେ ନିଜକୁ ସମାଜ ସେବାରେ ସମର୍ପିତ କରି ଦେଇଛି ବୋଲି ହସି ହସି କହିଛନ୍ତି ଡାକ୍ତର ରାଜକିଶୋର ମଲ୍ଲିକ । ତେଣୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁଁ ଲୋକମାନଙ୍କର ସେବାକୁ ବ୍ରତ ଭାବେ ପାଳନ କରି ଚାଲିବେ ବୋଲି କହିବା ସହ ତାଙ୍କର ଆବର୍ତ୍ତ ମାନରେ ମଧ୍ୟ ମୋତେ ଲୋକଙ୍କ ନିକଟରେ ରହିବାରେ ସହାୟକ ହେବ ବୋଲି ଡାକ୍ତର ରାଜକିଶୋର ମଲ୍ଲିକ ପ୍ରକାଶ କରିଛନ୍ତି। କ୍ଲିନିକ୍ ଉଦଘାଟନ ରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ବିଜୟଚନ୍ଦ୍ରପୁର ମହିଳା ପରିଷଦର ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ଦାସ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ହୋଇ ଡାକ୍ତର ରାଜକିଶୋର ମଲ୍ଲିକ ଙ୍କ ଏପରି ନିଷ୍ପତ୍ତି ଓ ଉଦ୍ୟମ କୁ ପ୍ରଶଂସା କରିଥିଲେ।



ଅର୍ଥ ହଡପ ଅଭିଯୋଗରେ ଜେଲ୍ ଗଲେ ମହିଳା ସରପଞ୍ଚ

ଜଗତସିଂହପୁର, ୯।୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା, କୁଜଙ୍ଗ ବ୍ଲକ ବାଲିଆ ପଞ୍ଚାୟତର ମହିଳା ସରପଞ୍ଚ ସରୋଜିନୀ ନାୟକ ସରକାରୀ ଟଙ୍କା ହଡପ କରି, ଏବେ ଜେଲ୍ କୋଠରିରେ । ଶ୍ରୀମତି ନାୟକ ଦିନେ ଦୁଆରେ ଦୁଆରେ ବୁଲି ଭୋଟ ଭିକ୍ଷା ମାଗୁଥିଲେ, କହୁଥିଲେ ପଞ୍ଚାୟତର ବିକାଶର କଥା, ଏବେ ଭୋଟ ପାଇଲା ପରେ ନିଜର ବିକାଶରେ ଲାଗିଥିଲେ । ଏବେ ମହିଳା ସରପଞ୍ଚଙ୍କ ପ୍ରକୃତ ଉଦ୍ଦେଶ୍ୟ ଲୋକ ଲୋଚନକୁ ଆସିଛି । ମହିଳା ସରପଞ୍ଚ ଜନତାଙ୍କ ଉନ୍ନତି ପାଇଁ ଡିଣ୍ଡିମ ବଜାଉଥିବା ବେଳେ, ଏବେ ମହିଳା ସରପଞ୍ଚଙ୍କ ରୁପ ଜନସାଧାରଣ ଏବଂ ପ୍ରଶାସନ ନିକଟରେ ସବୁ ବଦଳିଗଲା । ବିକାଶର ନାରା ଦେଉଥିବା ମହିଳା ସରପଞ୍ଚଙ୍କ ମୁଣ୍ଡରେ ଏବେ ୪୭ ଲକ୍ଷ ୮୨ ହଜାର ୨୦୨ ଟଙ୍କା ତୋଷରପାତ ଧରା ପଡିଛି । ସରକାରୀ ଅର୍ଥ ହେରଫେର ଅଭିଯୋଗରେ ପ୍ରଥମେ ନିଲମ୍ବିତ ଏବଂ ଗିରଫ ମଧ୍ୟ ହୋଇଛନ୍ତି । କୁଜଙ୍ଗ ବ୍ଲକ




ବାଲିଆ ପଞ୍ଚାୟତର ମହିଳା ସରପଞ୍ଚ ସରୋଜିନୀ ନାୟକ ଗତ ୦୭ ନଭେମ୍ବରରେ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି । ପୂର୍ବରୁ ହେରଫେର ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ପଞ୍ଚାୟତର ନିର୍ବାହୀ ଅଧିକାରୀ ରଘୁନାଥ ତଳିଆ ଗିରଫ ହୋଇ ଜେଲ୍ ?ରେ ଅଛନ୍ତି । ସରକାରୀ ଅର୍ଥ ହେରଫେର ଅଭିଯୋଗ ଘଟଣାକୁ କେନ୍ଦ୍ରକରି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ବାଲିଆ ପଞ୍ଚାୟତରେ ସରକାରୀ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁଜଙ୍ଗ ବିଡ଼ିଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଘୁନାଥ ତଳିଆଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ ଏବଂ ଏହି ଘଟଣାକୁ ନେଇ କୁଜଙ୍ଗ ଥାନାରେ ଏତଲା ମଧ୍ୟ ଦେଇଥିଲା । ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପଞ୍ଚାୟତ 'ମାର୍କେଟ୍ ? କମ୍ପ୍ଲେକ୍ସ' ରୁ ଆସୁଥିବା ଭଡ଼ା ସୂତ୍ରରୁ ଟଙ୍କା, ନଦୀ ନିଲାମ ନକରି ମନଇଚ୍ଛା ଟଙ୍କା ଆଦାୟ କରିବା ଓ ବିଭିନ୍ନ ସରକାରୀ ଅନୁଦାନ ଲୋକଙ୍କୁ ନଦେଇ ନିଜେ ଲୁଟୁଥିବା ଘଟଣା ପଦାରେ ପଡିବା ପରେ, ସରପଞ୍ଚଙ୍କୁ ପୁଲିସ ଭୁବନେଶ୍ୱରରୁ ଗିରଫ କରି କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ । ତୋଷରପାତ ହୋଇଥିବା ଟଙ୍କା କିଭଳି ବାଲିଆ ପଞ୍ଚାୟତକୁ ଫେରିବ, ତାକୁନେଇ ସାଧାରଣ ଜନତାଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଗଜଲକ୍ଷ୍ମୀ ଭସାଣୀ ଶୋଭାଯାତ୍ରାରେ ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଧମକ୍

ବଲାଙ୍ଗୀର, ୯।୧୧ (ନି.ପ୍ର): ଗଜଲକ୍ଷ୍ମୀ ଭସାଣୀ ଶୋଭାଯାତ୍ରାରେ ବଲାଙ୍ଗୀର ଥାନା ଅନ୍ତର୍ଗତ ବଡ ନିନିଗାଁ ବେହେରା ସାହିରେ ମହିଳାଙ୍କ ପ୍ରତି ଅଶ୍ଳିଳ ଗାଳି ଗୁଲଜକୁ ପ୍ରତିବାଦ କରିବାରୁ ବନ୍ଧୁକ ଦେଖାଇ ମାରିବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ସୂଚନା ମୁତାବକ ବଡ ନିନିଗାଁ ବେହେରା ସାହିର ସ୍ୱର୍ଗତ ବିଶ୍ୱନାଥ ନାୟକଙ୍କ ଝିଅ ହେମଲତା ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଚଳିତ ମାସ ୧ ତାରିଖ ରାତି ୧୧ଟାରେ ପଡୋଶୀ ଜେନା ସାହିର ଗଜଲକ୍ଷ୍ମୀ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିଲା। କମଦରି ଗ୍ରାମର କୁମର ଛାଟୋଇ ଡିଜେ ଆଣି ପ୍ରସେସନ କରି ବେହେରା ସାହିକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ନିଜ ଗାଁର ପ୍ରଭାତ କୁମାର ଜେନାଙ୍କ ସହ ଆସୁଥିବା ଅନ୍ୟ ୨ଜଣ ବ୍ୟକ୍ତି ଶୋଭାଯାତ୍ରା ଦେଖୁଥିବା ଝିଅ ବୋହୁ ମାନଙ୍କୁ ଗାଁ ମୁଣ୍ଡରୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରି ଗାଳି ଗୁଲଜ କରିଥିଲେ। ଏନେଇ ହେମଲତା ପ୍ରତିବାଦ କରିବାରୁ ଆସାମୀ ମାନେ ହେମାଲତାଙ୍କୁ ଗାଳି ଗୁଲଜ କରି ଟଣା ଓଟରା କରିବାରୁ ଗ୍ରାମର ପ୍ରଶାନ୍ତ ନାୟକ ନାମକ ଜଣେ ଯୁବକ ଆସି ପ୍ରତିବାଦ କରିଥିଲେ। ଫଳରେ ଆସାମୀ ମାନେ ପ୍ରଶାନ୍ତଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଉଭୟ ପାର୍ଶ୍ୱରୁ ଭିଡ଼ି ଧରିଥିଲେ। ଗ୍ରାମବାସ ମାନେ ଆସିବାରେ ଆସାମୀ ପ୍ରଭାତ ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ଗୁଳି ଫୁଟାଇ ସମସ୍ତଙ୍କୁ ମାରିବାକୁ ଧମକ ଦେଇଥିଲା। ଭୟରେ ସମସ୍ତେ ଘରେ ପଶି ଯାଇ ଜୀବନ ରକ୍ଷା କରିଥିଲେ। ଏନେଇ ଥାନାକୁ ଫୋନ ଯୋଗେ ଜଣାଇବାରେ ପୋଲିସ ଭ୍ୟାନ ଘଟଣା ସ୍ଥଳରେ ପହଞ୍ଚିବା ଦେଖି ଆସାମୀ ମାନେ ସେଠାରୁ ପଳାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଯାଜପୁର ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଆଇନ୍ ସେବା ଦିବସ ଓ ସଚେତନତା ସଭା

ଯାଜପୁର, ୯।୧୧ (ନି.ପ୍ର): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଯାଜପୁର ମ୍ୟୁନିସପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଆଇନ୍ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶୈରାଜକ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶ୍ରୀ ନନ୍ଦ ଦିବସର ମହତ୍ତ୍ୱ ବୁଝାଇବା ସହ ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥର ସୁରକ୍ଷା ଓ ସେମାନଙ୍କ ପ୍ରଗତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାଧିକରଣ ସଚିବ ଲିପା ମହାନ୍ତି ଜିଲ୍ଲା ଓ ତାଲୁକ ସ୍ତରୀୟ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟ ପରିସର ସମ୍ପର୍କରେ ଆଲୋକପାତ କରିଥିଲେ। ମହିଳା, ଶିଶୁ, ଆର୍ଥିକ ଦୁର୍ବଳ ବ୍ୟକ୍ତି (ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍), ଦଙ୍ଗା ପୀଡ଼ିତ ଏବଂ ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକମାନଙ୍କୁ କିପରି ବିନା ମୂଲ୍ୟରେ ଆଇନ୍ ପରାମର୍ଶ ଓ ସମାନ ନ୍ୟାୟ ମିଳିପାରିବ, ସେ ବିଷୟରେ ସେ ବର୍ଣ୍ଣନା କରିଥିଲେ। ଏହି ସଭାରେ ଅତିଥି ଆଲୋଚକ ଭାବେ ସିଜେଏମ୍ ସର୍ବେଶ୍ୱର ଦାସ, ଜେଏମ୍ ଏଫ୍ ସି (ଏଲ୍ ଆର୍ ଏଣ୍ଡ ଏଲଟିଭି) ଅଂଶୁମାନ ରଥ, ଜେଏମ୍ ଏଫ୍ ସି ବୀଣାପାଣି ତାଣ୍ଡି ଏବଂ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ୧୯୮୭ ମସିହା ନଭେମ୍ବର ୯ ତାରିଖରେ ଗୃହୀତ ଆଇନ୍ ସେବା ପ୍ରାଧିକରଣ ଅଧିନିୟମ କିପରି ଜାତୀୟ ସ୍ତରରୁ ତାଲୁକ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରୁଛି, ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିସହିତ ଲୋକ ଅଦାଲତ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର ଏବଂ ବିଚାରାଳୟ ପରିସରର ସମ୍ମୁଖ କାର୍ଯ୍ୟାଳୟ ଜରିଆରେ ଉଚିତ୍ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଆଇନ୍ ସହାୟତା ଯୋଗାଇ ଦିଆଯାଉଥିବା ବିଷୟରେ ସୂଚନା ଦେଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଗଠିତ ଆଇନ୍ ସାକ୍ଷରତା କ୍ଲବ୍ ?ଗୁଡ଼ିକୁ କ୍ରିୟାଶୀଳ କଲେ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ, ଅଭିଭାବକ ଓ ବାପା-ମା'ମାନେ ମଧ୍ୟ ଆଇନଗତ ସଚେତନତା ହାସଲ କରିପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ଯୋଗଦେଇଥିବା ବିଚାରପତି, ଶିକ୍ଷକ-ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାରେ ମଧ୍ୟ ଭାଗନେଇଥିଲେ। ପ୍ରାଧିକରଣର କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଓ ସହକାରୀ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ(ନିପ୍ର) : ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପବିତ୍ର ମୋହନ ସଭାଗୃହ, କଣିହାଁ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୬୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୨ ହଜାର



୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲ୍ଲାପାଳ ଶ୍ରୀ ପ୍ରଜ୍ଞାନନ୍ଦନ ଗିରି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିଲ୍ଲିପ କୁମାର ପଟ୍ଟନାୟକ, ତାଳଚେର ଆଂଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, କଣିହାଁ ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମଧୁସ୍ମିତା ନନ୍ଦ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥ, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମ୍ବର ଲୁଗୁନ୍, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

ବନ୍ଥପଲ୍ଲୀରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭୀ ଅନୁଷ୍ଠିତ



କୁକୁଡ଼ାଖଣ୍ଡି,୯/୧୧ : କୁନି କୁନି ପିଲା ମାନଙ୍କ ଅନ୍ତର୍ନିହିତ ଗୁଣାବଳିର ପରିପ୍ରକାଶ ତଥା ସମୃଦ୍ଧ ଭାଷା ସମୃଦ୍ଧ ଓଡ଼ିଆ ଉପରେ ପର୍ଯ୍ୟବେଶୀତ କୁକୁଡ଼ାଖଣ୍ଡି ବ୍ଲକଅନ୍ତର୍ଗତ ବନ୍ଥପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ଚଳିତ ଶିକ୍ଷାବର୍ଷ ର ଶିଶୁ ମହୋତ୍ସବ 'ସୁରଭୀ-୨୦୨୬' ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭା ବିକାଶ ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ କୁକୁଡ଼ାଖଣ୍ଡି ଗୋଷ୍ଠି ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ମାଧ୍ୟମ ବୋଲି ନିଜର ସୁନ୍ଦର ବକ୍ତବ୍ୟ ମାଧ୍ୟମରେ ଦେଶ ଓ ଜାତି ପାଇଁ ଭଲକାମ କରି ସୁନାମ ଅର୍ଜନ କରିବା ଦିଗରେ ଛାତ୍ରଛତ୍ରୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଏହାସହିତ ପରିବେଶ ପ୍ରତି ଯତ୍ନବାନ ହୋଇ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜନ କରିବା ଦିଗରେ ଗୁରୁତ୍ୱ ଆରୋପ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜନା ବିଦ୍ୟାଳୟର ପ୍ରଧାନ ଶିକ୍ଷୟକ କାହ୍ନୁ ଚରଣ ଗୌଡ଼ଙ୍କ ଦ୍ୱାରା ସାଧିତ ହୋଇଥିଲା । ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ଏବିଇଓ ବସନ୍ତ କୁମାର ସେଠୀ, ବନ୍ଥପଲୀ ସରପଞ୍ଚ କାମିନୀ ନାୟକ, ସମାଜସେବୀ ଉଦୟ କୁମାର ବେହେରା, ରବି ନାରାୟଣ ପାଢ଼ୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କୈଳାଷ ବିଷୋୟୀ, ସଭାପତି ଚନ୍ଦନ ବିଷୋୟୀ, ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ୧୩ଟି କ୍ଲଷ୍ଟରରୁ ଆସିଥିବା ୩୫୫ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ଅଭିନୟ, ସଙ୍ଗୀତ, ଚିତ୍ରକଳା ପ୍ରତିଯୋଗୀତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଯୋଗୀତା ଗୁଡିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ହେବାକୁଥିବା ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ । ଉଦଯାପନୀ ଉତ୍ସବରେ କାର୍ଯ୍ୟକ୍ରମର ସଭାପତି ତଥା ଗୋଷ୍ଠି ଶିକ୍ଷାଧିକାରୀ ଓ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟରେ ବ୍ଲକର ସମସ୍ତ ସିଆରସିସି ,ବିଦ୍ୟାଳୟର ସମସ୍ତ ଶିକ୍ଷକ , ଶିକ୍ଷୟିତ୍ରୀ ଓ କର୍ମଚାରୀ ଓ ଅଞ୍ଚଳବାସୀ ପୂର୍ଣ୍ଣ ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସେଠୀ, ଅରୁଣ ପ୍ରସାଦ ଗୌଡ ସୁପରିଚାଳନା କରିଥିଲେ । ଶେଷରେ ସିଆରସିସି ରବୀନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପରିଦର୍ଶନ କଲେ ମାନ୍ୟବର ଢେଙ୍କାନାଳ ସାଂସଦ

ଅନୁଗୋଳ(ନିପ୍ର) : ମାନ୍ୟବର ଢେଙ୍କାନାଳ ସାଂସଦ ଆଜି ଅନୁଗୋଳ ଗସ୍ତରେ ଆସି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଏବଂ ମଡେଲ



କ୍ୟାରିୟର ସେଣ୍ଟର ପରିଦର୍ଶନ କରିଛନ୍ତି ।

ଏହି ପରିଦର୍ଶନ କାଳରେ ଦକ୍ଷତା ବିକାଶ ଅଭିଯାନ, ପ୍ଲେସମେଣ୍ଟ ଲିଙ୍କଡ ଟ୍ରେନିଂ ପ୍ରୋଗ୍ରାମ (ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ) ଏବଂ ନାନୋ-ୟୁନିକର୍ଣ୍ଣ ଯୋଜନାର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ଏହାସହ ସେ କାର୍ଯ୍ୟାଳୟର କର୍ମଚାରୀଙ୍କ ସହ ଆଲୋଚନା କରି ଯୁବପିଢ଼ିଙ୍କୁ ଅଧିକରୁ ଅଧିକ କୌଶଳଯୁକ୍ତ କରିବା ଏବଂ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଶାରେଦେଶ୍ୱରୀ ଆୟୁର୍ବେଦିକ ଚିକିତ୍ସାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର


ବଲାଙ୍ଗିର,୯।୧୧ : ଆଜି ଆୟୁର୍ବେଦିକ ଚିକିତ୍ସାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଇନ୍‌ଚର୍ଜ ଡେପୁଟି ସୁପରିଟେଣ୍ଡେ□ ଡା. ସଂଜିବ କୁମାର ଦୋରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ଅନେକ ରୋଗୀ ଦୂରାଦୂରାନ୍ତର ଚିକିତ୍ସିତ ହେବା ପାଇଁ ଏହି ଶିବିରରେ ଯୋଗଦାନ କରିଥିଲେ । ପ୍ରାୟ ୨୫୦ ରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦାନ କରିଥିଲେ । ଏହି ଶିବିର ସକାଳ ଘ.୮ ରୁ ଦିବା ଘ.୨ ପର୍ଯ୍ୟନ୍ତ ପରିଚାଳନା ହୋଇଥିଲା । ଏହି କାର୍ଯ୍ୟକ୍ରମକ ସହଯୋଗ କରିଥିଲେ ଡା. ବାସୁଦେବ ପତି, ପ୍ରକାଶ ଚନ୍ଦ୍ର ଦାଶ ଙ୍କ ସହଯୋଗ କରିଥିଲେ । ଡା. ସଂଜିବ କୁମାର ଦୋରା,



ଡା. ବ୍ୟାସ ଦେବ ନାଏକ, ଡା. ଅମ୍ବୁଜ କୁମାର ବିଶ୍ୱାଲ, ଡା. ରାଜ କୁମାର ମେହେର , ଡା. ଦୁଷ୍ମନ୍ତ ମେହେର, ଡା. ସରିତା ନାଏକ, ଡା. ପୂଜା ମେହେର, ଡା. ମନୀଷା ସିଂହ, ଡା. ଅଶୋକ କୁମାର ମିଶ୍ର, ଏବଂ ଦେବଦ□ ମିଶ୍ର, ଶିକ୍ଷାର୍ଥୀ ମୋନିକା ତ୍ରିପାଠି, ଦିବାଂଶି ରାଠୋର, ପ୍ରଜ୍ଞାପ୍ରଭାମିତ ହାତି, ସ୍ମୃତିସୁଚରିତା ହାତି, ଆନନ୍ଦ ତିୱାରି, ଅନୁଭବ ମିଶ୍ର, ଅଭିଷେକ ହୋତା ଏବଂ ଆୟୁର୍ବେଦିକ କଂପାନୀର କର୍ମକ□ମାନେ ସଫଳ କରିଥିଲେ । ଶେଷରେ ଡା.ସଂଜିବ କୁମାର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଶିଷ୍ଟ ଆଇନଜୀବୀ ବଳରାମ ଖୋରାଙ୍କ ଦେହାନ୍ତ

କୋରାପୁଟ,୯।୧୧(ନିପ୍ର)-ହାଇକୋର୍ଟରେ ଦୀର୍ଘ ଦିନ ଧରି ଓକିଲାତି କରିବା ସହ ନିଜର ଦୃଢ଼ ଯୁକ୍ତି ଉପସ୍ଥାପନ ପାଇଁ ଜଣାଶୁଣାବିଶିଷ୍ଟ ଆଇନଜୀବୀ ବଳରାମ ଖୋରା ଜୟପୁର ସ୍ଥିତ ନିଜ ବାସଭବନରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ର ବୟସ ୬୨ ବର୍ଷ ହୋଇଥିଲା । ତାଙ୍କର ପୈତୃକ ବାସଭାବନ ଦାମପୁଟ ଆୟୁର୍ବେଦ ସିକିତ୍ସାଳୟ ନିକଟରେ ସମାଧି ଦିଆଯାଇଥିଲା, ସମାଧି ସମୟରେ ତାଙ୍କର ୪ ଝିଅ, ଜ୍ୱାଇଁ ଓ ପୁଅ ଙ୍କ ସହ ୩ ହଜାର ରୁ ଅଧିକ ନିଜର ଆତ୍ମୀୟ ସୌଜନ୍ୟ ଉପସ୍ଥିତ ଥିଲେ ! ଜଣେ ଅତ୍ୟନ୍ତସମ୍ମାନନୀୟ ଆଇନଜୀବୀଙ୍କ ବିୟୋଗରେ କୋରାପୁଟ ଜିଲ୍ଲାର ଆଇନଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି । ଜୟପୁର ଅଦାଲତରେ ଶ୍ରୀ ଖୋରା ଜଣେ ପରିଚିତ ଏବଂ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ସେ ଜିଲ୍ଲା ଓ ସେସନ୍ସ ଜଜ୍ କୋର୍ଟରେ ଫୌଜଦାରୀ ପୁନଃବିଚାର ମାମଲା ତଥା ଉପଭୋକ୍ତା ବିବାଦ ସମେତ ବିଭିନ୍ନ ମାମଲାରେ ନିଜ ମହକିଲମାନଙ୍କ ପକ୍ଷରୁ ପକ୍ଷ ରଖୁଥିଲେ । ତାଙ୍କସହକର୍ମୀମାନେ ତାଙ୍କୁ ଜଣେ ସ୍ୱଷ୍ଟବାଦୀ ଏବଂ ଦୃଢ଼ ବିଶ୍ୱାସ ରଖୁଥିବା ଆଇନଜୀବୀ ଭାବରେ ମନେ ପକାନ୍ତି; ଅଦାଲତରେ ତାଙ୍କ ଯୁକ୍ତି ଉପସ୍ଥାପନାରେ



ଗଭୀର ପ୍ରସ୍ତୁତି ଏବଂ ଆଇନ ଉପରେ ତାଙ୍କର ଦୃଢ଼ ପକଡ଼ ସ୍ପଷ୍ଟ ବାରି ହୋଇପଡୁଥିଲା । କେବଳ ଜିଲ୍ଲା ଅଦାଲତ ନୁହେଁ, ଓଡ଼ିଶା ହାଇକୋର୍ଟରେ ମଧ ତାଙ୍କର ସୁନାମ ଥିଲା । ସେଠାରେ ସେ ଜଣେ ଜୟପୁରିଆ ଓକିଲ ଭାବରେ ପରିଚିତ ଥିଲେ, ଯିଏ ନିଜ ଜନ୍ମସ୍ଥାନର ଆଇନଗତ ପରମ୍ପରାକୁ ରାଜ୍ୟର ସର୍ବୋଚ୍ଚ ନ୍ୟାୟିକ ମଞ୍ଚ ପର୍ଯ୍ୟନ୍ତ ପହଞ୍ଚାଇଥିଲେ । କନିଷ୍ଠ ଆଇନଜୀବୀମାନେ ପ୍ରାୟତଃ ତାଙ୍କଠାରୁ ପରାମର୍ଶ ନେଉଥିଲେ ଏବଂ ତାଙ୍କ ମାର୍ଗଦର୍ଶନରେ ଏହି ଅଞ୍ଚଳର ଅନେକ ଯୁବ ଆଇନଜୀବୀ ଗଢ଼ି ଉଠିଥିଲେ । ନିଜ ବାସଭବନରେ ତାଙ୍କର ଦେହାନ୍ତ ଖବର ଶୁଣି ସହକର୍ମୀ ଆଇନଜୀବୀ, ନ୍ୟାୟିକ ଅଧିକାରୀ ଏବଂ ତାଙ୍କ ଦକ୍ଷତାରୁ ଉପକୃତ ହୋଇଥିବା ମହକିଲମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଜୟପୁର ଓକିଲ ସଂଘର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି,;ତାଙ୍କ ବିୟୋଗ ଆଇନଜୀବୀ ସମ୍ପ୍ରଦାୟ ପାଇଁ ଏକ ଅପୂରଣୀୟ କ୍ଷତି । ସେ କେବଳ ଜଣେ ଭଲ ଓକିଲ ନଥିଲେ, ବରଂ ଜଣେ ଭଲ ମଣିଷ ମଧ ଥିଲେ, ଯିଏ ସର୍ବଦା ସତ୍ୟଓ ନ୍ୟାୟ ପକ୍ଷରେ ଛିଡ଼ା ହେଉଥିଲେ ।ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି, ପି. ରମେଶ ପାତ୍ର ରାଜ୍ୟ ବାର କାଉନ ସିଲ ସଭ୍ୟ,ହେମନ୍ତ କୁମାର ଷଡ଼ଙ୍ଗୀ ମନୋଜ ପଟ୍ଟନାୟକ ଦେବାସିସ ମହାନ୍ତି ସସଦେବ ବେହେରା,ସୁନୀଲ ମହାନ୍ତି ପ୍ରସାଦ ବିଡ଼ିକା ମୁନା ପଟ୍ଟନାୟକ ଗୋକୁଳା ସୁର୍ଯ୍ୟ,ଉଦିତ ଖୋସୋଲା, ରାଜେଶ ମୌରିୟା,ଏନ ଗୋବିନ୍ଦା, ସୁରେନ୍ଦ୍ର ଖରା, ପ୍ରମିଳା ଖେମୁଣ୍ଡୁ,ହରି ବେହେରା - ନବରଙ୍ଗପୁର ଆଇନଜୀବୀମାନେ ସମାଧିସ୍ଥଳରେ ଉପସ୍ଥିତ ।

ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ(ନିପ୍ର) : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା । ୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ହଜାର ୫୦୦ ଟଙ୍କା ଓ ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

ଧର୍ମେନ୍ଦ୍ର ପ୍ରଧାନ ଙ୍କ ୩ ଦିନିଆ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ

ଅନୁଗୋଳ(ମନ୍ଥନ) : ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର ନଭେମ୍ବର ୧୦ ତାରିଖ ରୁ ୩ ଦିନିଆ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ସେ ଜିଲ୍ଲାର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ର ଉଦଘାଟନ ଓ ଭୂମିପୂଜନ କରିବା ସହ ଦଳୀୟ କାର୍ଯ୍ୟକ୍ରମ ରେ ଯୋଗଦେବେ । ନଭେମ୍ବର୧୦ତାରିଖ ସନ୍ଧ୍ୟାରେ ତାଳଚେର ରେ ପହଂଚି ତାଳଚେର ର ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳା ଠାକୁରାଣୀ ମନ୍ଦିର ର ବିକାଶ ପାଇଁ ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ବୈଠକ ରେ ଯୋଗଦେବେ । ନଭେମ୍ବର ୧୧ ତାରିଖ ସକାଳ ନଅ ଟାରେ ତାଳଚେର ହାଟ ତୋଟା ଠାରେ ପ୍ରଜାମଣ୍ଡଳ ଭବନ ର ନୂତନ ଗୃହ ର ଉଦଘାଟନ କରିବେ । ପରେ ଦିନ ୧୧ ଟାରେ ଅନୁଗୋଳ ଗୁରୁଡି ଠାରେ ସୂର୍ଯ୍ୟବନ ପ୍ରକଳ୍ପ ର ଭୂମିପୂଜନ କାର୍ଯ୍ୟକ୍ରମ ରେ ଯୋଗଦେବେ । ଦିନ ୩ ଟାରେ ଅନୁଗୋଳ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ପଦଯାତ୍ରା ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ନଭେମ୍ବର ୧୨ ତାରିଖ ତାଳଚେର ରୁ ଢେଙ୍କାନାଳ ଗସ୍ତ କରି ଢେଙ୍କାନାଳ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ଗଣତନ୍ତ୍ର ବଞ୍ଚାଓ ଅରାଜକତା ହଟାଓ ପଦଯାତ୍ରା ରେ ଯୋଗଦେବେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧମ ସଂଯୋଜକ ପର୍ଶୁରାମ ବାରିକ ସୂଚନା ପ୍ରଦାନ କରିଛନ୍ତି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓ ଜିଲ୍ଲା ର ସମସ୍ତ ବିଧାୟକ ସମସ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିବେ । ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ବ୍ୟବସାୟୀଙ୍କ ସ୍ମୃତିରେ ପାରାଦୀପ ବଣିକ ସଙ୍ଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ପାରାଦୀପ,୯।୧୧ - ପାରାଦୀପ ର ବରିଷ୍ଠ ବ୍ୟବସାୟୀ ତଥା ହାର୍ଡୱାର ଦୋକାନ କରିଥିବା ପାରାଦୀପ ପୋର୍ଟ ବଣିକ ସଂଘର ସଭ୍ୟ ନବଘନ ପରିଡା (୬୪) ଙ୍କ ଗତ ନଭେମ୍ବର ୩ ତାରିଖ ମଙ୍ଗଳ ବାର ଦିନ ଏକ ସଡ଼କ ଦୃଘଟଣାରେ ମୃର୍ତ୍ତ୍ୟୁ ବରଣ କରିଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବଣିକସଙ୍ଘରେ ଶୋକର ଛାୟା ଖେଳିଯାଇଥିଲା । ସ୍ୱର୍ଗତ ପରିଡା ଜଣେ ମିଳାପି, ମିଷ୍ଟଭାଷୀ ଓ ସାଧାରଣ




ମଣିଷ ଭାବେ ଜୀବନ ଯାପନ କରି ଚାଲୁଥିବା ବେଳେ ପାରାଦ୍ୱୀପ ଉଦୟବିହାର ରେ ନିଜ ବାସ ସ୍ଥାନ ରୁ ଗତ ୩ତାରିଖରେ ଘରୁ ପାରାଦ୍ୱୀପ ଅଭିମୁଖେ ଆସୁଥିବା ସମୟରେ ତାଙ୍କ ପଛପଟୁ ଏକ ଟ୍ରକ ଧକ୍କା ଦେଇଥିଲା । ତାଙ୍କୁ ତୁରନ୍ତ ଅଠରବାଙ୍କୀ ଚିକିତ୍ସାଳୟକୁ ନିଆ ଯାଇଥିଲେ ସୁଦ୍ଧା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସ୍ମୃତିରେ ପାରାଦ୍ୱୀପ ବଣିକ ସଂଘରେ ଏକ ସ୍ମୃତି ସଭା ଆୟୋଜନ କରାଯାଇ ଥିଲା । ଉକ୍ତ ସ୍ମୃତିସଭାରେ ବଣିକସଙ୍ଘ ର ସଭାପତି ଅମୀୟ କୁମାର ପାଣି, ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, ସହ ସମ୍ପାଦକ ଶଶିକାନ୍ତ ଦାସ, କୋଷାଧକ୍ଷ ଶମ୍ଭୁନାଥ ଖୁଣ୍ଟିଆ, ଶିଶିର ନାୟକ, ଜିତେନ୍ଦ୍ର ଦାସ, ପ୍ରୀତିରଞ୍ଜନ ମହାପାତ୍ର, ତାପସ ପରିଡ଼ା, ପ୍ରକାଶ ନାୟକ ଙ୍କ ସମେତ ଶତାଧିକ ବ୍ୟବସାୟୀ ଦୋକାନ ବନ୍ଦ ରଖି ଶୋକ ସଭାରେ ସାମିଲ ହେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଦୁଃଖଦ ଖବର ସଂଘ ର ମୁଖ୍ୟ ଉପଦେଷ୍ଟା ତଥା ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଅମର ଆତ୍ମାର ସଦଗତି କାମନା କରିବାସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ମାଗଣା କୋଚିଂ କାର୍ଯ୍ୟକ୍ରମ

ପାରାଦୀପ,୯।୧୧ : ସାମାଜିକ ବିକାଶ କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଔଝଡ ଫାଉଣ୍ଡେସନ୍ । ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଏହି ତିନୋଟି ଗ୍ରାମ ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ଓ ସୁଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନଭେମ୍ବର ୯ ତାରିଖରେ ଢିଙ୍କିଆ ସ୍ଥିତ କପ୍ତଶ୍ୱର ବିଦ୍ୟାପୀଠ ଠାରେ ମାଗଣା ହାଇସ୍କୁଲ୍ କୋଚିଂ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ଼ର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅଭିନବ ପଦକ୍ଷେପ ଆଖପାଖ ଅଞ୍ଚଳର ଶିଶୁ ଓ କିଶୋର କିଶୋରୀଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ବୃଦ୍ଧି କରିବା ସହ ସମାବେଶୀ ବିକାଶ ପ୍ରତି ସଂସ୍ଥାଦ୍ୱୟର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।






ଏହି କାର୍ଯ୍ୟକ୍ରମ ଅଧୀନରେ ତିନୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ସରକାରୀ ହାଇସ୍କୁଲ୍‌ରେ ଅଧ୍ୟୟନରତ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ମାଗଣାରେ ଶିକ୍ଷାଦାନ ଓ କୋଚିଂ ସୁବିଧା ପାଇପାରିବେ । ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ବିଷୟଭିତ୍ତିକ ଶିକ୍ଷାଦାନ ଓ ମାର୍ଗଦର୍ଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷାଗତ ଦକ୍ଷତା ବୃଦ୍ଧି, ବିଭିନ୍ନ ବିଷୟରେ ଉତ୍ତମ ବୁଝାମଣା ଏବଂ ବିଦ୍ୟାଳୟ ଓ ବୋର୍ଡ ପରୀକ୍ଷା ପାଇଁ ଉପଯୁକ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯିବ । ଏହି କାର୍ଯ୍ୟକ୍ରମ ଦ୍ୱାରା ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ଏହାଦ୍ୱାରା ପରିବାର ଉପରେ କୌଣସି ଆର୍ଥିକ ବୋଝ ନ ପକାଇ ପିଲାମାନେ ଅତିରିକ୍ତ ଶିକ୍ଷାଗତ ସହାୟତା ପାଇପାରିବେ ।ଅଞ୍ଚଳର ଅନେକ ପରିବାର ଦୀର୍ଘଦିନ ଧରି ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ନିଜ ପିଲାମାନଙ୍କୁ ଅତିରିକ୍ତ ଶିକ୍ଷାଦାନ ଓ କୋଚିଂ ସୁବିଧା ଯୋଗାଇଦେବାକୁ ଅଭିଭାବକମାନେ ଇଚ୍ଛା କରୁଥିଲେ ମଧ ଘରୋଇ ଟ୍ୟୁସନ୍‌ର ଅଧିକ ଖର୍ଚ୍ଚ ବହନ କରିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନଥିଲା, ଫଳରେ ଅନେକ ମେଧାବୀ ଛାତ୍ରଛାତ୍ରୀ ଆବଶ୍ୟକ ଅତିରିକ୍ତ ମାର୍ଗଦର୍ଶନରୁ ବଞ୍ଚିତ ହେଉଥିଲେ ।

ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ

କାକଟପୁର, ୯।୧୧ :- କାକଟପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଲତାହାରଣ ମଣ୍ଡଳ ବିଜେପି ସଭାପତି ରାକେଶ କୁମାର ବିଶ୍ୱାଳଙ୍କୁ ଆକ୍ରମଣ ଓ ଲୁଟ୍ ଅଭିଯୋଗ ଘଟଣାରେ କାକଟପୁର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ କାକଟପୁର ଥାନା ଅନ୍ତର୍ଗତ ବଳରା ଗ୍ରାମର ସୁରେଶ ଚନ୍ଦ୍ର ଭୋଇଙ୍କ ପୁଅ ଅଜୁ ଓରଫ ଅଜୟ କୁମାର ଭୋଇ (୪୬) ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୬ ତାରିଖରେ ରାକେଶ କୁମାର ବିଶ୍ୱାଳ ବିଭିନ୍ନ ଜନସମସ୍ୟା ସମ୍ପର୍କରେ ଅଭିଯୋଗ ଜଣାଇବା ପାଇଁ କାକଟପୁର ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରୁ ନିଜ ମୋଟରସାଇକେଲ ଯୋଗେ ଫେରିବାକୁ ବାହାରିବା ସମୟରେ କିଛି ବ୍ୟକ୍ତି ତାଙ୍କୁ ଅଟକାଇ ମାଡ଼ ମାରିଥିବା ନେଇ ସେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଆକ୍ରମଣକାରୀମାନେ ତାଙ୍କୁ ମୁଥ ଓ ଗୋଇଠା ମାରିବା ସହ ପୁନର୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଆସିଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏଥିରେ ତାଙ୍କ ଛାତି ଓ ମୁଣ୍ଡରେ ଆଘାତ ଲାଗିଥିବା ମଧ ସେ ଅଭିଯୋଗ କରିଛନ୍ତି ।



ଏଥିସହ ଆକ୍ରମଣକାରୀମାନେ ତାଙ୍କ ହାତଘଣ୍ଟା, ପ୍ରାୟ ୨୦ ଗ୍ରାମ ଓଜନର ସୁନାଚେନ୍, ନଗଦ ୬ ହଜାର ଟଙ୍କା ଓ ପର୍ସରେ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଛଡ଼ାଇ ନେଇଥିବା ସେ ଅଭିଯୋଗ କରିଥିଲେ ।

ଏହି ଅଭିଯୋଗ ଆଧାରରେ କାକଟପୁର ଥାନା ପୁଲିସ କେସ୍ ନଂ ୪୧୩, ତାରିଖ ୦୬.୧୧.୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅଭିଯୋଗକାରୀ ଓ ଅନ୍ୟ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲେ । ଆହତ ରାକେଶଙ୍କୁ ଚିକିତ୍ସା ଓ ଡାକ୍ତରୀ ପରୀକ୍ଷା ପାଇଁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ତଦନ୍ତରେ ମିଳିଥିବା ପ୍ରାଥମିକ ତଥ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ଅଜୟ କୁମାର ଭୋଇଙ୍କୁ ଗିରଫ କରାଯାଇ କାକଟପୁର ଜେଏମ୍‌ଏଫ୍‌ସି ଅଦାଲତରେ ହାଜର କରିବା ପାଇଁ ପଠାଯାଇଛି । ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ଅଭିଯୋଗ ହୋଇଥିବା ଲୁଟ୍ ସାମଗ୍ରୀ ଉଦ୍ଧାର ସମ୍ପର୍କରେ ପୁଲିସର ଅଧିକ ତଦନ୍ତ ଜାରି ରହିଛି ।

ଜଗତସିଂହପୁର ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା -୨୦୨୬ ଉଦଘାଟିତ

ଜଗତସିଂହପୁର,୦୯।୧୧ : ଜଗତସିଂହପୁର ଜିଲ୍ଲା ସ୍ତରୀୟ ଛାୟା ସଂସଦ ୨୦୨୬ ପ୍ରତିଯୋଗିତା ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ତରିକୁନ୍ଦ ପରିସରରେ ମହା ଆଡ଼ମ୍ବରରେ ଉଦଘାଟିତ ହୋଇଯାଇଛି । ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିମାନେ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୋମନାଥ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ସୁଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷାଅଧିକାରୀ ଲକ୍ଷେହୀରା ଲାବଣ୍ୟ ବତୀ ବେହେରା, ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି, ରଘୁନାଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ଚିନ୍ମୟ କୁମାର ରାଉତ ସନମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଜିଲ୍ଲାର ୧୮ଟି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୭୨ଜଣ ପ୍ରତିଯୋଗୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ, ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତରିକୁନ୍ଦର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରୀତି ମଞ୍ଜରୀ ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ । ବରିଷ୍ଠ ଅଧାପକ ହୃଦାନନ୍ଦ ସ୍ୱାଇଁ, ମନୋଜ କୁମାର ମିଶ୍ର ଏବଂ ପ୍ରତାପ କୁମାର ଲେଙ୍କା ବିଚାରକ ଭାବରେ ଯୋଗ ଦେଇ ସ୍ୱଚ୍ଛ ମୂଲ୍ୟାୟନ କରିଥିଲେ । ପି ଏମ ଶ୍ରୀ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୈତ୍ରୀ ସାହୁ ଏବଂ ପି ଏମ ଶ୍ରୀ ନରେନ୍ଦ୍ର ନାଥ ବିଦ୍ୟାପୀଠ ପୁନଙ୍ଗ ର ଛାତ୍ରୀ ତୃପ୍ତି ଗୋସ୍ୱାମୀ ଜିଲ୍ଲାରୁ



ଶ୍ରେଷ୍ଠ ଭାବରେ ବିବେଚିତ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା 'ଛାୟା ଜାତିସଙ୍ଘ ' ପାଇଁ ମନୋନୀତ ହୋଇ ଥିବାରୁ ଉଦଯାପନୀ ସଭାରେ ମଂଚାସୀନ୍ନ ଅତିଥିମାନେ ସେମାନଂକୁ ମେମେଣ୍ଟୋ, ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ପୂରଣ ର ପ୍ରଧାନ ଶିକ୍ଷକ ଅଶୋକ କୁମାର ମାଦେଳିଙ୍କ ସହ ସରକାରୀ ଉଚ୍ଚ ବିଦ୍ୟାଳୟ, ତରିକୁନ୍ଦର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଏହି ପ୍ରତିଯୋଗିତାକୁ ସଫଳ ରୂପାୟନ କରିବାରେ ସହାୟତା ପ୍ରଦାନ କରିଥିଲେ ।

ବଲାଙ୍ଗୀର ସ୍ୱାଭିମାନ ମଂଚ :ସମସ୍ତ ପ୍ରତିଯୋଗୀତା ମୂଳକ ପରୀକ୍ଷା କେନ୍ଦ୍ର ବଲାଙ୍ଗୀରରେ ହେଉ

ବଲାଙ୍ଗିର,୯।୧୧ : ଦୀପାବଳୀର ପବିତ୍ର ଦିବସରେ ବଲାଙ୍ଗୀର ସ୍ୱାଭିମାନ ମଂଚର ଏକ ବିଶେଷ ଅଧିବେଶନରେ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବକ୍ତବ୍ୟରେ ସମ୍ମାନନୀୟ ଅତିଥି ବାମଦେବ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଏଡଭୋକେଟ ଉମାକାନ୍ତ ସାହୁ ମଂଚାସୀନ ଥିଲେ । ବଲାଙ୍ଗୀର ଜନ ସାଧାରଣଙ୍କ ସମସ୍ୟା ଉପସ୍ଥାପନାରେ ଗଣମାଧ୍ୟମଙ୍କ ଅନନ୍ୟ ସହଯୋଗକୁ ସଦସ୍ୟମାନେ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଆଗକୁ ଏହା ଜାରି ରହିବ ବୋଲି ସମସ୍ତେ ଆଶା ପୋଷଣ କରିଥିଲେ । ସଭା ଶେଷରେ ଶ୍ରୀ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ଏହି ସଭାରେ ଡ, ପ୍ରଶାନ୍ତ ପ୍ରଧାନ ,ଶ୍ରୀ ତ୍ରିଲୋଚନ



ବଲାଙ୍ଗୀରର ଜନ ସାଧାରଣ ତଥା ସମସ୍ତ ଗଣ ମାଧ୍ୟମକୁ ଦୀପାବଳୀର ଶୁଭେଚ୍ଛା ଓ ଅଭିନନ୍ଦନ ବ୍ୟକ୍ତ କରା ଯାଇଥିଲା । ଆଲୋକର ଏହି ପର୍ବ ସମସ୍ତଙ୍କ ଜୀବନକୁ ଆଲୋକ ମୟ କରୁ ବୋଲି ସଭ୍ୟମାନେ ମତ ବ୍ୟକ୍ତ କରିଥିଲେ । ଡକ୍ଟର ପ୍ରେମଚାନ୍ଦ ମହାପାତ୍ର ,ସୁରେନ୍ଦ୍ର ତ୍ରିପାଠୀ,ଭକ୍ତବନ୍ଧୁ ଯୋଷୀ,ଜ୍ୟୋତିରାଜ ନାଗ ,ରାଘବ ଷଡଙ୍ଗୀ ,ବୁଠି ବେହେରା ,ପ୍ରଶାନ୍ତ କୁମାର ଯୋଷୀ,ମୁରାରୀ ପ୍ରସାଦ ସାହୁ ,ଚି□ରଞ୍ଜନ ପୁରୋହିତ,ବାସୁଦେବ ରଥ ପ୍ରମୁଖ ନିଜ ମତ ରଖିଥିଲେ ।

ଜୟ କିଷାନ ମଲ୍ଟିପରପସ ସୋସାଇଟିର ୧୬ତମ ପ୍ରତିଷ୍ଠା ଦିବସ ପାଳିତ

ଜଗତସିଂହପୁର,(ମନ୍ଥନ)୮/୧୧-ରବିବାର ପୂର୍ବାହ୍ନ ୧୧ଟା ସମୟରେ ଜୟ କିଷାନ ଅନୁଷ୍ଠାନ ପରିସରରେ ସଭାପତି ଚଣ୍ଡୀ ପ୍ରସାଦ ସିଂହଙ୍କ ଅଧକ୍ଷତାରେ ୧୬ତମ ପ୍ରତିଷ୍ଠା ଦିବସ ଓ ୬ଷ୍ଠ ବେଷ୍ଟ କୋଅପରେଟିଭ ଆୱାର୍ଡ ପାଳନ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଡିଆରସିଏସ ଲଳିତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ସମ୍ମାନୀତ ଅତିଥି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ବିଷ୍ଣୁପ୍ରିୟା ବଳ, ଅବସରପ୍ରାପ୍ତ ଏସଏଆରସିଏସ ଶଶୀ ଶେଖର ରଥ ପ୍ରମୁଖ ଯୋଗଦେଇ କୋଅପରେଟିଭ ସଂସ୍ଥା,ଏହାର ଲକ୍ଷ୍ୟ, ସଞ୍ଚୟ ଓ ନିବେଶ ସମ୍ବନ୍ଧରେ ମତ ରଖିଥିଲେ । ଅନ୍ୟ ରାଜ୍ୟରେ ସମବାୟ ସମିତି ଜାତୀୟ କରଣ ବ୍ୟାଙ୍କଠାରୁ କିପରି ଅଧିକ କାମ



କରୁଛି ତାହା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ରମେଶ ଚନ୍ଦ୍ର ଦାଶ କୃଷି ଏବଂ କୃଷକର ଅଗ୍ରଗତିରେ କୋଅପରେଟିଭ ସୋସାଇଟ କିପରି ସେତୁବନ୍ଧ ଭଳି କାମ କରୁଛି ତାହା ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସୁରେଶ ଚନ୍ଦ୍ର ରାଉତ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ଓ ସବୁ ବର୍ଗର ଲୋକଙ୍କୁ ସଞ୍ଚୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ସ୍ଥାନୀୟ ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ବିଷ୍ଣୁପ୍ରିୟା ବଳ କହିଲେ ଯେ,ଜୟ କିଷାନ ଅନୁଷ୍ଠାନ ତାର ସଦସ୍ୟମାନଙ୍କୁ ତ୍ୱରିତ ସେବା ପ୍ରଦାନ ସହ ଆର୍ଥିକ ଅଭିବୃଦ୍ଧିରେ ସହାୟତା ପ୍ରଦାନ କରି ସଦସ୍ୟମାନଙ୍କର ନିକଟତର ହୋଇପାରିଛି । ସୋସାଇଟିର ସଂପାଦକ ନାରାୟଣ ଚନ୍ଦ୍ର ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ । ଏକ ଶହରୁ ଉର୍ଦ୍ଧ୍ୱ ସଦସ୍ୟ ଏବଂ ୧୬ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ମାନପତ୍ର ଓ ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଶ୍ରୀ ଲକ୍ଷ୍ମଣ କୁମାର ଦାସ, କ୍ରିଷ୍ଣାନନ୍ଦପୁର ବ୍ରାଞ୍ଚ ହେଡ ମନୋଜ କୁମାର ସ୍ୱାଇଁ, ହିମାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଭିଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104 , Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ